



# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS


ବର୍ଷ- ୧୧ ସଂଖ୍ୟା-୨୩୩ ଭୁବନେଶ୍ୱର ବୁଧବାର, ମଇ ୧୪.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.233 Bhubaneswar, Wednesday, May 14, 2025


# ପ୍ରକାଶ ପାଇଲା ସିବିଏସଇ ଦଶମ ରେଜଲ୍ଟ

## ପୁଅଙ୍କୁ ପଛରେ ପକାଇ ବାଜି ମାରିଲେ ଝିଅ




ନୂଆଦିଲ୍ଲୀ,୧୩/୫: ପ୍ରକାଶ ପାଇଲା ସିବିଏସଇ ଦଶମ ପରୀକ୍ଷା ଫଳ । ଦଶମରେ ମୋଟ୍ ପାସ୍ ହାର ୯୩.୬୬ ପ୍ରତିଶତ । ଗତବର୍ଷ ତୁଳନାରେ ବଢ଼ିଲା ପାସ୍ ହାର । ଗତବର୍ଷ ୨.୩୭ ପ୍ରତିଶତ ପାସ୍ ହାର ବୃଦ୍ଧି । ପରୀକ୍ଷା ଫଳ ପ୍ରକାଶ ପରେ ଛାତ୍ରଛାତ୍ରୀଙ୍କ ଭିତରେ ଉତ୍ସାହ । ଛାତ୍ରଙ୍କ ତୁଳନାରେ ବି ଛାତ୍ରୀଙ୍କ ପାସ୍ ହାର ଅଧିକ । ଛାତ୍ରୀଙ୍କ ପାସ୍ ହାର ୯୫ ପ୍ରତିଶତ ଥିବାବେଳେ ପୁଅଙ୍କ ପାସ ହାର ୯୨.୬୨ ପ୍ରତିଶତ । ଭୁବନେଶ୍ୱର ରିଜିଅନରେ ପାସ୍ ହାର ୯୨.୬୪ ପ୍ରତିଶତ ରହିଛି । ତେବେ www.cbse.gov.in, cbseresults.nic.in ରେ ରେଜଲ୍ଟ ଦେଖି ପାରିବେ ଛାତ୍ରଛାତ୍ରୀ । digilocker.gov.in ସହ ଉମଙ୍ଗ ଆପରେ ମଧ ରେଜଲ୍ଟ ଦେଖିବା ସହ ମାର୍କସିଟ୍ ଡାଉନଲୋଡ୍ କରିହେବ । ଚଳିତବର୍ଷ ସାରା ଦେଶରେ ୧୮ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସିବିଏସଇ ଦଶମ ପରୀକ୍ଷା ଦେଇଥିଲେ । ସେପଟେ ଆଜି ମଧ ପ୍ରକାଶ ପାଇଛି ସିବିଏସଇ ପରୀକ୍ଷା ଫଳ । ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି । ଦ୍ୱାଦଶରେ ପାସ ହାର ୮୮.୩୯ ପ୍ରତିଶତ ରହିଛି ।

### ଓଡ଼ିଶାରେ ପାସ୍‌ହାର ୭୮.୭୪ପ୍ରତିଶତ

ଭୁବନେଶ୍ୱର, ୧୩/୫: ପ୍ରକାଶ ପାଇଛି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପରୀକ୍ଷା ଫଳାଫଳ । ଚଳିତ ବର୍ଷ ଓଡ଼ିଶାରେ ପାସହାର ୭୮.୭୪ପ୍ରତିଶତ ରହିଛି । ୪୦ହଜାର ୭୨୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୩୨ହଜାରରୁ ଅଧିକ ଛାତ୍ରଛାତ୍ରୀ ପାସ କରିଛନ୍ତି । ଭୁବନେଶ୍ୱର ଜୋନରେ ମୋଟ ୮୩.୬୪ପ୍ରତିଶତ ପାସ୍‌ହାର ରହିଥିବା ବେଳେ ସେଥିମଧ୍ୟରୁ ୭୭.୦୫ ପ୍ରତିଶତ ଛାତ୍ରୀ ରହିଛନ୍ତି ଏବଂ ୮୦.୭୭ପ୍ରତିଶତ ଛାତ୍ର ପାସ କରିଛନ୍ତି ।

# ଆଣ୍ଡାମାନ ଛୁଇଁଲା ମୌସୁମୀ ବାୟୁ



ନୂଆଦିଲ୍ଲୀ,୧୩/୫: ଆଣ୍ଡାମାନ ଛୁଇଁଲା ମୌସୁମୀ ବାୟୁ । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ସାଗର ଛୁଇଁଛି । ଆଣ୍ଡାମାନ ସାଗରରେ ପାଦ ଥାପିବା ପରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ବଙ୍ଗୋପସାଗର, ଦକ୍ଷିଣ ଆଣ୍ଡାମାନ ସାଗର, ନିକୋବର ଦୀପ ଏବଂ ଉତ୍ତର ଆଣ୍ଡାମାନ ସାଗରର କିଛି ଅଞ୍ଚଳକୁ ଅଗ୍ରସର ହୋଇଛି । ଏନେଇ ସୂଚନା ଦେଇଛି ଭାରତୀୟ ପାଣିପାଗ ବିଭାଗ । ତେବେ ୧୩ ତାରିଖ ଦିନ ମୌସୁମୀ ବାୟୁ ଆଣ୍ଡାମାନ ଛୁଇଁବା ନେଇ ପୂର୍ବରୁ ଆକଳନ କରିଥିଲା ପାଣିପାଗ ବିଭାଗ । ମେ' ୧୩ରେ ଆଣ୍ଡାମାନ ଛୁଇଁବା ପରେ ମୌସୁମୀ ୨୭ ମେ'କେରଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଜି ଆଣ୍ଡାମାନ ଛୁଇଁବା ପରେ ଆସନ୍ତା ୨୭ରେ କେରଳ ଛୁଇଁବା ନେଇ ଆକଳନ କରାଯାଇଛି ।

# ଯବାନଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ,୧୩/୫: ଯବାନଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପଞ୍ଜାବ ଆଦମପୁର ଏୟାରବେସରେ ଯବାନଙ୍କୁ ଭେଟି ଆଲୋଚନା କରିଛନ୍ତି ମୋଦୀ । ଆଜି ସକାଳେ ସକାଳେ ଆଦମପୁର ଗସ୍ତ କରି ସେଠାରେ ଥିବା ବୀର ଯବାନମାନଙ୍କ ସହ ବୀରତ୍ୱର ମୁହୂର୍ତ୍ତ ବିତାଇଛନ୍ତି ପ୍ରଧାନମନ୍ତ୍ରୀ । ତେବେ ଭାରତ-ପାକିସ୍ତାନ ଅସ୍ତ୍ରବିରତି ପରେ ପ୍ରଧାନମନ୍ତ୍ରୀ ପ୍ରଥର ଥର ପାଇଁ ଆମ ବୀର ଯବାନଙ୍କ ସହ ସାକ୍ଷାତ କରିଛନ୍ତି । ମୋଦୀଙ୍କ ସହ କଥା ହୋଇ ଯବାନମାନେ ମଧ ଖୁସି ଥିବା ଦେଖିବାକୁ ମିଳିଛି । ଯବାନଙ୍କ ସହ ଫଟୋ ସାମ୍ନାକୁ ଆସିଥିବା ବେଳେ ଏ ଗର୍ବର ମୁହୂର୍ତ୍ତ ଦେଖିଛି ଦେଶ ।ତେବେ ପହଲଗାମ୍ ହମଲା ପରେ ପ୍ରତିଶୋଧ ନେବାକୁ ଅପରେସନ ସିନ୍ଦୂର ଜରିଆରେ ଆମ ବୀର ଯବାନମାନେ ନିଜର ଅଦମ୍ୟ ସାହସ ଦେଖାଇଥିଲେ । ୩ ସେନା ନିଜର ସାହସ ବଳରେ ପାକିସ୍ତାନକୁ ଧୂଳି ଚଟାଇଲା, ଆତଙ୍କୀଙ୍କୁ ସଫା କଲା ।



# ବିସ୍ଫୋରଣ ଗଡ଼ାଇଲା ଦୁଇ ମୁଣ୍ଡ

## ମାଛ ଧରିବାକୁ ଯିବା ବେଳେ ଭୟଙ୍କର ବିସ୍ଫୋରଣ: ଦୁଇ ମୃତ, ଯୁବକ ଗୁରୁତର

ଛତିଆ,୧୩/୫: ମାଛ ଧରିବାକୁ ଯାଉଥିବା ବେଳେ ୩ ଜଣ ମତ୍ସ୍ୟଜୀବୀ ବୋମା ବିସ୍ଫୋରଣର ଶିକାର ହୋଇଛନ୍ତି। ଯାଜପୁର ଜିଲ୍ଲା ବୈରୀ ଥାନା ଅଧୀନ ଛତିଆ ବାଇପାସ୍ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଆଜି ଅପରାହ୍ଣଷର ଭୟଙ୍କର ବିସ୍ଫୋରଣ ଘଟି ୨ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତରଙ୍କ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୃତ ବ୍ୟକ୍ତିମାନେ ହେଲେ ରାମ ପିଙ୍ଗୁଆ ଓ ମଣ୍ଟୁ ପାତ୍ର। ଆହତ ନେପାଳୀ ପୂର୍ତ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିସ୍ଫୋରଣ ପରେ ଘଟଣା ସ୍ଥଳରେ ୨ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଏକ ବାଇକ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ମୃତକଙ୍କ ଖଣ୍ଡ ବିଖଣ୍ଡିତ ଶରୀର ଏଣେ ତେଣେ ପଡ଼ିଛି। ଘଟଣାରୁ ପ୍ରକାଶ ଯେ ବଡ଼ଚଣା ଖଇରା ହାଟ ଆଦିବାସୀ ସାହିର ରାମ ପିଙ୍ଗୁଆ, ନେପାଳୀ ପୂର୍ତ୍ତି ଏବଂ ଚଣ୍ଡିତଳର ମଣ୍ଟୁ ପାତ୍ର ମାଛ ମାରିବା ଆଜି ଅପରାହ୍ଣରେ ବାହାରି ଥିଲେ। ଛତିଆ ଅଭିମୁଖେ ବାଇକ୍ (ଓଡି-୦୪ଭି-୭୭୪୭)ରେ ଡିନାମାଇଟ ନେଇ ଯାଉଥିଲେ। ଛତିଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଦେଶୀ ମଦ ଦୋକାନ ନିକଟରେ ଓହ୍ଲାଇଥିବା ସମୟରେ ଡିନାମାଇଟ ଫୁଟିଯାଇଥିଲା। ଫଳରେ ଘଟଣାସ୍ଥଳରେ ରାମ ପିଙ୍ଗୁଆ ଓ ମଣ୍ଟୁ ପାତ୍ରଙ୍କର ମୃତ୍ୟୁ ହୋଇଥିଲା। ଦୁହିଁଙ୍କର ଶରୀର ଖଣ୍ଡଖଣ୍ଡ ହୋଇ ଏଣେତେଣେ ପଡ଼ିଥିଲା। ବୈରୀ ଥାନା ଅଧିକାରୀ ଅଂଶୁମାଳା ଦାସ ସଦଳବଳ ପହଞ୍ଚି ଆହତ ନେପାଳୀ ପୂର୍ତ୍ତିକୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍ ସହ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ, ବଡ଼ଚଣା ଥାନା ଅଧିକାରୀ ଚିନ୍ମୟୀ ବେହେରା, ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ ନାୟକ ଓ ୨ ପ୍ଲାଟୁନ ଫୋର୍ସ ପହଞ୍ଚିଥିଲେ। ସାଇଣ୍ଟିଫିକ ଟିମ୍ ଜରିଆରେ ଛିନ୍ନଛତ୍ର ହୋଇ ପଡ଼ିଥିବା ଶରୀରର ଅଂଶ ଗୁଡ଼ିକୁ ଏକତ୍ରିତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

# ରାଜଧାନୀରେ 'ଆମ ବସ' ସେବା ଠପ



ଭୁବନେଶ୍ୱର,୧୩/୫: ରାଜଧାନୀରେ ଆମ ବସ୍ ସେବା ଠପ୍। ମାଷ୍ଟରକ୍ୟାଣ୍ଟିନରେ ବସ୍ ଡିପୋରେ ବସ୍ ରଖି ଆନ୍ଦୋଳନ କରୁଛନ୍ତି ଡ୍ରାଇଭର୍ ଓ କଣ୍ଡକ୍ଟର୍। ସୁରକ୍ଷା ଦାବିରେ ସେମାନେ ଆନ୍ଦୋଳନ କରୁଥିବା ଜଣାଯାଇଛି। ବିନା କାରଣରେ ଆମ ବସ୍ ର ଡ୍ରାଇଭର୍ ଓ କଣ୍ଡକ୍ଟରଙ୍କୁ ମାଡ଼ ମରାଯାଇଥିବା ବେଳେ ଏହି ଘଟଣାରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି। ମାଷ୍ଟରକ୍ୟାଣ୍ଟିନରେ ବସ୍ ଡିପୋରେ ବସ୍ ରଖି ଆନ୍ଦୋଳନ କରୁଛନ୍ତି ଡ୍ରାଇଭର୍ ଓ କଣ୍ଡକ୍ଟର୍। ସୁରକ୍ଷା ଦାବିରେ ସେମାନେ ଆନ୍ଦୋଳନ କରୁଥିବା ଜଣାଯାଇଛି। ବିନା କାରଣରେ ଆମ ବସ୍ ର ଡ୍ରାଇଭର୍ ଓ କଣ୍ଡକ୍ଟରଙ୍କୁ ମାଡ଼ ମରାଯାଇଥିବା ବେଳେ ଏହି ଘଟଣାରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି। ଆନ୍ଦୋଳନରତ କର୍ମଚାରୀମାନେ ମାଡ଼ ମାରିଥିବା ଲୋକକୁ ଗିରଫ କରିବା ଦାବିରେ ଅଟଳ ଅଛନ୍ତି। ଏଣେ ରାଜଧାନୀରେ ଆମ ବସ୍ ସେବା ଠପ୍ ହେବା ଯୋଗୁ ଯାତ୍ରୀମାନେ ହନ୍ତସନ୍ତ ହେଉଥିବାର ପରିଲକ୍ଷିତ ହେଉଛି। ଆନ୍ଦୋଳନରତ କର୍ମଚାରୀମାନେ ମାଡ଼ ମାରିଥିବା ଲୋକକୁ ଗିରଫ କରିବା ଦାବିରେ ଅଟଳ ଅଛନ୍ତି। ସରକାର ସୁରକ୍ଷା ଯୋଗାଇଦେଲେ ପୁଣି ବସ୍ ଚଳାଚଳ ସ୍ୱାଭାବିକ ହେବ ବୋଲି ଆନ୍ଦୋଳନରତ କର୍ମଚାରୀ କହିଛନ୍ତି। ଏଣେ ରାଜଧାନୀରେ ଆମ ବସ୍ ସେବା ଠପ୍ ହେବା ଯୋଗୁ ଯାତ୍ରୀମାନେ ହନ୍ତସନ୍ତ ହେଉଥିବାର ପରିଲକ୍ଷିତ ହେଉଛି।

# ମୟୂରଭଂଜ ବାସୀଙ୍କୁ ୪୨୦ କୋଟି ଭେଟି

## ଗତ ୧୧ ମାସରେ ଆମେ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ସମର୍ଥ ହୋଇଛୁ: ମୁଖ୍ୟମନ୍ତ୍ରୀ



### ୩୨୮ କୋଟିର ୧୩୩ ପ୍ରକଳ୍ପ ଉଦଘାଟିତ

ଭୁବନେଶ୍ୱର/ବିଶୋଇ,୧୩/୫: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମୟୂରଭଞ୍ଜର ବିଶୋଇ ଠାରେ ଜିଲ୍ଲାର ବିଭିନ୍ନ ବ୍ଲକ ପାଇଁ ୪୨୦ କୋଟିରୁ ଉର୍ଦ୍ଧ୍ୱଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ, ବିଶୋଇ ବ୍ଲକ ମୁଖ୍ୟାଳୟ ଠାରେ ଏକ +୨ ମହାବିଦ୍ୟାଳୟ ସ୍ଥାପନ କରିବା ପାଇଁ ଓ ବିଶୋଇ ସ୍ଥିତ ମିନି ଷ୍ଟାଡିଅମକୁ ମହାପୁରୁଷ ଧରଣୀଧର ନାଏକଙ୍କ ନାମରେ ନାମିତ କରିବା ଏବଂ ସେଠାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାପାଇଁ ମଧ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଜିଲ୍ଲାର ବିଭିନ୍ନ ବ୍ଲକ ପାଇଁ ୪୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ମଧ୍ୟରେ ୩୨୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୩୩ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ୯୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୫୨ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଶୋଇ ମିନିଷ୍ଟାଡିଅମ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ମୟୂରଭଞ୍ଜ ଜିଲ୍ଲାର ବିକାଶ ଯାତ୍ରାରେ ଏ ସବୁ ପ୍ରକଳ୍ପ ଗୁଡ଼ିକ ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିଲା। ଆଜି ଦିନଟି ଜିଲ୍ଲାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ସମସ୍ତ ପ୍ରକଳ୍ପ ଗୁଡ଼ିକ ରାଇରଙ୍ଗପୁର, କୁସୁମି, ବିଜାତଳା, ବହଳଦା, ଜାମ୍‌ଦା, ତିରିଂ ଅଞ୍ଚଳରେ ବିକାଶର ଏକ ନୂଆଧାରା ସୃଷ୍ଟି କରିବା ସହିତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ। ଏହି ସବୁ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ, ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ, ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତି କରଣ, ବ୍ୟାଙ୍କ ସୁବିଧା, ସ୍ୱାସ୍ଥ୍ୟକେନ୍ଦ୍ର, ସଡକ ନିର୍ମାଣ ପ୍ରକଳ୍ପ, ଆଦିବାସୀ ସଂସ୍କୃତି ଭବନ ଏବଂ ଅନ୍ୟାନ୍ୟ ସରକାରୀ ଭିତ୍ତିଭୂମି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ ପୁଣି କହିଥିଲେଯେ, ଗତ ୧୧ ମାସରେ ଆମେ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ସମର୍ଥ ହୋଇଛୁ। ଏହି ସ୍ୱଳ୍ପ ସମୟ ମଧ୍ୟରେ ଶ୍ରୀ ମନ୍ଦିରର ଚାରିଦ୍ୱାର ଖୋଲିବା ହେଉ କିମ୍ବା ମା'ମାନଙ୍କ ପାଇଁ ସୁଭଦ୍ରା ହେଉ, କି ଚାଷୀ ଭାଇମାନଙ୍କ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ହେଉ ମାତ୍ର ୨୪ ମିନିଟରେ ନିର୍ଣ୍ଣୟ ନେଇଥିଲୁ ଯାହା ଗତ ୨୪ ବର୍ଷରେ ହୋଇ ପାରି ନଥିଲା। ସୁଭଦ୍ରା ଓ ଚାଷୀମାନଙ୍କ ପାଇଁ ସହାୟତା ଆଜି ଗ୍ରାମାଞ୍ଚଳର ଅର୍ଥନୀତିକୁ ମଜବୁତ୍ କରିଛି। ଆହୁରି ମଧ ଚାଷୀଭାଇ ମାନଙ୍କ ପାଇଁ ଆମେ ସିଏମ୍ କିଷାନ ଯୋଜନା ଆରମ୍ଭ କରିଛୁ। ସୁଭଦ୍ରା ଯୋଜନାରେ ଆଜି ରାଜ୍ୟର ୧ କୋଟିରୁ ଉର୍ଦ୍ଧ୍ୱ ମହିଳା ଉପକୃତ ହୋଇଛନ୍ତି। ରାଜ୍ୟର ୧୭ ଲକ୍ଷ ମହିଳା ଆଜି ଲକ୍ଷପତି ଦିଦି ହୋଇଛନ୍ତି। ଆଜି କେନ୍ଦ୍ର ସରକାରଙ୍କ ସହଯୋଗରେ ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବା ପାଇଁ ଯାଉଛି। ଆମ ସରକାର ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି। ଉତ୍କର୍ଷ ଓଡ଼ିଶାର ଅପାର ସଫଳତା ଆମ ପାଇଁ ଏହି ନୂଆ ସୁଯୋଗ ଆଣିଛି। ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନର ସମ୍ଭାବନା ସୃଷ୍ଟି ହୋଇଛି। ମୟୂରଭଞ୍ଜ ଜିଲ୍ଲାରେ ମଧ ଆଗାମୀ ଦିନରେ ଅନେକ ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବ। ଜିଲ୍ଲାରେ ୧୦ ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା ହେବ। ଏହି ଶିଳ୍ପାୟନ ଜିଲ୍ଲାର ବିକାଶକୁ ଦ୍ୱିଗୁଣିତ କରିବା ସହିତ ଜିଲ୍ଲାବାସୀଙ୍କ ରୋଜଗାର ଓ ନିଯୁକ୍ତି ପାଇଁ ବ୍ୟାପକ ସୁଯୋଗ ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆମ ସରକାର ହେଉଛି, ଲୋକଙ୍କ ସରକାର। ଆମେ କଥାରେ ନୁହେଁ, କାମରେ ବିଶ୍ୱାସ କରୁ। ଶାସନ ବ୍ୟବସ୍ଥାରେ ଏଥିପାଇଁ ଆମେ ପରିବର୍ତ୍ତନ ଆଣିଛୁ। ବର୍ଷ ବର୍ଷ ଧରି ଲୋକଙ୍କ ଆପତ୍ତି ଅଭିଯୋଗ ସରକାର ଓ ଜନ ପ୍ରତିନିଧିମାନେ ଶୁଣୁ ନଥିଲେ। ଆମେ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିଛୁ। ସେଥିପାଇଁ ନିର୍ବାଚିତ ଲୋକ ପ୍ରତିନିଧିମାନେ ସିଧାସଳଖ ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ତାର ସମାଧାନର ବ୍ୟବସ୍ଥା କରୁଛନ୍ତି। ଓଡ଼ିଶାର ବିଶେଷ କରି ଗ୍ରାମାଞ୍ଚଳର ମହିଳାମାନେ ଆଜି ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ଓ ସ୍ୱାବଲମ୍ବୀ ହୋଇଛନ୍ତି। ଓଡ଼ିଶାର ଗ୍ରାମାଞ୍ଚଳବାସୀଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ନିଶ୍ଚିତ ରୂପେ ଏକ ଭଲ ସମୟ ଆସିଛି ବୋଲି ସେ କହିଥିଲେ। ୨୦୩୬ ସୁଦ୍ଧା ଏହି ସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ୩୬ଟି ସ୍ପଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ। ଏହାକୁ କୁହାଯାଉଛି '୩୬ ପାଇଁ ୩୬'। ଆପଣମାନଙ୍କ ସହଯୋଗରେ, ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ଉଦ୍ୟମରେ ଆମେ ଗଢ଼ିବୁ ସମୃଦ୍ଧ ଓଡ଼ିଶା। ଏହା ହେବ ଆମ ସମସ୍ତଙ୍କର ସ୍ୱପ୍ନର ଓଡ଼ିଶା। ସମୃଦ୍ଧ ଓଡ଼ିଶାରେ ଆମେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତ୍ତିଭୂମି ଆଦି ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାର ଲକ୍ଷ୍ୟ ରଖିଛୁ। ତା'ସହିତ ସମାଜର ଶେଷଧାଡ଼ିରେ ରହୁଥିବା ଭାଇଭଉଣୀ ମାନଙ୍କୁ ଯେପରି ସବୁ ପ୍ରକାର ମୌଳିକ ସୁବିଧା ଉପଲବ୍ଧ ହେବ, ସେ ଦିଗରେ ମଧ ଆମର ଉଦ୍ୟମ ରହିଛି। ସମସ୍ତଙ୍କୁ ବିଶୁଦ୍ଧ ପାଣି, ଉନ୍ନତ ସ୍ୱାସ୍ଥ୍ୟ ସେବା, ଗୁଣାତ୍ମକ ବିଜୁଳି, ଗମନାଗମନ ସୁବିଧା ଏ ସବୁ ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ ଶେଷରେ କହିଥିଲେ।

# ସିଏସ୍‌ଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ



ଭୁବନେଶ୍ୱର,୧୩/୫: ଆଜି ପୂର୍ବାହ୍ନରେ ଖାରବେଳ ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ନୂତନ ଯୋଜନାର କାର୍ଯ୍ୟକାରିତା, ବିଭାଗମାନଙ୍କରେ ଖାଲିଥିବା ପଦବୀ ପୂରଣ, ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଧାରିତ ଅବସରକାଳୀନ ପ୍ରାପ୍ୟ ଓ ପେନସନ ପ୍ରଦାନ, ସଚିବମାନଙ୍କ ଜିଲ୍ଲାଗସ୍ତ ପର୍ଯ୍ୟବେକ୍ଷଣ ସହିତ ସମ୍ପର୍କିତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି ।

# ପିଓକେକୁ ଖାଲି କରୁ ପାକିସ୍ତାନ: ଏମଇଏ

ନୂଆଦିଲ୍ଲୀ,୧୩/୫: ବୈଦେଶିକ ମନ୍ତ୍ରାଳୟର ସମ୍ବାଦିକ ସମ୍ମିଳନୀ । କାଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତାକୁ ମଞ୍ଜୁର ନାହିଁ । ଯାହା ହେବ ଦ୍ୱିପାକ୍ଷିକ ଜିଆରେ ନିଷ୍ପତ୍ତି । ପିଓକେକୁ ଖାଲିକରୁ ପାକିସ୍ତାନ କହିଲେ ଏମଇଏ । ଏମଇଏ ମୁଖପାତ୍ର ରଣଧୀର ଜୟସୱାଲ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଆମର ଦୀର୍ଘଦିନର ଜାତୀୟ ସ୍ଥିତି ରହିଛି ଯେ ଭାରତୀୟ କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ ଏବଂ କାଶ୍ମୀର ସହିତ ଜଡିତ ଯେକୌଣସି ପ୍ରସଙ୍ଗ ଭାରତ ଏବଂ ପାକିସ୍ତାନ ଦ୍ୱିପାକ୍ଷିକ ଭାବରେ ସମାଧାନ କରିବାକୁ ପଡିବ। ସେହି ନୀତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ଆପଣ ଜାଣିଛନ୍ତି ଯେ, ପାକିସ୍ତାନ ଦ୍ୱାରା ଅବୈଧ ଭାବରେ ଅଧିକୃତ ଭାରତୀୟ ଅଞ୍ଚଳକୁ ଖାଲି କରିବା ହେଉଛି ବାକି ଥିବା ପ୍ରସଙ୍ଗ। ଉଭୟ ଦେଶର ଡିଜିଏମଓଙ୍କ ମଧ୍ୟରେ ୧୦ ମଇ ୨୦୨୫ ଦିନ ୧୫୩୫ ଘଣ୍ଟା ସମୟରେ ଫୋନ୍ କଲ୍ କରି ବୁଝାମଣାର ନିର୍ଦ୍ଦିଷ୍ଟ ତାରିଖ, ସମୟ ଏବଂ ଶବ୍ଦ ସ୍ଥିର କରାଯାଇଥିଲା। ଏହି କଲ୍ ପାଇଁ ଅନୁରୋଧ ପାକିସ୍ତାନୀ ହାଇକମିଶନଙ୍କଠାରୁ ୧୨୩୭ ଘଣ୍ଟାରେ ବିଦେଶ ମନ୍ତ୍ରଣାଳୟ ପାଇଥିଲା। ବୈଷୟିକ କାରଣରୁ ପାକିସ୍ତାନୀ ପକ୍ଷକୁ ଭାରତୀୟ ପକ୍ଷ ସହିତ ହଟଲାଇନ୍ ସଂଯୋଗ କରିବାରେ ପ୍ରାରମ୍ଭିକ ଅସୁବିଧା ହୋଇଥିଲା। ତା'ପରେ ଭାରତୀୟ ଡିଜିଏମଓଙ୍କ ୧୫୩୫ ଘଣ୍ଟାରେ ଉପଲବ୍ଧତା ଉପରେ ଆଧାର କରି ସମୟ ସ୍ଥିର କରାଯାଇଥିଲା। ଆପଣ ନିଶ୍ଚିତ ଭାବରେ ଏହା ବୁଝିବେ ଯେ ୧୦ ତାରିଖ ସକାଳେ ଆମେ ପ୍ରମୁଖ ପାକିସ୍ତାନୀ ବାୟୁସେନା ଘାଟି ଉପରେ ଏକ ଅତ୍ୟନ୍ତ ପ୍ରଭାବଶାଳୀ ଆକ୍ରମଣ କରିଥିଲୁ। ଏହି କାରଣରୁ ସେମାନେ ଏବେ ଗୁଳିମାଡ଼ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ଇଚ୍ଛୁକ ଥିଲେ। ମୁଁ ସ୍ପଷ୍ଟ କରିଦେଉଛି ଯେ ଭାରତୀୟ ଅସ୍ତ୍ରଶସ୍ତ୍ରର ବଳ ହିଁ ପାକିସ୍ତାନକୁ ତା'ର ଗୁଳିମାଡ଼ ବନ୍ଦ କରିବାକୁ ବାଧ କରିଥିଲା।


# କୃଷି କ୍ଷେତ୍ରରେ ଜଳ ଉତ୍ପାଦକତା ବୃଦ୍ଧି ପାଇଁ ଆହ୍ୱାନ

ଭୁବନେଶ୍ୱର,୧୩/୫: ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର ୩୮ ତମ ସ୍ଥାପନା ଦିବସ ଆଜି ପାଳନ କରିଛି। ଓଡିଶା ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷରେ ଜଳ ଦାନ କରି ସଭାର ଉଦଘାଟନ କରିଥିଲେ। ସେ କହିଲେ ଯେ ଆମ ଦେଶରେ ଜଳ ସମସ୍ୟା ଦିନକୁ ଦିନ ଉତ୍କଟ ରୂପ ଧାରଣ କରିବାରେ ଲାଗିଛି। ବର୍ତ୍ତମାନ ଆମର ଜଳ ଉପଯୋଗ ଦକ୍ଷତା ମାତ୍ର ଶତକଡା ୩୫ରୁ ୪୦ ଭାଗ ଅଟେ। ଏହାକୁ ଶତକଡା ୬୦%କୁ ବୃଦ୍ଧି କରିବା ପାଇଁ ବୈଜ୍ଞାନିକ ମାନେ ନୂତନ ଜ୍ଞାନ କୌଶଳ ବିକଶିତ କରିବା ଆବଶ୍ୟକ। ଚାଷୀ ମାନଙ୍କୁ ଆଗକୁ ଆସି ନୂତନ ଜ୍ଞାନ କୌଶଳ ପ୍ରୟୋଗ ଦ୍ୱାରା କୃଷି କ୍ଷେତ୍ରରେ ଜଳ ଉତ୍ପାଦକତା ବୃଦ୍ଧି ପାଇଁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଆଇସିଏଆର'ର ପ୍ରାକୃତିକ ସମ୍ପଦ ପ୍ରବନ୍ଧନ ବିଭାଗର ଉପ ମହାନିର୍ଦ୍ଦେଶକ ଡକ୍ଟର ଅମରେଶ କୁମାର ନାୟକ ତାଙ୍କ ବକ୍ତବ୍ୟରେ କହିଲେ ଯେ ସବୁ ପ୍ରାକୃତିକ ସମ୍ପଦ ମଧ୍ୟରେ ଜଳ ସମ୍ପଦ ହେଉଛି ପ୍ରମୁଖ ସମ୍ପଦ। ତାର ସଂରକ୍ଷଣ, ସଦୁପଯୋଗ ଓ ଅପଚୟ ହ୍ରାସ ଆମ ସମସ୍ତଙ୍କର ପରମ ଓ ପ୍ରଧାନ କର୍ତ୍ତବ୍ୟ ହେବା ଆବଶ୍ୟକ। ଅନ୍ୟତମ ସମ୍ମାନିତ ଅତିଥି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜ ପ୍ରତାପ ପ୍ରତିଷ୍ଠା ଦିବସ ବ୍ୟାଖ୍ୟାନରେ ଜଳ ସମ୍ପଦର ସମ୍ବନ୍ଧିତ ଉପଯୋଗ ଉପରେ ଜୋର ଦେଇଥିଲେ। ସେ କହିଲେ ଯେ ଭବିଷ୍ୟତରେ ଜଳ ସୁରକ୍ଷା ପାଇଁ ଏବେଠୁ ଆମ ସମସ୍ତଙ୍କୁ ଧ୍ୟାନ ଦେବାକୁ ହେବ। ଏହି ଅବସରରେ ଓଡିଶାର ବିଭିନ୍ନ ଜିଲ୍ଲାରେ କୃଷିରେ ପାରଦର୍ଶୀତା ଲାଭ କରିଥିବା ୧୧ ଜଣ ପ୍ରଗତିଶୀଳ ପୁରୁଷ ଓ ମହିଳା ଚାଷୀଙ୍କୁ ସମ୍ମାନିତ କରା ଯାଇଥିଲା। ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ବର୍ଗରେ ମଧ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ମାନେ ପ୍ରତିଷ୍ଠାନରୁ ପ୍ରକାଶିତ ବିଭିନ୍ନ ଗବେଷଣା ବୁଲେଟିନ ଗୁଡ଼ିକୁ ଉନ୍ମୋଚନ କରିଥିଲେ। ପୂର୍ବାହ୍ନରେ କୃଷକ ଓ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଅଗ୍ରଣୀ ଚାଷୀଭାଇ ଓ ଭଉଣୀ ମାନେ ଯୋଗ ଦେଇଥିଲେ।

# କଲବଲ କରୁଛନ୍ତି ମଶା

## ଦିନରାତି ନିସ୍ତାର ନାହିଁ, ଘରେ ବାହାରେ ରଖେଇ ଦେଉନାହାନ୍ତି

ଭୁବନେଶ୍ୱର,୧୩/୫: ଭୁବନେଶ୍ୱର ମହାନଗର ନିଗମବାସୀଙ୍କୁ ଅସ୍ତବ୍ୟସ୍ତ କରି ସାରିଲେଣି ମଶାବଂଶ। ଦିନରାତି ୨୪ ଘଣ୍ଟା ଲୋକେ ମଶା କାମୁଡ଼ାରେ ତ୍ରାହିତ୍ରାହି ଡାକ ଦେଉଛନ୍ତି। ରାସ୍ତାଘାଟରେ ଛିଡ଼ା ହେବା ତ' ଦୂରର କଥା ଘରେ ବି ରହିବା କଷ୍ଟକର ହେଲାଣି। ଖୋଲାମେଲା ନାଳନର୍ଦ୍ଦମା ଯୋଗୁ ମଶାବଂଶ ବଢ଼ିଚାଲିଛି। ତଥାପି ମଶାମରା ଅଭିଯାନକୁ ବ୍ୟାପକ କରାଯାଉନି। ଫଳସ୍ୱରୂପ ପ୍ରତି ମୁହୂର୍ତ୍ତରେ ଡେଙ୍ଗୁ, ମ୍ୟାଲେରିଆ, ଫାଇଲେରିଆ ଭଳି ରୋଗ ଭୟ ଲୋକଙ୍କୁ ଗୋଡ଼ାଉଛି। କିଛିବର୍ଷ ହେଲାଣି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ରେ ଡେଙ୍ଗୁ ମହାମାରୀ ରୂପ ନେଇଥିବାବେଳେ ଚଳିତବର୍ଷ ପୁଣି ଡେଙ୍ଗୁ ବ୍ୟାପିବାର ଆଶଙ୍କା ଦେଖାଦେଇଛି।ବଡ଼କଥା ହେଉଛି, ଖରାଦିନ କାରଣରୁ ବର୍ତ୍ତମାନ ଟିଫା ମେସିନ୍ ଧୂଆଁ ଛାଡ଼ିବାରେ କଟକଣା ଲଗାଯାଇଛି। ଖରାଦିନ ଏହି ଧୂଆଁ ଲୋକଙ୍କ ସ୍ୱାସ୍ଥ୍ୟପକ୍ଷେ ହାନିକାରକ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ କହିଥିବାରୁ ଓ କଟକଣା ଲଗାଇଥିବାରୁ ମଶାବଂଶ ଲୋକ ପାଇଁ ବିଏମ୍‌ସି ମଶାମରା ତେଲ ଉପରେ ନିର୍ଭର କରୁଛି। ନାଳମାନଙ୍କରେ ମଶାବଂଶର ବିସ୍ତାର ରୋକିବାକୁ ଟେମିଫସ୍ ଓ ଏମ୍ଏଲ୍ ତେଲ ସ୍ପ୍ରେ କରାଯାଇଥାଏ। କିନ୍ତୁ ମଶାମରା ତେଲ ଯେଉଁ ପରିମାଣରେ ନାଳରେ ସିଞ୍ଚନ ହେବା କଥା ସେହି ପରିମାଣରେ ସିଞ୍ଚନ କରାଯାଉନଥିବାରୁ ମଶାବଂଶ ଏହାକୁ ମାନୁନଥିବା ଓ ମଶା ହାଉଜାଉ ହେଉଥିବା ଅଭିଯୋଗ ହୋଇଛି। ମଶା ତେଲ ସିଞ୍ଚନରେ ବିଏମ୍‌ସିରେ ମାର୍ଚ୍ଚ ସୁଦ୍ଧା ୧.୧୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସାରା ରାଜ୍ୟର ଜିଲ୍ଲା, ପୌରାଞ୍ଚଳ ଓ ମହାନଗର ନିଗମର ହିସାବ ଦେଖିଲେ, ମଶା ତେଲ ସିଞ୍ଚନରେ ସର୍ବାଧିକ ଖର୍ଚ୍ଚ ବିଏମ୍‌ସିରେ କରାଯାଇଛି। ଖୋର୍ଦ୍ଧା ଜିଲ୍ଲା ସମୁଦାୟ ଖର୍ଚ୍ଚ ଦେଖିଲେ, ଭୁବନେଶ୍ୱର ମହାନଗର ନିଗମରେ ୨୦୨୪ ଜୁନ୍‌ରୁ ୨୦୨୫ ମସିହା ମାର୍ଚ୍ଚ ମାସ ସୁଦ୍ଧା ସର୍ବାଧିକ ୧କୋଟି ୧୬ଲକ୍ଷ ୮୮ହଜାର ୧୨୬ ଟଙ୍କା, ଜଟଣୀ ପୌରାଞ୍ଚଳରେ ୨୪ଲକ୍ଷ ୭୦ହଜାର ୨୫ ଟଙ୍କା, ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ୧ଲକ୍ଷ ୮୦୦ ଟଙ୍କା(ତୃତୀୟ ସର୍ବାଧିକ ଖର୍ଚ୍ଚ), ଖୋର୍ଦ୍ଧା ପୌରପାଳିକାରେ ୭୫ହଜାର ଟଙ୍କା ଓ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ୬ହଜାର ୧୩୬ ଟଙ୍କା ଖର୍ଚ୍ଚ କରାଯାଇଛି। ବିଏମ୍‌ସିରେ ୬୭ଟି ୱାର୍ଡ ଥିବାବେଳେ ଜନସଂଖ୍ୟା ୧୩ ଲକ୍ଷରୁ ଅଧିକ। ଦିନକୁ ଦିନ ବିଏମ୍‌ସିର




କାୟା ବଢ଼ିବା ସହ ଜନସଂଖ୍ୟା ବି ବଢ଼ିବାରେ ଲାଗିଛି। କିନ୍ତୁ ଜନସଂଖ୍ୟା ଅନୁସାରେ ମଶାମରା ଅଭିଯାନକୁ ବ୍ୟାପକ କରାଯାଉନି ବୋଲି ଅଭିଯୋଗ ହେଉଛି। ଗତବର୍ଷ ବର୍ଷା ପରଠାରୁ ମଶା ଯନ୍ତ୍ରଣାରେ ସହରବାସୀ ଛଟପଟ ହେଉଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି ୱାର୍ଡରେ ନିୟମିତ ମଶା ମରା ତେଲ ପକାଯାଉନି କି ଟିଫା ମେସିନ୍‌ରେ ମଶାମରା ଧୂଆଁ ଛଡ଼ାଯାଉନି। ଫଳରେ ନାଳନର୍ଦ୍ଦମା, ଆବର୍ଜନାରେ ମଶାବଂଶ ବୃଦ୍ଧି ହେବାରେ ଲାଗିଛି। ବିଶେଷତଃ, ଅତି ଶୀତ କିମ୍ବା ଅତି ଖରା ହେଲେ ସେତେଟା ମଶା ହୁଅନ୍ତିନି। ବର୍ଷା ପରେ ପରେ ଏମାନେ ଅଣ୍ଡା ଦେବା ଆରମ୍ଭ କରି ଦେଇଥାନ୍ତି। ଖରାରେ ବି ମଶା ହାଉଜାଉ ହେଉଥିବାବେଳେ ଆଗକୁ ବର୍ଷା ଦିନ ଥିବାରୁ ଏବେଠୁ ମଶା ମରା ଅଭିଯାନକୁ ବ୍ୟାପକ କରାନଗଲେ, ଆଗକୁ ସ୍ଥିତି ଅସମ୍ଭାଳ ହେବ ବୋଲି ସହରବାସୀ ମତ ଦେଇଛନ୍ତି। ଗତବର୍ଷ ଭୁବନେଶ୍ୱରରେ ପ୍ରାୟ ୨୫୦୦ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ସ୍ଥିତି ଏପରି ହୋଇଥିଲା ଯେ ଲୋକେ ଭୁବନେଶ୍ୱର ଆସିବାକୁ ଡରୁଥିଲେ। ଆସିଲେ ଡେଙ୍ଗୁ ରୋଗ ନେଇ ଫେରୁଥିଲେ। ସ୍ୱାସ୍ଥ୍ୟବିଭାଗ ପାଇଁ ଏହା ମୁଣ୍ଡବଥାର କାରଣ ପାଲଟିଥିଲା। ବିଏମ୍‌ସି ବରିଷ୍ଠ ପରିମଳ ନିରୀକ୍ଷକ ସ୍ମୃତିରଂଜନ ବଳ କହିଛନ୍ତି, ବର୍ତ୍ତମାନ ଆମ ପାଖରେ ୫୦ ଟିଫା ମେସିନ୍ ରହିଛି। ଏଥିରୁ ୨୦ଟି ଅଟୋମାଉଣ୍ଟେଡ୍ ଓ ୩୦ଟି ପୋର୍ଟେବଲ୍। କିନ୍ତୁ ଖରାଦିନରେ ଟିଫା ଧୂଆଁ ଛାଡ଼ିବାରେ କଟକଣା ରହିଥିବାରୁ ଏହା ସ୍ପ୍ରେ କରାଯାଉନି। କିନ୍ତୁ ନିୟମିତ ପ୍ରତି ୱାର୍ଡରେ ମଶାମରା ତେଲ ନାଳରେ ସିଞ୍ଚନ କରାଯାଉଛି। ମଶା ବି ଏବେ କମ୍ ଅଛନ୍ତି। ବାକି ଶତପ୍ରତିଶତ ମଶା ମାରିବା ସମ୍ଭବପର ନୁହେଁ ବୋଲି ଶ୍ରୀ ବଳ କହିଛନ୍ତି। ବରିଷ୍ଠ ଡାକ୍ତର ଲଲାଟେନ୍ଦୁ ନାୟକ କହିଛନ୍ତି, ଡେଙ୍ଗୁମଶା ନାଳରେ ନୁହେଁ ବରଂ ଷଢ଼େଇ, ଭଙ୍ଗା କାଚବୋତଲ, ପଇଡ଼ ଖୋଳପା, ଭୋଗକୁଡୁଆ, ଟାୟାରରେ ଜମୁଥିବା ପାଣିରେ ବଂଶ ବିସ୍ତାର କରନ୍ତି। ତେଣୁ ଏସବୁ ଘର ପାଖରେ ନ ରହିଲେ ଡେଙ୍ଗୁମଶାଙ୍କ ବଂଶ ବଢ଼ିପାରିବ ନାହିଁ। ଅନ୍ୟ ମଶାମାନେ ନାଳ, ଆବର୍ଜନା ପାଣିରେ ବଂଶ ବଢ଼ାଇ ପାରିବେ।

## ରାଜଧାନୀରେ ଚୋରାବନ୍ଧୁକ ହାଉଜାଉ

ଭୁବନେଶ୍ୱର,୧୩/୫: କଥା କଥାକେ ଫୁଟୁଛି ଗୁଳି, ଥରୁଛି ରାଜଧାନୀ। ପୁଲିସ ପରିବର୍ତ୍ତେ ଗର୍ଜୁଛି ଅପରାଧୀଙ୍କ ବନ୍ଧୁକ। ତେବେ ଅପରାଧୀଙ୍କ ହାତକୁ କେଉଁଠୁ ଆସୁଛି ଏତେ ବନ୍ଧୁକ ପୁଲିସ୍ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାରେ ବିଫଳ ହେଉଥିବା ବେଳେ କେବଳ ଅନ୍ଧାରରେ ବାଡ଼ି ବୁଲାଉଛି। ବିଭିନ୍ନ ଜିଲ୍ଲାଗୁଡ଼ିକରୁ ନୂଆ ଅପରାଧୀମାନେ ସହରରୁ ପ୍ରବେଶ କରି ଅପରାଧ ଘଟାଉଛନ୍ତି। ଯାହା କମିସନରେଟ ପୁଲିସର ଚିନ୍ତା ବଢ଼ାଇଛି। ଚଳିତ ବର୍ଷ ମାର୍ଚ୍ଚ ୯ ତାରିଖରେ ଚନ୍ଦକା ସଂଘର୍ଷବିହାର ଛକରେ ସୋମନାଥ ସାହୁ ଗୁଳିମାଡ଼ ଘଟଣାରେ ଦୁଇଜଣ ଦୁର୍ବୃତ୍ତ ଦୁଇଟି ବନ୍ଧୁକରେ ଗୁଳିମାଡ଼ କରିଥିଲେ। ଏପ୍ରିଲ ୨୦ରେ ଅଭିଯୁକ୍ତ ଦୀପ୍ତ ରଂଜନ ମହାପାତ୍ର ପ୍ରତିପକ୍ଷଙ୍କୁ ଫସାଇବା ପାଇଁ ଚୋରାବନ୍ଧୁକ ଯୋଗାଡ଼ କରି ନିଜ ଉପରକୁ ଗୁଳିମାଡ କରି ଆହତ ହୋଇଥିଲେ ଓ ପରେ ଜେଲ୍ ଯାଇଥିଲେ। ଗତ ୭ ତାରିଖରେ ଚନ୍ଦକା ଅଞ୍ଚଳରେ ଜାଗାବାଡ଼ି ବିବାଦକୁ କେନ୍ଦ୍ରକରି ଗୁଳିମାଡ଼, ଏହାର ୪ ଦିନ ପରେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ବାର ଭିତରେ ଗଣ୍ଡଗୋଳକୁ କେନ୍ଦ୍ରକରି ଶିବା ଗ୍ୟାଙ୍ଗ ପକ୍ଷରୁ ଗୁଳିମାଡ଼ କରାଯାଇଥିଲା। ନିକଟରେ କଟକ ବୟାଳିଶମୌଜାରେ ଚୋରା ବନ୍ଧୁକ କାରଖାନା ଠାବ ହୋଇଥିଲା। ବିହାର, ମୁଙ୍ଗେର, କୋଲକାତାରୁ ୪ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ବହୁ ପରିମାଣର ବନ୍ଧୁକ ତିଆରି ଯନ୍ତ୍ରାଂଶ ଜବତ ହୋଇଥିଲା। କାଇମ୍‌ବ୍ରାଞ୍ଚ ତଦନ୍ତରେ ଏସବୁ ଚୋରା ବନ୍ଧୁକ କଟକ, ଭୁବନେଶର, ଗଞ୍ଜାମ, ବାଲେଶ୍ୱର, ପୁରୀ ସମେତ ରାଜ୍ୟ ବାହାରକୁ ଚାଲାଣ ହୋଇଥିବା ଜଣାପଡ଼ିଥିଲା। ଏହାର କିଛି ଦିନ ପରେ ଗଞ୍ଜାମରେ ଚୋରାବନ୍ଧୁକ ମିଳିବା ପଛରେ ବୟାଳିଶମୌଜାର ବନ୍ଧୁକ ଲିଙ୍କ୍ ମିଳିଥିଲା। ଏବେବି ଏହା ପଛର ମାଷ୍ଟରମାଇଣ୍ଡ୍ ଆଲୋକ ପ୍ରଧାନ ଫେରାର ରହିଛି। ଏହିସବୁ ଘଟଣା ଦର୍ଶାଉଛି ଚୋରାବନ୍ଧୁକ ହାତେଇବା ଅପରାଧୀଙ୍କ ପାଇଁ କେତେ ସହଜ ହୋଇଛି। ମିଳିଥିବା ତଥ୍ୟ ଅନୁସାରେ, ଗଲାବର୍ଷ ରାଜଧାନୀରୁ ୨୦ରୁ ଅଧିକ ଚୋରା ବନ୍ଧୁକ ଜବତ ହୋଇଥିଲା। ସ୍ୱତନ୍ତ୍ର ଅପରାଧ ଶାଖା ୧୨ଟି ଓ ସହରାଞ୍ଚଳ ପୁଲିସ ୮ଟି ବନ୍ଧୁକ ଜବତ କରିଥିଲା। ସେହିପରି ଦ୍ୱୈତନଗରୀର ୨୦୨୩ ବର୍ଷର ତଥ୍ୟ ଅନୁସାରେ ୩୮ଟି ବନ୍ଧୁକ ଜବତ ହୋଇଥିଲା ବେଳେ ଏଗୁଡ଼ିକ ବିହାରର ମୁଙ୍ଗେର, ଉତ୍ତରପ୍ରଦେଶ, କୋଲକାତାରୁ ଆସୁଛି। ଏଥିସହିତ ଦେଶୀ ବନ୍ଧୁକ, କଟକ, ନୟାଗଡ, ପୁରୀ, ଖୋର୍ଦ୍ଧାରୁ ଆସୁଛି। ଏଥିପୂର୍ବରୁ ୨୦୨୧ରେ ୧୨ଟି, ୨୦୨୦ରେ ୯ଟି ବନ୍ଧୁକ ଜବତ କରିଥିଲା ଭୁବନେଶ୍ୱର ସହରାଞ୍ଚଳ ପୁଲିସ। ସେପଟେ ଚୋରାବନ୍ଧୁକ କାରବାର ନେଇ ରାଜ୍ୟ ପୁଲିସର ତଥ୍ୟ ମଧ୍ୟ ଆଖି ତରାଟିଲା ଭଳି। ଗତ ୫ ବର୍ଷ ଭିତରେ ୯୨୮ଟି ଚୋରା ବନ୍ଧୁକ ସହ ୧୫୦୦ରୁ ଅଧିକ ଗୁଳି ଜବତ ହୋଇଛି। ତେବେ ଏନେଇ ପୁଲିସ କମିସନର ଏସ୍. ଦେବଦତ୍ତ ସିଂହ କହିଛନ୍ତି, ଚୋରାବନ୍ଧୁକ ନେଇ ସ୍ୱତନ୍ତ୍ର ଅଭିଯାନ କରାଯାଉଛି।

## ୯ ନମ୍ବର ୱାର୍ଡ: ସମସ୍ୟା ଅନେକ, ସମାଧାନ କମ୍



ଜଟଣୀ,୧୩/୫: ମୌଳିକ ସୁବିଧାରୁ ବଞ୍ଚିତ ଜଟଣୀ ପୌରପାଳିକାର ୯ନମ୍ବର ୱାର୍ଡ ବାସିନ୍ଦା। ଏହି ୱାର୍ଡ ଅଧୀନରେ ରାମଚନ୍ଦ୍ରପୁର, ଗାନ୍ଧୀନଗର, କୃପାସିନ୍ଧୁବିହାର, ନୂଆସାହି, ବିଜୁ ଆଦର୍ଶ କଲୋନି, ଷଣ୍ଢପୁର, ଜଗନ୍ନାଥବିହାର, ଏମ୍‌ସିସି-୧, ଏମ୍‌ସିସି-୨, ଗୋଶାଳା, ଆଦର୍ଶ କଲୋନି ଭଳି ଅଞ୍ଚଳ ରହିଛି। ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଏହି ୱାର୍ଡରେ ଥିଲେ ମଧ୍ୟ ଅନେକ ସମସ୍ୟାର ସମାଧାନ ହୋଇପାରି ନାହିଁ। ଅଞ୍ଚଳରେ ମୁଖ୍ୟ ସମସ୍ୟା ହେଉଛି ଡ୍ରେନ୍। ଡ୍ରେନ୍ ନ ଥିବାରୁ ଦୂଷିତ ପାଣି ରାସ୍ତାରେ ଭାସୁଛି। ରାସ୍ତାରେ ଯାତାୟାତ ବେଳେ ଘୋର ସମସ୍ୟା ଦେଖାଦେଉଛି। ସେହିପରି ଅଞ୍ଚଳରେ ରାସ୍ତା ସମସ୍ୟା ଦୀର୍ଘ କାଳ ହେଲା ଲାଗି ରହିଛି। ନୂତନ ରାସ୍ତା ନିର୍ମାଣ ହୋଇପାରୁନି। ନାଲି ଗୋଡ଼ି ରାସ୍ତାରେ ଯାତାୟାତ କରୁଛନ୍ତି ଲୋକେ। ବର୍ଷାଦିନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଅଞ୍ଚଳବାସୀ ଗ୍ରାମରେ ଏକ ମଶାଣି ନିର୍ମାଣ କରିବାକୁ ବହୁ ବର୍ଷ ହେଲା ଦାବି କରି ଆସୁଥିଲେ ମଧ୍ୟ ହୋଇପାରି ନାହିଁ। ଗାଁରେ ଗୋଟିଏ ହେଲେବି ପୋଖରୀ ନାହିଁ। ଏହି ୱାର୍ଡରେ ଥିବା ଷଣ୍ଢପୁର ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ଦୁର୍ବଳ ହୋଇପଡ଼ିଛି। ଛାତ୍ରଛାତ୍ରୀଙ୍କ ତୁଳନାରେ ଘର ନାହିଁ। ସେହିପରି ଗାଁରେ କଲ୍ୟାଣ ମଣ୍ଡପ ପାଇଁ ବହୁ ଦିନ ହେଲା ଦାବି ହୋଇଆସୁଛି। ଗାଁରେ ଏବେବି କିଛି ଲୋକ ମାଟିଘରେ ବାସ କରି ରହୁଛନ୍ତି। ସେମାନଙ୍କୁ ଏ ପର୍ଯ୍ୟନ୍ତ ଘର ମିଳି ନାହିଁ। ଅଞ୍ଚଳର ବରିଷ୍ଠ ନାଗରିକଙ୍କ ପାଇଁ ଗୃହ, ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଆଦି ପ୍ରକଳ୍ପ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବାସିନ୍ଦା ରବୀନ୍ଦ୍ର ସାହୁ କହିଛନ୍ତି ଯେ, ବର୍ଷ ବର୍ଷ ଧରି ୱାର୍ଡରେ ସମସ୍ୟା ଲାଗି ରହିଛି। ସବୁ ସମସ୍ୟାର ସମାଧାନ ହୋଇପାରିବ ନାହିଁ। କିନ୍ତୁ ଲୋକଙ୍କ ମୌଳିକ ସମସ୍ୟାକୁ ଗୁରୁତ୍ୱର ସହ ନେଇ ସମାଧାନ କରିବା ଆବଶ୍ୟକ। ମୁଖ୍ୟତଃ ଡ୍ରେନ୍, ରାସ୍ତା ସହ ପିଇବା ପାଣିର ସମାଧାନ ନିହାତି ଆବଶ୍ୟକ। କାଉନ୍‌ସିଲର ଆରତି ରାଉତ କହିଛନ୍ତି, ଅଞ୍ଚଳରେ ଅନେକ ବିକାଶମୂଳକ କାର୍ଯ୍ୟ କରାଯାଇଛି। ପୋଖରୀ ଓ ମଶାଣି ନିର୍ମାଣ ପାଇଁ ଅନେକ ଥର ଲିଖିତ ଅଭିଯୋଗ କରିଛି। ହେଲେ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଗାନ୍ଧୀନଗରଠାରେ ଡ୍ରେନ୍ କାମ ପାଇଁ ୧୨ଲକ୍ଷ ଟଙ୍କାର ଟେଣ୍ଡର ହୋଇଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ।

## ଲକ୍ଷ୍ମୀ ମଣ୍ଡପ ଠାରେ ଶ୍ରୀ ମାଦ ଭାଗବତ କଥା

କୋରାପୁଟ,୧୩/୫: ସୁନାବେଡା ପୌର ପରିଷଦ ଅନ୍ତେର୍ଗତ ସ୍ଥାନୀୟ ହାଲ ସୁନାବେଡା ଲକ୍ଷ୍ମୀ ମଣ୍ଡପ ସମ୍ମୁଖରେ ଭାଗବତ କଥାମୃତ ବାଣୀ ପ୍ରବକ୍ତା ତ୍ରିଡଣ୍ଡୀ ସ୍ୱାମୀ ଭକ୍ତି ଭୂଷଣ ବୋଧାୟନ ମହାରାଜ କଲି ଯୁଗ ରେ ମଣିଷ ଜୀବନରୁ କିପରି ମୁକ୍ତି ପାଇବ, କଲିର ପ୍ରଭାବ, କଲିର ପ୍ରୋବେଶ, ଏହାର ପ୍ରତିକାର ରୁ କିପରି ନିବୃତ୍ତି ପାଇବ ଏବଂ ନିଜ ଜୀବନ କିପରି ସାର୍ଥକ ହେବ ବିଷୟ ବସ୍ତୁ ଉପରେ ଭାଗବତ କଥା ର ଅମୃତ ବାଣୀ ଶୁଣାଇ ବୁଝାଇଥିଲେ, ଆମ ଓଡିଶା ର ପରମ୍ପରା ଓ ଧର୍ମୀୟ ଭାବନା ସହିତ ଜଡିତ ଏହି ଅବସରରେ ଏଠାରେ ଚଳିତ ମାସ ଚାରି ତାରିଖରୁ ଆରମ୍ଭ ହଇ ଆସନ୍ତା ଦଶ ତାରିଖ ଯାଇ ଭାଗବତ ପ୍ରବଚନ ଚାଳିବ ବୋଲି କୃଷ୍ଣ ଚୈତନ୍ୟ ବାଦି କହିଛନ୍ତି। ଭାରତୀୟ ସନାତନ ସଂସ୍କୃତି ଓ ଦର୍ଶନ ର ଆଧାତ୍ତିମିକ, ଦ୍ୱାର ଜୀବମ୍ବା ଓ ପରମାମ୍ବା ଉପରେ ଭୋଗବାନ ଶ୍ରୀ କୃଷ୍ଣ ଙ୍କ ଉପରେ ଭାଗବତ ଉପରେ ପ୍ରବଚନ ଦେଇଥିଲେ. ନିକଟରେ ସୁନାବେଡା ଗୌଡ଼ିଆ ମଠର ଆଚାର୍ଯ୍ୟ ପର୍ବତ ମହାରାଜ ଭକ୍ତି ମୟ ପୀଠରେ ଉପସ୍ଥିତ ଥିଲେ। ଅଭିଭକ୍ତ କୋରାପୁଟ ଜିଲ୍ଲା ର ବୋହୁ କୃଷ୍ଣ ଚିତନ୍ୟ ବାଦୀ ତ୍ରିଡଣ୍ଡୀ ସ୍ୱାମୀ ଭକ୍ତି ଭୂଷଣ ବୋଧାୟନ ମହାରାଜ ଙ୍କ ଠାରୁ ଆଶୀର୍ବାଦ ନେଇ ସନ୍ଧ୍ୟା ଆଲୋତିରେ ଭାଗ ନେଇ ସନାତନ ଧର୍ମ ଉପରେ ବକ୍ତବ୍ୟ ରଖିଥିଲେ, ଏବଂ ଇଶ୍ୱରୀୟ ଅଂଶ ଉପରେ ଜିବ ଓ ପରମର ଅନୁ ସାଂଘିକ ଉପରେ ବକ୍ତବ୍ୟ ରଖିଥିଲେ, ପ୍ରବଚନ ଟି ଆଧାମ୍ବିକ ରେ ପରିଣତ ହାଇଥିଲା. ପରେ ଆଲତି ବନ୍ଦନା କରାଯାଇ ସମସ୍ତ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରିଥିଲେ।

## ଚୁଆ ପାଣିରେ ଶୋଷ ମେଣ୍ଟାଉଛି ହରଡାଗୁଡା

### ଗ୍ରାମବାସୀ : ଆଜି ଯାଏ ହରଡ଼ାଗୁଡାକୁ ରାଜସ୍ୱ ଗ୍ରାମ ମାନ୍ୟତା ମିଳିନି



କଳାହାଣ୍ଡି,୧୩/୫: କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ଦେଦର ପଞ୍ଚାୟତ ହରଡ଼ାଗୁଡ଼ା ଗ୍ରାମ ୨୫ ବର୍ଷ ତଳେ ସ୍ଥାପିତ ହୋଇଥିଲା । ହେଲେ ଆଜି ବି ରାଜସ୍ୱ ଗ୍ରାମର ମାନ୍ୟତା ପାଇ ନାହିଁ। ଫଳରେ ଏହି ଗ୍ରାମବାସୀ ବିଭିନ୍ନ ଉନୟନ କାମରୁ ବଞ୍ଚିତ ହେଉଛନ୍ତି । ଦେଦର ପଞ୍ଚାୟତର ଦୁର୍ଗମ ଜଙ୍ଗଲ ପାହାଡ଼ ଭିତରେ ରହିଥିବା ହରଡ଼ାଗୁଡ଼ା ଗାଁରେ ୨୨ଟି ଆଦିବାସୀ ପରିବାର ବସବାସ କରିଆସୁଛନ୍ତି। ଗତ ୨୫ ବର୍ଷ ଧରି ବସବାସ କରୁଥିବା ବେଳେ ସମସ୍ତେ ଭୂମିହୀନ ଅଛନ୍ତି। କେବଳ ଜଙ୍ଗଲକୁ କାଟି ବସବାସ କରିଛନ୍ତି । ହରଡ଼ାଗୁଡ଼ା ଗାଁ ରାଜସ୍ୱ ଗ୍ରାମର ମାନ୍ୟତା ପାଇ ନଥିବା ଯୋଗୁଁ ସରକାରଙ୍କ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବର୍ତମାନ ନିକଟସ୍ଥ ମୂର୍ଲି ଗାଁ ଅଧୀନରେ ଏହି ଗାଁ ରହିଛି। ତେଣୁ ସମସ୍ତ ଜନ୍ମ ପ୍ରମାଣପତ୍ର ହେଉ କି ଅଧାରକାର୍ଡ ହେଉ, ସବୁ ମୂର୍ଲି ନାମ ହିଁ ରହିଛି ।ଗାଁକୁ ରାସ୍ତା ନ ଥିବା ବେଳେ ପ୍ରାୟ ୩ କି.ମି. ଜଙ୍ଗଲୀ ପାଦଚଲା ରାସ୍ତାରେ ଆସିଥାନ୍ତି । ଗର୍ଭବତୀ କିମ୍ବା ପ୍ରସୂତିଙ୍କୁ ଖଟିଆରେ ବୋହି କି ଆଣିବାକୁ ପଡ଼ିଥାଏ। ଗାଁରେ ସ୍କୁଲ ନ ଥିବା ଯୋଗୁଁ ଛାତ୍ରଛାତ୍ରୀମାନେ ଶଗଡା ନଦୀ ପାର ହୋଇ ୩ କି.ମି. ଦୂର ମୂର୍ଲି ଗାଁ ସ୍କୁଲକୁ ପାଠ ପଢିବା ପାଇଁ ଯାଇଥାନ୍ତି। ଗାଁରେ ୩ଟି ନଳକୂଅ ଥିବା ବେଳେ ୨ଟି ଖରାପ ହୋଇଛି। ଅବଶିଷ୍ଟ ଗୋଟିଏ ନଳକୂଅରୁ ପର୍ଯ୍ୟାପ୍ତ ପାଣି ବାହାରୁ ନାହିଁ। ଫଳରେ ଗ୍ରାମବାସୀ ବାଧ୍ୟ ହୋଇ ଶଗଡ଼ା ନଦୀରୁ ବାଲି ଚୁଆ କରି ପିଇବା ଓ ରୋଷେଇରେ ବ୍ୟବହାର କରୁଛନ୍ତି । ରାସନ ସାମଗ୍ରୀ ଆଣିବାକୁ ହେଲେ ଗ୍ରାମବାସୀ ୨୦ କି.ମି. ଜଙ୍ଗଲୀ ପାଦଚଲା ରାସ୍ତାରେ ଦେଦର ପଞ୍ଚାୟତକୁ ଯାଇ ଚାଉଳ କିମ୍ବା ଭଉା ଆଣିଥାନ୍ତି। ଗାଁରେ ବିଜୁଳି ଆଲୁଅ ସାତସପନ ହୋଇଛି କିଛି ଲୋକଙ୍କୁ ସୋଲାର ଲାଇଟ୍ ଦିଆଯାଇଥିଲା ହେଲେ ଦେବାର ମାସେ ନ ପୂରୁଣୁ ତାହା ଖରାପ ହୋଇଗଲା ।ସେମାନେ ଦାନା ଯୋଗାଡ଼ କରିବାକୁ ସକ୍ଷମ ନ ଥିବା ବେଳେ କିରାସିନି କିଣିବା ସେମାନଙ୍କ ପାଇଁ ସାତ ସପନ ଅଟେ। ରାଜସ୍ୱ ଗ୍ରାମ ପାଇଁ ଗ୍ରାମବାସୀ ଅନେକ ଥର ଦାବି କରିଥିଲେ ହେଁ କେହି ଶୁଣୁ ନାହାନ୍ତି। ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ବିପର୍ଯ୍ୟସ୍ତ ଅବସ୍ଥାରେ ପଡି ରହିଛି ଝରିଗାଁ ବ୍ଲକ ସଦର ମହକୁମା



ଝରିଗାଁ,୧୩/୫: ସ୍ୱଚ୍ଛ ପରିବେଶ ପାଇଁ ପରିମଳ ବ୍ୟବସ୍ଥା ପରିଚାଳନା ନିତ୍ୟାନ୍ତ ଜରୁରୀ । ଏହାର ଅଭାବରେ ବାତାବରଣ ଦୂଷିତ ହୋଇଯାଏ। ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପରିବେଶ ସ୍ୱଚ୍ଛ ରଖିବାକୁ ସରକାର ସ୍ୱଚ୍ଛ ଭାରତ ମିଶନ ତରଫରୁ ଏହା ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷେ ପଞ୍ଚାୟତ ପାଣ୍ଠି ମଧ୍ୟରେ ଏସ ଏଫ୍ ସି ଓ ସି ଏଫ୍ ସି ପାଣ୍ଠି ଅର୍ଥ ବ୍ୟୟ ପ୍ରାବଧାନ ରହିଛି। ଏସବୁ ସତ୍ତ୍ୱେ ଦୀର୍ଘ ଦିନରୁ ଝରିଗାଁ ସଦର ମହକୁମା ପରିବେଶ ଓ ଏହାର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳୁଛି। ସଦର ଗାଁ ମୁଣ୍ଡ ମୁଖ୍ୟ ରାସ୍ତା ଆରମ୍ଭରୁ କୁଡ଼ କୁଡ଼ ଅଳିଆ ଆବର୍ଜନା ବର୍ଜ୍ୟବସ୍ତୁ ରାସ୍ତାର ଉଭୟ ପାର୍ଶ୍ୱରେ ପଡ଼ି ରହିଛି। ନିକଟ ଅତୀତରେ ସମାପନ ହୋଇଥିବା କଳସଯାତ୍ରା ଉପଲକ୍ଷେ ମିନା ବଜାର ଚାଲିଥିଲା। ଜଳଖିଆ ଦୋକାନ,ଆଇସକ୍ରିମ ଦୋକାନ,ମିଠା ଦୋକାନ,ଫଳମୂଳ ଦୋକାନ, ଖେଳଣା ଦୋକାନ ଆଦି ବିଭିନ୍ନ ଦୋକାନ ପସରା ବସିଥିଲା। ଯାତ୍ରା ଅବସରରେ ଆଖପାଖ ଅଂଚଳର ଶତାଧିକ ଲୋକ ପହଞ୍ଚିଥିଲେ। ନଅଦିନ ଧରି ଅନୁଷ୍ଠିତ ଯାତ୍ରାରେ ପ୍ରବଳ ଜନସମାଗମ ହୋଇଥିଲା। କଳସ ମଣ୍ଡପ ଠାରୁ ମିନା ବଜାର ପଡିଆ ପର୍ଯ୍ୟନ୍ତ ଅଦରକାରୀ ବର୍ଜ୍ୟବସ୍ତୁ ଓ ଅଳିଆ ଆବର୍ଜନା କୁଢ଼ କୁଢ଼ ଜମା ହୋଇ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ପଞ୍ଚାୟତ ପ୍ରଶାସନ ପକ୍ଷରୁ ସଦର ମହକୁମା ପରିବେଶ ନିର୍ମଳ ରଖିବାକୁ କୌଣସି ସ୍ଥାୟୀ ବ୍ୟବସ୍ଥା ଏପର୍ଯ୍ୟନ୍ତ କରାଯାଇ ନାହିଁ। ସଦର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନିର୍ମାଣ ପରେ ସେଗୁଡିକ ପୋତି ହୋଇଯାଇଛି। ବର୍ଷା ପାଣି ଡ୍ରେନରେ ପଡ଼ିବା ପରେ ଜଳ ନିଷ୍କାସନ ବ୍ୟବସ୍ଥା ନଥିବା ଯୋଗୁଁ ଆବର୍ଜନା ସହ ଦୂଷିତ ପାଣି ବର୍ଷା ଦିନେ ସଦର ମୁଖ୍ୟ ରାସ୍ତାରେ ଭାସୁଛି। ଆବର୍ଜନା ଗୃହ ନିର୍ମାଣ ହୋଇ ବ୍ୟବହାର ନହୋଇ ପଡି ରହିଛି।ପରିମଳ ବ୍ୟବସ୍ଥା ପ୍ରସଙ୍ଗରେ ଝରିଗାଁ ପଞ୍ଚାୟତ ସରପଞ୍ଚ ଯୋଗେଶ୍ୱର ପୂଜାରୀଙ୍କୁ ପଚାରିବାରୁ ପରିମଳ ବ୍ୟବସ୍ଥା ପାଇଁ ନିଷ୍ପତି ସରିଛି। ଅଳିଆ ଆବର୍ଜନା ବର୍ଜ୍ୟବସ୍ତୁ ସଂଗ୍ରହ କରିବାକୁ ଠେଲା ଗାଡ଼ି ଅଣାଯାଇଛି। ଆସନ୍ତା ଦିନରେ ମୁଖ୍ୟ ରାସ୍ତା ପ୍ରଶସ୍ତିକରଣ ପରେ ତୁରନ୍ତ ଡ୍ରେନ ମରାମତି କରି ଜଳ ନିଷ୍କାସନ ବ୍ୟବସ୍ଥା ପୁଣି ଅଳିଆ ବୋହିବା ଗାଡ଼ି ବ୍ୟବହାର କରାଯିବା ନେଇ ପଦକ୍ଷେପ ନେବେ ବୋଲି ସରପଞ୍ଚ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ଚତୁର୍ଦ୍ଦଶୀ ମେଳା ତଥା ହରିଶଙ୍କର ମହୋତ୍ସବ

ଖପ୍ରାଖୋଲ,୧୩/୫: ପଶ୍ଚିମ ଓଡ଼ିଶା ପ୍ରସିଦ୍ଧ ତୀର୍ଥକ୍ଷେତ୍ର ହରିଶଙ୍କର ଠାରେ ନୃସିଂହ ଚତୁର୍ଦ୍ଦଶୀ ମେଳା ତଥା ହରିଶଙ୍କର ମହୋତ୍ସବ ଗୁରୁବାର ଶୁଭାରମ୍ଭ ହୋଇଯାଇଛି । ଦେବୋତ୍ତର କମିଟି ଅଧ୍ୟକ୍ଷ ତଥା ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନିଲ କୁମାର ମେହେର ଙ୍କ ତତ୍ତ୍ୱାବଧାନରେ ମନ୍ଦିର ପ୍ରାଙ୍ଗଣ ରୁ ଗଙ୍ଗା ରୁପି ଝରଣାକୁଳ କୁ ଘଣ୍ଟା ବାଦ୍ୟ ର ତାଳେ ତାଳେ କଳସ ନିଆ ଯାଇଥିଲା । ଏହି ଅବସରରେ ଖପ୍ରାଖୋଲ ବି ଡି ଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଉପସ୍ଥିତ ଥିବା ବେଳେ ପୂଜକ ରୂପେ ବୈଦ୍ୟନାଥ ମିଶ୍ର ଓ ପୂଜା କର୍ତ୍ତା ରୂପ ସିମାଞ୍ଚାଲ ପୁରୋହିତ ( ମୁନା) ପତ୍ନୀ ସସ୍ମିତା ପୁରୋହିତ ଝରଣା କୁଳ କୁ ଯାଇ ଭରା କଳସ ଅଣି ହୋମ କୁଣ୍ଡ ନିକଟରେ ଶାନ୍ତି ଯଜ୍ଞ ପାଇଁ କଳସ ସ୍ଥାପନ କରିଥିଲେ । କଳସ ସ୍ଥାପନ ପରେ ହୋମ ଯଜ୍ଞ ଆରମ୍ଭ ହୋଇଥିବା ବେଳେ ମାନସିକ ପାଇଁ ଶତାଧିକ ଭକ୍ତ ଉପସ୍ଥିତ ଥିଲେ। ଉପ ଜିଲ୍ଲାପାଳ କୌଣସି କାମ ପାଇଁ ବିଳମ୍ବ ରେ ଆସିବାରୁ ପୂଜା ରୀତି ନୀତିରେ ବିଳମ୍ବ ହୋଇଥିଲା । ସନ୍ଧ୍ୟା ସମୟରେ ଦେବୋତ୍ତର କମିଟି ଅଧ୍ୟକ୍ଷ ତଥା ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନିଲ କୁମାର ମେହେର ଙ୍କ ସଭାପତିତ୍ୟ ରେ ହରିଶଙ୍କର ମହୋତ୍ସବ ଷ୍ଟେଜ - ୧ ରେ ଆରମ୍ଭ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଡ଼ା. ବିଜୟାନନ୍ଦ ସେଠି , ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଆରକ୍ଷ ଅଧିକାରୀ ହିମାଂଶୁ ବେହେରା , ପାଟଣାଗଡ ଏସ ଡି ପି ଓ ସଦାନନ୍ଦ ପୁଝାରୀ , ବିଡ଼ିଓ୍ୱିବେକାନନ୍ଦ ଷଡଙ୍ଗୀ, ତହସିଲ ଦାର୍ ଆଦିତ୍ୟ ପ୍ରସାଦ ମିଶ୍ର ଯୋଗ ଦେଇ ପ୍ରଥମେ ପ୍ରଭୁ ହରି ଓ ଶଙ୍କର ଙ୍କ ପୂଜା ଅର୍ଚ୍ଚନା କରିଥିଲେ ।

## ଶୀତଳଭଣ୍ଡାରରେ ଭେଣ୍ଡିଂ ଜୋନ୍ ସ୍ଥାନାନ୍ତରଣ

ଭୁବନେଶ୍ୱର,୧୩/୫: ଯାନବାହାନ ସଂଖ୍ୟା ବୃଦ୍ଧି ଯୋଗୁଁ ରାଜଧାନୀରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ଗୁରୁତର ହେଉଥିବାବେଳେ ରାଜଧାନୀର ରାସ୍ତାପାଶ୍ୱର୍ରେ ଥିବା ଭେଣ୍ଡିଂ ଜୋନ୍‌ର ସ୍ଥାନାନ୍ତର ଯୋଜନା ଏବେ ଶୀତଳଭଣ୍ଡାରରେ । ଏହିସବୁ ଭେଣ୍ଡିଂଜୋନ୍ ଯୋଗୁଁ କେବଳ ଟ୍ରାଫିକ ସମସ୍ୟା ଉପୁଜୁନାହିଁ, ଦୁର୍ଘଟଣା ବି ବଢିବାରେ ଲାଗିଛି ।ରାଜଧାନୀର ବିଭିନ୍ନ ସ୍ଥାନରେ ରାସ୍ତାପାଶ୍ୱର୍ରେ ବିଏମ୍‌ସି ପକ୍ଷରୁ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଛି । ଏହିସବୁ ଭେଣ୍ଡିଂ ଜୋନ୍‌ରେ ବେକାର ଯୁବକ ଯୁବତୀମାନଙ୍କୁ ବ୍ୟବସାୟର ସୁଯୋଗ ଯୋଗାଇବାର ଲକ୍ଷ୍ୟରଖି ଏହା ହୋଇଥିଲା । ତେବେ କର୍ତ୍ତୃପକ୍ଷ ଭେଣ୍ଡିଂ ଜୋନ୍ ନିର୍ମାଣ ସମୟରେ ଏଠାକୁ ଆସୁଥିବା ଗ୍ରାହକମାନେ କେଉଁଠାରେ ନିଜ ନିଜ ଯାନବାହାନ ରଖିବେ ସେଥିପ୍ରତି ଚିନ୍ତା କଲେ ନାହିଁ । ଫଳରେ ଯେଉଁସବୁ ସ୍ଥାନରେ ରାସ୍ତାପାଶ୍ୱର୍ରେ ଭେଣ୍ଡିଂ ଜୋନ୍ ରହିଛି ସେଠାରେ ଏବେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି ।ରାଜମହଲରୁ ଏଜି, ସିଆରପି, ଗୋପବନ୍ଧୁଛକ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ଭେଣ୍ଡିଂ ଜୋନ୍ ଟ୍ରାଫିକ ବ୍ୟବସ୍ଥାକୁ ବିଗାଡିବାରେ ଲାଗିଛି । ଏଠାରେ ଥିବା ଭେଣ୍ଡିଂ ଜୋନ୍‌ରେ ଖାଇବା ଦୋକାନ ଠାରୁ ଆରମ୍ଭକରି ଫଳ, ଫାଷ୍ଟଫୁଡ୍, ବହିଦୋକାନଆଦି ରହିଛି । ରାତି ପାହିଲେ ଏହିସବୁ ଦୋକାନକୁ ଲୋକେ ଯାଉଛନ୍ତି । ତେବେ ଭେଣ୍ଡିଜୋନ୍ ଓ ରାସ୍ତା ମଧ୍ୟରେ କୌଣସି ଫାଙ୍କାସ୍ଥାନ ନଥିବାରୁ ଗ୍ରାହକମାନେ ସିଧାସଳଖ ନିଜ ନିଜ ଯାନକୁ ରାସ୍ତାଉପରେ ରଖି ଦେଉଛନ୍ତି ।ଏହାକୁ ନେଇ ବିଭିନ୍ନ ସମୟରେ ବିଏମସିର ଏନଫୋର୍ସମେଣ୍ଟ ସ୍କ୍ୱାଡ୍, ଟ୍ରାଫିକ ପୁଲିସ୍ ଓ ଗ୍ରାହକଙ୍କ ମଧ୍ୟରେ ଉଚ୍ଚବାଚ୍ଚ ହେଉଥିବାବେଳେ ପାର୍କିଂ ପାଇଁ ସ୍ଥାନ ନଥିବାରୁ ଗାଡିମୋଟର କେଉଁ ରଖିବୁ ବୋଲି ଗ୍ରାହକଙ୍କ ପ୍ରଶ୍ନରେ ମୁହଁ ଲୁଚାଇ ପଳାଉଛନ୍ତି ପୁଲିସ୍ କର୍ତ୍ତୃପକ୍ଷ ।ତେବେ ବିଏମସି କମିଶନର ପ୍ରେମଚାନ୍ଦ ଚୌଧୁରୀଙ୍କ ସମୟରେ ରାସ୍ତାପାଶ୍ୱର୍ରେ ଥିବା ଭେଣ୍ଡିଂ ଜୋନ୍‌ଗୁଡିକୁ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ହୋଇଥିଲା । ବିଶେଷକରି ନିକଟରେ ଥିବା ଯେଉଁସବୁ ସ୍ଥାନରେ ପାର୍କିଂ ସୁବିଧା ପାଇଁ ସ୍ଥାନ ଥିବ ସେଠାକୁ ଭେଣ୍ଡିଂଜୋନଗୁଡିକ ଉଠାଇ ନିଆଯିବ । ଏଥିପାଇଁ ବିଏମ୍‌ସି ପ୍ରକ୍ରିୟା ଆରମ୍ଭ କରିବା ସହିତ ସ୍ଥାନ ଚିହ୍ନଟ କରିଥିଲା । ତେବେ ଏହାରି ଭିତରେ ରାଜ୍ୟରେ ନୂଆ ସରକାର ଆସିଯିବାରୁ ବିଏମ୍‌ସିର ଏହି ଯୋଜନାଟି ଶୀତଳଭଣ୍ଡାରରେ ରହିଗଲା ।ବର୍ତ୍ତମାନ ରାସ୍ତାପାଶ୍ୱର୍ ଭେଣ୍ଡିଂଜୋନ୍‌କୁ ଉଠାଇବା ବଦଳରେ ଗୋପବନ୍ଧୁ ଛକ ନିକଟରେ ଥିବା ଛୋଟିଆ ସ୍ଥାନରେ ଭେଣ୍ଡିଂ ଜୋନ୍ ନିର୍ମାଣ ହୋଇଛି । ଏଠାରେ ଖୋଲିଥିବା ଦୋକାନକୁ ଯାଉଥିବା ଗ୍ରାହକ ସିଧାସଳଖ ଯାନବାହାନକୁ ରାସ୍ତା ଉପରେ ରଖିଦେଇ ଯାଉଛନ୍ତି । ତେଣୁ ଏହି ସଂଧ୍ୟାସମୟରେ ଏହିସବୁ ସ୍ଥାନରେ ଏବେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେବାରେ ଲାଗିଛି । ପୂର୍ବରୁ ଟ୍ରାଫିକ ପୁଲିସ୍ ପକ୍ଷରୁ ଯେଉଁଭଳି ରାସ୍ତା ଅବରୋଧକରୁଥିବା ଯାନବାହାନକୁ ଉଠାଇ ନିଆଯାଉଥିଲା ଏବେ ତାହା ଆଉ ପ୍ରାୟତଃ ନାହିଁ । ଫଳରେ ଗୋଟିଏ ପଟରେ ଯାନବାହାନ ସଂଖ୍ୟାବୃଦ୍ଧି ଓ ଅନ୍ୟ ପଟରେ ରାସ୍ତାପାଶ୍ୱର୍ରେ ଖୋଲିଥିବା ଭେଣ୍ଡିଂ ଜୋନ୍ ଏବେ ରାଜଧାନୀବାସୀଙ୍କ ପାଇଁ ଅଣନିଶ୍ୱାସୀ ପରିସ୍ଥିତି ସୃଷ୍ଟି କଲାଣି ।

# ଅକାତକାତ ପାଣି, ଅନିଶ୍ଚିତ ଜୀବନଯାତ୍ରା



## ୨୬ ବର୍ଷ ହେଲା ବାଜିରେ ଲାଗିଛି ଜୀବନ

ଭବାନୀପାଟଣା,୧୩/୫: ଜଳଭଣ୍ଡାରରେ ଅକାତକାତ ପାଣି। ସେଥିରେ ପୁଣି ଜୀବନକୁ ବାଜି ଲଗାଇ ହୁଲି ଡଙ୍ଗାରେ ୮ କିମି ଯାଏଁ ଅତ୍ୟନ୍ତ ବିପଦଜନକ ଅବସ୍ଥାରେ ଯାତ୍ରା କରୁଛନ୍ତି ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳବାସୀ। ପ୍ରଶାସନଠୁ ଆରମ୍ଭ କରି ଜନ ପ୍ରତିନିଧିଙ୍କ ପର୍ଯ୍ୟନ୍ତ ସମସ୍ତେ ଏ ସମ୍ପର୍କରେ ଅବଗତ। ହେଲେ ଆଜିକୁ ୨୬ ବର୍ଷ ହେଲା ଏମିତି ଚାଲିଛି ଜୀବନଯାତ୍ରା। ଇନ୍ଦ୍ରାବତୀ ଜଳଭଣ୍ଡାରରେ ମଧ୍ୟରେ ରହିଛି କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ୍‌ର ପୋଡ଼ାପଦର ପଞ୍ଚାୟତ ଅନ୍ତର୍ଗତ ୧୬ଟି ଓ ମାଲିଗାଁ ପଞ୍ଚାୟତର ୫ଟି ଗାଁ। ଗ୍ରାମବାସୀଙ୍କ ଯିବା ଆସିବା ପାଇଁ କାଠଡଙ୍ଗା ହିଁ ଏକମାତ୍ର ଭରସା। ପିଡିଏସ୍ ଚାଉଳ ପାଇଁ ଏହି ସବୁ ଗାଁର ଲୋକେ ନିକଟସ୍ଥ ପଞ୍ଚାୟତ ଅଫିସକୁ ଡଙ୍ଗା ଦ୍ୱାରା ଯିବାଆସିବା କରିଥାନ୍ତି। ଦୈନନ୍ଦିନ ସାମଗ୍ରୀ କିମ୍ବା ଡାକ୍ତରଖାନା ଯିବା ପାଇଁ ମଧ୍ୟ ଏହି କାଠଡଙ୍ଗା ଏକମାତ୍ର ମାଧ୍ୟମ। ୧୯୯୯ ମସିହାରେ ୧୧୦ ବର୍ଗ କିମି ପରିବ୍ୟାପ୍ତ ଇନ୍ଦ୍ରାବତୀ ଜଳଭଣ୍ଡାର ସୃଷ୍ଟି ହେବା ପରେ ବିଭିନ୍ନ ଟାପୁମାନଙ୍କରେ ରହିଥିବା ଲୋକମାନଙ୍କର ସାମାଜିକ ଜୀବନ ଓ ଅର୍ଥନୀତି ପ୍ରଭାବିତ ହେଲା। ପରବର୍ତ୍ତୀ ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ମୌଳିକ ସୁବିଧା ମଧ୍ୟ ଅପହଞ୍ଚ ହେବାରେ ଲାଗିଲା। ଆରମ୍ଭ ହେଲା ଏକ ଅନିଶ୍ଚିତ ଜୀବନଯାତ୍ରା। କାଠଡଙ୍ଗା ହିଁ ଜୀବନରେଖା ପାଲଟିଲା। ଡାଇରିଆରେ ମୃତ୍ୟୁ ଓ କ୍ରମାଗତ ଡଙ୍ଗାବୁଡ଼ି ଘଟଣା ଲୋକଙ୍କ ଜୀବନ ଧାରଣକୁ ଦୁର୍ବିଷହ କରିଛି। ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ୍ ?ର ଭୌଗୋଳିକ ପରିସୀମାକୁ ଦୁଇ ଭାଗରେ ବାଣ୍ଟୁଥିବା ଇନ୍ଦ୍ରାବତୀ ଜଳଭଣ୍ଡାର ଉପରେ ଏକ ସେତୁ ନିର୍ମାଣ ପାଇଁ କେନ୍ଦୁଗୁଡ଼ା ଘାଟରୁ ୨୦୧୪ ମସିହାରୁ ପ୍ରସ୍ତୁତି ଆରମ୍ଭ ହେଲା। ୨୦୨୨ ମସିହାରେ ଚୁକ୍ତି ସ୍ୱାକ୍ଷରିତ ହୋଇ ୫୪.୯୯ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟ ଆରମ୍ଭ ହେବା ସହିତ ୨୦୨୪ ମସିହାରେ ସେତୁ ପୂର୍ଣ୍ଣାଙ୍ଗ ହେବାର ପରିକଳ୍ପନା କରାଯାଇଥିଲା। ଏବେ ନିର୍ମାଣସ୍ଥଳୀରେ କାହାର ଦେଖା ମିଳୁ ନ ଥିବା ବେଳେ ସେତୁକୁ ନେଇ ଲୋକଙ୍କ ଆଶଙ୍କା ବଢ଼ିବାରେ ଲାଗିଛି। ଅନ୍ୟପଟେ ଡି. ଟେପଟା ଘାଟରୁ କେ. ଟେପଟା ଘାଟ ପର୍ଯ୍ୟନ୍ତ ସଡ଼କ ସଂଯୋଗ ପାଇଁ ଗୋଲାଗାଡ଼ ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଟେଣ୍ଡର ଚୂଡ଼ାନ୍ତ କରାଗଲା। କିନ୍ତୁ ଏହାମଧ୍ୟରେ ୬ ବର୍ଷ ବିତି ଯାଇଥିଲେ ମଧ୍ୟ ସେତୁ ନିର୍ମାଣ ପ୍ରକ୍ରିୟା ମୂଳଦୁଆରେ ହିଁ ଅଟକି ରହିଥିବା ଦେଖିବାକୁ ମିଳିଛି। ଏହା ପୂର୍ଣ୍ଣାଙ୍ଗ ହୋଇ ପାରିଥିଲେ ପୋଡ଼ାପଦର ପଞ୍ଚାୟତର ୧୬ଟି ଜଳବନ୍ଦି ଗ୍ରାମ ପାଇଁ ସଂଯୋଗ ବ୍ୟବସ୍ଥା ହେବା ସହିତ ରାୟଗଡ଼ା ଓ ନବରଙ୍ଗପୁର ଜିଲ୍ଲାକୁ ଗମନାଗମନ ସୁବ୍ୟବସ୍ଥିତ ହୋଇପାରିଥାନ୍ତା। ରାଜ୍ୟ ସରକାର ତୁରନ୍ତ ଏ ନେଇ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ନିମ୍ନମାନର ଛତୁଆ ଯୋଗାଣ

## କଳାହାଣ୍ଡିକୁ ଅପପୁଷ୍ଟି ବିପଦ, ୭ ବର୍ଷ ଧରି ଛତୁଆ ଯୋଗାଣର ହୋଇନି ଅଡିଟ୍



ଭବାନୀପାଟଣା,୧୩/୫: କଳାହାଣ୍ଡି ଜିଲ୍ଲାରେ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଛତୁଆ ନିମ୍ନମାନର ଏବଂ ଏହାର ଯୋଗାଣ ଓ ବଣ୍ଟନରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହେଉଥିଲେ ହେଁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ୨୦୨୩ ମସିହାରେ ୬ଟି ଏସ୍‌ଏଚ୍‌ଜିର ଛତୁଆ ନମୁନା ଲ୍ୟାବ୍‌ରେ ପରୀକ୍ଷା ପରେ ନିମ୍ନମାନର ଥିବା ରିପୋର୍ଟ ଆସିଥିଲା। ଏପରିକି ଗତ ୭ ବର୍ଷ ଧରି ଛତୁଆ ଯୋଗାଣର ଅଡିଟ୍ ମଧ୍ୟ ହୋଇ ନାହିଁ। ସୂଚନା ଅନୁସାରେ, ଜିଲ୍ଲାରେ ପ୍ରତି ମାସରେ ପ୍ରାୟ ୯ କୋଟି ଟଙ୍କାର ଛତୁଆ ବଣ୍ଟନ ହେଉଛି। ଏବେ ମଧ୍ୟ ଜିଲ୍ଲାରେ ଅପପୁଷ୍ଟିର ଶିକାର ହୋଇ ୪୩୪ ଜଣ ଶିଶୁ ରେଡ୍ ଜୋନ୍‌ରେ ଏବଂ ୩୭୬୧ ଜଣ ଶିଶୁ ୟେଲୋ ଜୋନ୍‌ରେ ଥିବା ସରକାରୀ ଭାବେ ଜଣାପଡ଼ିଛି। ଭବାନୀପାଟଣା ସହରାଞ୍ଚଳରେ ୮ ଜଣ ରେଡ୍ ଜୋନ୍, ୧୪୪ ଜଣ ୟେଲୋ ଜୋନ୍, ଭବାନୀପାଟଣା ସଦର ବ୍ଲକ୍‌ରେ ୫୪ ଜଣ ରେଡ୍ ଜୋନ୍ ଓ ୩୪୫ ୟେଲୋ ଜୋନ୍, ଧର୍ମଗଡ଼ ବ୍ଲକ୍‌ରେ ୧୧ ଜଣ ରେଡ୍ ଜୋନ୍ ଓ ୨୪୦ ଜଣ ୟେଲୋ ଜୋନ୍, ଗୋଲାମୁଣ୍ଡା ବ୍ଲକ୍‌ରେ ୩୩ ଜଣ ରେଡ୍ ଜୋନ୍ ଓ ୪୩୬ ଜଣ ୟେଲୋ, ଜୟପାଟଣା ବ୍ଲକ୍‌ରେ ୩୦ ରେଡ୍ ଜୋନ୍, ୩୬୪ ଜଣ ୟେଲୋ, ଜୁନାଗଡ଼ ବ୍ଲକ୍‌ରେ ୬୧ ଜଣ ରେଡ୍, ୪୩୯ ଜଣ ୟେଲୋ, କଲମପୁର ବ୍ଲକ୍‌ରେ ୬ ଜଣ ରେଡ୍ ଓ ୧୦୮ ଜଣ ୟେଲୋ, କର୍ଲାମୁଣ୍ଡା ବ୍ଲକ୍‌ରେ ୧୪ ଜଣ ରେଡ୍ ଓ ୧୨୪ ଜଣ ୟେଲୋ, କେସିଙ୍ଗା ବ୍ଲକ୍‌ରେ ୨୫ ଜଣ ରେଡ୍ ଓ ୩୦୧ ଜଣ ୟେଲୋ, କୋକସରା ବ୍ଲକ୍‌ରେ ୩୯ ରେଡ୍ ଓ ୨୭୦ ଜଣ ୟେଲୋ, ଲାଞ୍ଜିଗଡ଼ ବ୍ଲକ୍‌ରେ ୫୯ ରେଡ୍ ଓ ୩୩୯ ୟେଲୋ, ମ.ରାମପୁର ବ୍ଲକ୍‌ରେ ୧୭ ରେଡ୍, ୧୩୧ ଜଣ ୟେଲୋ, ନର୍ଲା ବ୍ଲକ୍‌ରେ ୩୦ ଜଣ ରେଡ୍, ୧୮୦ ଜଣ ୟେଲୋ, ଥୁଆମୂଳ ରାମପୁର ବ୍ଲକ୍‌ରେ ୪୭ ଜଣ ରେଡ୍ ଓ ୩୩୬ ଜଣ ୟେଲୋ ଜୋନ୍‌ରେ ଥିବା ସୂଚନା ମିଳିଛି। ଜିଲ୍ଲାରେ ଅଙ୍ଗନବାଡ଼ିଗୁଡ଼ିକରେ ସମୁଦାୟ ୧ ଲକ୍ଷ ୨୩ ହଜାର ୨୪୮ ଜଣ ଶିଶୁ ଥିବା ବେଳେ ୧ ଲକ୍ଷ ୧୮ ହଜାର ୮୧ ଜଣ ସାଧାରଣ ସ୍ଥିତିରେ ଅଛନ୍ତି। ୬ ମାସରୁ ୫ ବର୍ଷ ମଧ୍ୟରେ ଥିବା ୪୩୪ ଜଣ ଶିଶୁ ରେଡ୍ ଜୋନ୍‌ରେ ଅଛନ୍ତି। ଏହା ସମୁଦାୟ ଶିଶୁଙ୍କ ୦.୪% ଅଟେ। ସେହିଭଳି ୟେଲୋ ଜୋନ୍‌ରେ ସମୁଦାୟ ୩୭୬୧ ଜଣ ଶିଶୁ ଅଛନ୍ତି। ଜିଲ୍ଲାରେ ୨୨ଟି ଏସ୍‌ଏଚ୍‌ଜି ମାଧ୍ୟମରେ ଛତୁଆ ବଣ୍ଟନ ହେଉଥିବାବେଳେ ମାସକୁ ପ୍ରାୟ ୯ କୋଟିରୁ ଅଧିକ ଟଙ୍କାର ବିଲ୍ ହୋଇଥାଏ। କିନ୍ତୁ, ଗତ ୨୦୧୮-୧୯ ଆର୍ଥିକ ବର୍ଷରୁ ଆଜି ପର୍ଯ୍ୟନ୍ତ ଛତୁଆ ବାବଦରେ କୌଣସି ଅଡିଟ୍ ହୋଇ ନଥିବା ତଦନ୍ତସାପେକ୍ଷ। ୨୦୨୩ ମସିହାରେ ଲ୍ୟାବ୍ ପରୀକ୍ଷାରୁ ୬ଟି ଏସ୍‌ଏଚ୍‌ଜିର ଛତୁଆ ନିମ୍ନମାନର ଥିବା ରିପୋର୍ଟ ମିଳିଥିଲା। ଏ ନେଇ ବିଭାଗ ପକ୍ଷରୁ କାରଣଦର୍ଶାଅ ନୋଟିସ୍ ମଧ୍ୟ ଜାରି କରାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଶୂନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ପଚାରିବାରୁ ୨୦୨୩ ମସିହାରେ ୬ଟି ଏସ୍‌ଏଚ୍‌ଜିର ନମୁନା ନିମ୍ନମାନର ଥିଲା, ସେମାନଙ୍କୁ ନୋଟିସ୍ ଦିଆଯାଇଥିବା ସେ କହିଥିଲେ।

### ବୋମା ଭିଡ଼ିବା ବେଳେ ବିସ୍ଫୋରଣ ଜଣେ ମୃତ, ୨ ଗୁରୁତର

କାମାକ୍ଷାନଗର,୧୩/୫: ଜନ୍ତୁ ଶିକାର ପାଇଁ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଏହି ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା ଝାଟକିପଶି ଗାଁରେ। ଆଜି ଅପରାହ୍ନରେ ଗାଁର କିଛି ଲୋକ ଶିକାର ଉଦ୍ଦେଶ୍ୟରେ ବୋମା ଭିଡୁଥିବା ବେଳେ ହଠାତ୍ ବିସ୍ଫୋରଣ ହୋଇଥିଲା। ଫଳରେ ବୋମା ଭିଡୁଥିବା ତିନି ଜଣଙ୍କ ଶରୀରରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଗୁରୁତରମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆଣୁଥିଲେ। ତେବେ ବାଟରେ ଆମ୍ବୁଲାନ୍ସ ଚକ ଫାଟିଯିବା ଫଳରେ ଗୁରୁତରମାନଙ୍କୁ ଅନ୍ୟ ଏକ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଗୁରୁତର ଦେବେନ୍ଦ୍ର ଟିଉଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଦୁଇ ଗୁରୁତର ଭଞ୍ଜ ନାୟକ ଓ ବୁଲୁ ନାୟକଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାରୁ ସେମାନଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉଭୟଙ୍କ ଶରୀରର ଅନେକ ଅଂଶ ପୋଡ଼ି ଯାଇଥିବା ବେଳେ ହାତ, ଗୋଡ଼ ଓ ଛାତିରେ ଗଭୀର ଆଘାତ ଲାଗିଛି।



### ପୁଲିସ ଛାଉଣି ସତ୍ତ୍ୱେ ରାଜଧାନୀରେ ଅପରାଧୀଙ୍କ ଆତଙ୍କ

# ରାତିରେ ବୁଲିଲା ଖଣ୍ଡା, ଭୁଜାଲି

ଭୁବନେଶ୍ୱର,୧୩/୫: ରାତି ଅଧରେ ରାଜଧାନୀ ଛାତି ଉପରେ ବୁଲିଛି ଖଣ୍ଡା, ଭୁଜାଲି। ଗୋଡ଼େଇ ଗୋଡ଼େଇ ବିଚ୍ ରାସ୍ତାରେ ଦୁଇଜଣ ଯୁବକଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି ଦୁର୍ବୃତ୍ତ। ସୋମବାର ରାତିରେ ଏଭଳି ଛାତିଥରା ଦୃଶ୍ୟ ଦେଖିବାକୁ ମିଳିଛି। ଅପରାଧୀଙ୍କ ଆକ୍ରମଣରେ କ୍ୟାପିଟାଲ୍ ଥାନା ଶିଶୁଭବନ ଛକ ନିକଟରେ ପଳାସପଲ୍ଲୀ ଅଞ୍ଚଳର ବିକି ନାୟକ ଏବଂ ଗଭର୍ଣ୍ଣର ହାଉସ୍ ଛକ ଗଳିରେ ସତ୍ୟବ୍ରତ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି। ବିକିଙ୍କୁ ପ୍ରଥମେ କ୍ୟାପିଟାଲ୍ ହସ୍ପିଟାଲ୍ ଓ ପରେ କଟକ ବଡ଼ମେଡିକାଲ ସ୍ଥାନାନ୍ତର କରାଯାଇଛି। ସତ୍ୟବ୍ରତ କ୍ୟାପିଟାଲ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସୋମବାର ରାତି ପାଖାପାଖି ୧୦ଟା ହେବ। ବିକି ଶିଶୁଭବନ ଛକ ନିକଟ ନୂଆ ଫରେଷ୍ଟ ପାର୍କ ରୋଡ୍‌ରେ ବାଇକ୍‌ରେ ଯାଉଥିବା ବେଳେ ଏକ କାର ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯିବା ପରେ ହଠାତ୍ କାରରୁ ୭/୮ ଯୁବକ ବାହାରି ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣରୁ ବର୍ତ୍ତିବା ଲାଗି ବିକି ଜୀବନ ବିକଳରେ ଦୌଡ଼ିଥିଲେ। ହେଲେ ରକ୍ତମୁଖା ଯୁବକମାନେ ତାଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ମୁଣ୍ଡ, ପିଠି, ହାତକୁ ଚୋଟ ଉପରେ ଚୋଟ ମାରିଚାଲିଥିଲେ। ଯୁବକମାନଙ୍କର ଏଭଳି ଭୟଙ୍କର ରୂପ ଦେଖି କେହି ଅଟକାଇବାକୁ ସାହସ ଜୁଟାଇନଥିଲେ। ବିକି ରକ୍ତାକ୍ତ ହୋଇ ତଳେ ପଡ଼ିଯିବାରୁ ଯୁବକମାନେ ସେଠାରୁ ଚମ୍ପଟ ମାରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଏୟାରପୋର୍ଟ ଥାନା ପୁଲିସ ବିକିଙ୍କୁ ଉଦ୍ଧାର କରି ପ୍ରଥମେ କ୍ୟାପିଟାଲ୍ ହସ୍ପିଟାଲ୍ ପଠାଇଥିଲା। ହେଲେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ମେଡିକାଲ୍ ସ୍ଥାନାନ୍ତର କରାଯାଇଛି। ସେହିପରି ଗଭର୍ଣ୍ଣର ହାଉସ୍ ଛକ ଗଳିରେ ସତ୍ୟବ୍ରତ ଓ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଲୁଡୁ ଖେଳୁଥିଲେ। ଏହି ସମୟରେ ୫ରୁ ୧୦ ବାଇକ୍‌ରେ ୧୫ରୁ ଊର୍ଦ୍ଧ୍ୱ ଯୁବକ ହାତରେ ମାରଣାସ୍ତ୍ର ଧରି ଗଳିରେ ଆତଙ୍କ ଖେଳାଇଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ନାଁ ନେଇ ଗାଳିଗୁଲଜ କରିବା ସହ ଖଣ୍ଡା ବୁଲାଇ ଭୟ ସୃଷ୍ଟି କରିଥିଲେ। ହେଲେ ସମ୍ପୃକ୍ତ ଯୁବକଙ୍କୁ ନ ପାଇବାରୁ ସେଠାରେ ଲୁଡୁ ଖେଳୁଥିବା ଯୁବକମାନଙ୍କୁ ଆକ୍ରମଣ ପାଇଁ ଗୋଡ଼ାଇଥିଲେ। ସମସ୍ତେ ଜୀବନ ବିକଳରେ ଦୌଡ଼ିଥିବା ବେଳେ ସତ୍ୟବ୍ରତ ହାବୁଡ଼ରେ ପଡ଼ିଥିଲେ। ତାଙ୍କ ପିଠି, ହାତ, ମୁଣ୍ଡକୁ ଖଣ୍ଡାରେ ଆକ୍ରମଣ କରି କ୍ଷତାକ୍ତ କରିଥିଲେ। ଖବର ପାଇ କ୍ୟାପିଟାଲ୍ ଥାନା ପୁଲିସ ଆହତ ସତ୍ୟବ୍ରତଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲ୍ ପଠାଇଥିଲା। ତେବେ ଦୁଇଟି ଯାକ ଘଟଣାରେ ଆକ୍ରମଣ କରିଥିବା ଯୁବକମାନେ କିଏ ଏବଂ ସେମାନେ କାହିଁକି ଆକ୍ରମଣ କଲେ ତାହା ଏଯାଏଁ ଅସ୍ପଷ୍ଟ ରହିଛି। ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ପୁଲିସ ଆଖପାଖରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଉଦ୍‌ବେଗର ବିଷୟ ହେଲା, ଭାରତ-ପାକ୍ ଉତ୍ତେଜନା ପରିପ୍ରେକ୍ଷୀରେ ସବୁଠି ହାଇଆଲର୍ଟ ଜାରି ରହିଛି। ସାରା ସହର କଡ଼ା ସୁରକ୍ଷା ବଳୟରେ ଥିବାବେଳେ ଅପରାଧୀ ଗୋଷ୍ଠୀ ଦୁଇଜଣ ଯୁବକଙ୍କୁ ପ୍ରାଣାନ୍ତକ ଆକ୍ରମଣ କରି କମିସନରେଟ୍ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି।

### ଧାମନଗର ସରକାରି ସିକୃତିପ୍ରାପ୍ତ ମଦ ଦୋକାନରେ ତାଲା ପକାଇଲେ ମହଳା ଅନ୍ୟତ୍ର ସ୍ଥାନାନ୍ତରିତ କରିବା ପାଇଁ ଦାବି

ଧାମନଗର ,୧୩/୫: ଧାମନଗର ସହରାଞ୍ଚଳରେ ମୁଖ୍ୟ ବଜାର ଛକରେ ଥିବା ସରକାରୀ ସିକୃତି ପ୍ରାପ୍ତ ମଦ ଦୋକାନରେ ମହିଳା ମାନେ ମଦ ବିରୋଧ କରି ଦୋକାନରେ ଚାବି ପକାଇ ହୋହାଲ୍ଲା କରିବା ଫଳରେ କିଛି ସମୟ ଧରି ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତୁରନ୍ତ ପୁଲିସ ସେଠାରେ ପହଞ୍ଚି ସମସ୍ୟାର ଆଶୁ ସମାଧାନ କରିଛି। ମିଳିଥିବା ସୂଚନା ଅନୁସାରେ, ବୁଧବାର ସ୍ଥାନୀୟ ଜୟୀନଗର ଗ୍ରାମର ଜନୈକ ଯୁବକ ମଦ କିଣିବାକୁ ଆସିଥିବାବେଳେ ମଦର ମୂଲ୍ୟକୁ କେନ୍ଦ୍ର କରି ଦୋକାନର କର୍ମଚାରୀ ଏବଂ ସେହି ଯୁବକ ମଧ୍ୟରେ ବଚସା ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ପରଦିନ ଉକ୍ତ ଜୟୀନଗର ଗ୍ରାମର ମହିଳା ମାନେ ଦିନ ୧୧ ଟା ଠାରୁ ୨ ଟା ପର୍ଯ୍ୟନ୍ତ ମଦ ଦୋକାନରେ ତାଲା ପକାଇ ହୋହଲ୍ଲା କରିଥିଲେ। ଖବର ପାଇ ଧାମନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ଗ୍ରାମର କିଛି ବ୍ୟକ୍ତି ବୁଝାସୁଝା କରି ଥାନାକୁ ନେଇ ସମସ୍ୟା ବୁଝିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଧାମନଗର ବଜାର ଠାରେ ସରକାରୀ ସାକୃତି ପ୍ରାପ୍ତ ଠିପି ବନ୍ଦ ବିଦେଶୀ ମଦ ଦୋକାନରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଦେଖିବାକୁ ମିଳିଥିବା ବେଳେ ସସରକାରୀ ନିୟମକୁ ଖୁଲମ ଖୁଲା ଉଲଘଂନ ପୂର୍ବକ ବିଚ୍ ରାସ୍ତା କଡରେ ମାତ୍ର ୧୦୦ମିଟର ଦୂରରେ ଗୋଟେ ପଟରେ ମନ୍ଦିର,ଆଉ ଗୋଟେ ପଟରେ ଥାନା ମଝିରେ ମସଜିଦ ଉପସ୍ଥିତିକୁ ବିଦ୍ରୁପ କରୁଛି ଏହି ମଦ ଦୋକାନ। ଜନସାଧାରଣଙ୍କ ବିରୋଧ ଉଗ୍ରରୁପ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କଲେ ସଂପୃକ୍ତ ବିଭାଗ ଓ ପ୍ରଶାସନ ଦାୟୀ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଥିବା ବେଳେ ପୋଲିସ ପ୍ରଶାସନ ସଠିକ ପଦକ୍ଷେପ ଉକ୍ତ ମଦ ଦୋକାନ ବନ୍ଦ କରି ଫାଙ୍କା ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ଏବଂ ବିଭାଗୀୟ ମନ୍ତ୍ରୀ,ଜିଲ୍ଲାପାଳଙ୍କ ନିକଟରେ ଜନସାଧାରଣ ଦାବି କରିଛନ୍ତି।






# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ବିକଳାଙ୍ଗ ପରିବାର

ଫୁଲବାଣୀ,୧୩/୫: କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଂଚାୟତ ଅନ୍ତର୍ଗତ ଟେଲା ପାଲି ଗ୍ରାମର ଶିବାଜୀ ରଣା (୫୩)ଜନ୍ମରୁ ଅନ୍ଧ ହୋଇଥିବା ବେଳେ ସ୍ତ୍ରୀ ସୁନ୍ଦରୀ ରଣା (୪୭)ମଧ୍ୟ ମାନସିକ ବିକଳାଙ୍ଗ । ତାଙ୍କ ଗୋଟିଏ ବୋଲି ଝିଅ କାଜଲ ରଣା(୧୮) ମଧ୍ୟ ଭିନ୍ନକ୍ଷମ । ଏହି ଭିନ୍ନକ୍ଷମ ପରିବାରକୁ ଅନେକ ବର୍ଷ ତଳେ ଏକ ଇନ୍ଦିରା ଆବାସ ଘର ମିଳିଥିଲା । ତାହା ଏବେ ଦୟନୀୟ ଅବସ୍ଥାରେ । ଟିଣ ସବୁ ଫାଟି ଯାଇଥିବା ଘର ଭିତରୁ ଦିନରେ ସୂର୍ଯ୍ୟ ଓ ରାତିରେ ଜହ୍ନ ଦେଖାଯାଉଛି । କହିବାକୁ ଗଲେ ଖରା ଦିନରେ ସୂର୍ଯ୍ୟଙ୍କ ପ୍ରଖର କିରଣ ଛିଦ୍ର ସବୁ ଦେଇ ଭିତରେ ପଶୁଥିବା ବେଳେ ବର୍ଷାଦିନରେ ଛାତରୁ ପାଣିପଶି ଚଟାଣ ସମ୍ପୂର୍ଣ୍ଣ କାଦୁଅ ହୋଇ ଯାଉଥିବାରୁ ପରିବାର ଖରା ଓ ବର୍ଷା ସମୟରେ ବଡ଼ ହଇରାଣ ହେଉଛନ୍ତି। ଅନ୍ୟ ପଟେ ଘର ଅତି ପୁରୁଣା ହୋଇଥିବାରୁ ଘର କାନ୍ଥ ସବୁ ଫାଟି ଆଁ କଲାଣି । କେତେବେଳେ ଯେ ଭୁଶୁଡ଼ି ପଡିବ କହି ହେବ ନାହିଁ। ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ଭଙ୍ଗା ଘରେ ଦିନ କାଟୁଛନ୍ତି ଏହି ଭିନ୍ନକ୍ଷମ ପରିବାର ହେଲେ ପ୍ରଶାସନ ଆଖିକୁ ଏ ପରିବାରର ଦୁଃଖ ଦେଖାଯାଉନି। ଧନୀ ଓ ମଧ୍ୟବିତ୍ତ ପରିବାର ମାନଙ୍କୁ ଗରିବ ଅସହାୟ ଶ୍ରେଣୀରେ ସାମିଲ କରି ଘର ଉପରେ ଘର ଯୋଗେଇ ଦେଉଛନ୍ତି ସିନା, ଶିବାଜୀ ଙ୍କ ଭଳି ନିରୀହ, ଭିନ୍ନକ୍ଷମ ପରିବାର କୁ ଘର ଖଣ୍ଡେ ଯୋଗେଇ ଦେବାକୁ ଅସମର୍ଥ । ନା ସେମାନେ ସେଇ ଘରେ ସୋଇ ପାରୁଛନ୍ତି, ନା ବସି ପାରୁଛନ୍ତି । ଭିନ୍ନକ୍ଷମ ହିସାବରେ ବାପଝିଅ ଓ ସ୍ତ୍ରୀ ଙ୍କୁ ଭତ୍ତା ଟଙ୍କା ମିଳୁଛି ।ଅନ୍ୟପଟେ ସ୍ତ୍ରୀ ସୁନ୍ଦରୀ ଏଘର ସେଘର ବୁଲି ଅନ୍ୟ ମୂଳ ଲାଗି ଯାହା କିଛି ବି ଧରିକି ଆସୁଛି ସେଥିରେ ୩ ପ୍ରାଣୀଙ୍କ ପେଟ ପାଇଁ ଦାନାର ଯୋଗାଡ଼ କରୁଛନ୍ତି । ଦିନହୀନ ଶିବାଜୀ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ଅନେକ ଥର ଆବେଦନ କରିଥିଲେ ମଧ୍ୟ ପ୍ରଶାସନ ଶିବାଜୀଙ୍କ ପରିବାର ପାଇଁ ଘର ଖଣ୍ଡେ ଯୋଗେଇ ଦେଉନାହାନ୍ତି ।ସରପଞ୍ଚଙ୍କ ଠାରୁ ଆରମ୍ଭ କରି ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ବିଡ଼ିଓ ଙ୍କ ନିକଟକୁ ବାରମ୍ବାର ଘର ଆଶାରେ ଦୌଡ଼ିଛନ୍ତି ହେଲେ ପ୍ରଶାସନିକ ଅଧିକାରୀ ମାନେ ସେକେଣ୍ଡ ଲିଷ୍ଟ ରେ ଆସିବ କହି କହି ଠକି ଚାଲିଥିବା ଶିବାଜୀ ଦୁଃଖର ସହ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଦେଖିବାକୁ ବାକି ରହିଲା ପ୍ରଶାସନ ଏହି ଅସହାୟ ପରିବାର ପାଇଁ କେବେ ଛାତ ଯୋଗାଉଛି । ଏନେଇ ଡିଣ୍ଡିରାଗାଁ ପଂଚାୟତର ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଝୁଲିଲତା ସାହୁଙ୍କୁ ପଚାରିବାରୁ ସେ ଅନ୍ତୋଦୟ ଓ ପିଏମଏଯାଇ ସର୍ବେ ହୋଇଛି, ତେଣୁ ସେକେଣ୍ଡ ଲିଷ୍ଟ ଆସିଲେ ତାଙ୍କେ ଘର ପାଇଯିବେ ବୋଲି କହିଛନ୍ତି । ପ୍ରକାଶ ଥାଉକି, ଡିଣ୍ଡିରାଗାଁ ଗ୍ରାମ ପଂଚାୟତର ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧ୍ୟ ଜଣେ ଭିନ୍ନକ୍ଷମ ମହିଳା । ସେ ଭିନ୍ନକ୍ଷମ ଥିବା ବାହାନା କରି ପଂଚାୟତର କୌଣସି ବି ଗ୍ରାମକୁ ବ୍ୟକ୍ତିଗତ ଭାବେ ପରିଦର୍ଶନ କରନ୍ତି ନାହିଁ । ୱାର୍ଡ ସଭ୍ୟ ଓ ଗାଁ ସାଥି (ମେଟ )ମାନେ ଯାହାବି ସୂଚନା ଦିଅନ୍ତି ତାକୁ ନେଇ କାର୍ଯ୍ୟ କରିଆସୁଛନ୍ତି ।ଯାହାର ପରିଣାମ ସ୍ୱରୂପ ଆଜି ବି ପଂଚାୟତରେ ଅନେକ ଯୋଗ୍ୟ ହିତାଧିକାରୀ ବିଭିନ୍ନ ଯୋଜନାରୁ ବଞ୍ଚିତ ରହିଥିବା ଅଭିଯୋଗ ହେଉଛି । ତେଣୁ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଜେ ଘଟଣା ସ୍ଥଳରେ ପହଂଚି ଉପଯୁକ୍ତ ହିତାଧିକାରୀଙ୍କୁ ଚିହ୍ନଟ କରି ଯୋଜନା ସବୁରେ ସାମିଲ କରିବାକୁ ସାଧାରଣରେ ଦାବୀ ହେଉଛି ।



### ପୁଣି ନୂଆପଡ଼ାରେ କଲରାପତରିଆ ବାଘ ଆତଙ୍କ

# ଗୁହାଳରେ ପଶି ଗାଈକୁ କଲା ଶିକାର



ନୂଆପଡ଼ା,୧୩/୫: ନୂଆପଡ଼ା ରେଞ୍ଜ ଧରମବନ୍ଧା ବିଟ ପଣ୍ଡରିପାଣି ଗାଁରେ ବାଘ ଆତଙ୍କ। ବିଳମ୍ବିତ ରାତିରେ ଏକ କଲରାପତରିଆ ବାଘ ଗୁହାଳରେ ପଶି ଗାଈକୁ ଶିକାର କରିଛି। ତେବେ ଗତକାଲି ରାତିରେ ପଣ୍ଡରିପାଣି ଗାଁର ମୁଞ୍ଚୁ ରାଉତ ନିଜ ଗୁହାଳରେ ଗାଈକୁ ବାନ୍ଧି ଶୋଇଥିଲେ। ଗତକାଲି ରାତିରେ ପଣ୍ଡରିପାଣି ଗାଁର ମୁଞ୍ଚୁ ରାଉତ ନିଜ ଗୁହାଳରେ ଗାଈକୁ ବାନ୍ଧି ଶୋଇଥିଲେ। ବିଳମ୍ବିତ ରାତିରେ ଏକ କଲରାପତରିଆ ବାଘ ଗୁହାଳରେ ପଶି ଗାଈକୁ ଆକ୍ରମଣ କରିଥିଲା। ସେଠି ଗାଈ ରଡି ଛାଡ଼ିବାରୁ ପରିବାର ଲୋକେ ଉଠି ଯାଇଥିଲେ।ଏହାପରେ ଗୁହାଳରେ ଟର୍ଚ୍ଚ ଲାଇଟ ମାରିବାରୁ ବାଘ ଗାଈକୁ ଛାଡ଼ି ଜଙ୍ଗଲକୁ ଚାଲିଯାଇଥିଲା । କିନ୍ତୁ ବାଘ ଆକ୍ରମଣରେ ଗାଈର ମୃତ୍ୟୁ ହୋଇ ସାରିଥିଲା। ଏନେଇ ପରିବାର ଲୋକେ ବନ ବିଭାଗକୁ ଖବର ଦେଇଥିଲେ ବି ସକାଳ ୧୦ଟା ସୁଦ୍ଧା ଘଟଣାସ୍ଥଳରେ କୌଣସି ବନ କର୍ମଚାରୀ ପହଞ୍ଚିନଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ଗ୍ରାମବାସୀ। ବିଳମ୍ବିତ ରାତିରେ ଏକ କଲରାପତରିଆ ବାଘ ଗୁହାଳରେ ପଶି ଗାଈକୁ ଆକ୍ରମଣ କରିଥିଲା। ସେଠି ଗାଈ ରଡି ଛାଡ଼ିବାରୁ ପରିବାର ଲୋକେ ଉଠି ଯାଇଥିଲେ।ଏହାପରେ ଗୁହାଳରେ ଟର୍ଚ୍ଚ ଲାଇଟ ମାରିବାରୁ ବାଘ ଗାଈକୁ ଛାଡ଼ି ଜଙ୍ଗଲକୁ ଚାଲିଯାଇଥିଲା । କିନ୍ତୁ ବାଘ ଆକ୍ରମଣରେ ଗାଈର ମୃତ୍ୟୁ ହୋଇ ସାରିଥିଲା। ଏନେଇ ପରିବାର ଲୋକେ ବନ ବିଭାଗକୁ ଖବର ଦେଇଥିଲେ ବି ସକାଳ ୧୦ଟା ସୁଦ୍ଧା ଘଟଣାସ୍ଥଳରେ କୌଣସି ବନ କର୍ମଚାରୀ ପହଞ୍ଚିନଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ଗ୍ରାମବାସୀ।

# ପରିଚୟ ଖୋଜୁଛି କଳାହାଣ୍ଡି ପିଆଜ



କଳାହାଣ୍ଡି, ୧୩/୫: ସେ ମଟନ ହେଉ କି ପଖାଳ ଭାତ ଓ ସବୁଥିରେ ପିଆଜର ଆବଶ୍ୟକତା ଜରୁରୀ । ପିଆଳ ଖାଦ୍ୟର ସ୍ୱାଦ ବଢ଼ାଇଥାଏ । ହେଲେ ସେହି ପିଆଜ କେତେବେଳେ କିଲୋ ପିଛା ୩୦ ଟଙ୍କାରେ ମିଳୁଥିବାବେଳେ ଆଉ କେତେବେଳେ ୩୦୦ ଟଙ୍କାରେ ମିଳୁଛି । ଶୀତଳଭଣ୍ଡାର ଅଭାବରୁ ପିଆଳର ସଂରକ୍ଷଣ ହୋଇପାରୁ ନଥିବାରୁ ମୂଲ୍ୟରେ ଏଭଳି ତାରତମ୍ୟ ଦେଖାଯାଇଥାଏ । ଏପରିକି ଅନେକ ସମୟରେ ବାହାର ରାଜ୍ୟ ନାସିକ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଦିନ ଥିଲା କଳାହାଣ୍ଡି ଅଞ୍ଚଳରେ ଏତେ ମାତ୍ରାରେ ପିଆଳ ଅମଳ ହେଉଥିଲା ଏଠାରୁ ବାହାର ରାଜ୍ୟକୁ ରପ୍ତାନି ହେଉଥିଲା । ଆମ ରାଜ୍ୟର କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଆଦି ଜିଲ୍ଲାରେ ପ୍ରଚୁର ମାତ୍ରାରେ ପିଆଜ ଚାଷ ହୋଇଥାଏ । ରବି ଓ ଖରିଫ ଋତୁରେ ପିଆଜ ଚାଷ ହେଉଥିବାବେଳେ ଉତ୍ପାଦନ ବି ଭଲ ହୋଇଥାଏ। ତେବେ ଶୀତଳ ଭଣ୍ଡାର ଅଭାବରୁ ଚାଷୀ ଅତି କମ ଦରରେ ବିକ୍ରି କରି ବିଶେଷ ଲାଭବାନ ହେଉନଥିବା ଦେଖାଯାଇଛି। ଏନେଇ ଧୀରେ ଧୀରେ ପିଆଜ ଚାଷରୁ ମୁହଁ ଫେରାଇଛି ଚାଷୀ । ପ୍ରତ୍ସାହନ ଅଭାବରୁ ଏହି ଅର୍ଥକରୀ ଫସଲର ଅମଳ ବୃଦ୍ଧି ପାଇଁ ଯେଭଳି ଉଦ୍ୟମ ହେବା କଥା ତାହା ଆଉ ହେଉ ନାହିଁ । ଅଧିକ ସଂଖ୍ୟାରେ ଚାଷୀ ଏଥିପ୍ରତି ଆକୃଷ୍ଟ ହେଉନାହାନ୍ତି। ଯେଉଁ କେତେକ ହାତଗଣତି ଚାଷୀ ପୂର୍ବରୁ ଚାଷ କରି ଆସୁଛନ୍ତି, କେବଳ ସେହିମାନେ ହିଁ ଏହି ଚାଷ କରୁଛନ୍ତି । ସେଥିରୁ କେତେକ ସରକାରୀ ଯୋଜନାରେ ସହାୟତା ପାଇଥିବା ବେଳେ ଅନ୍ୟମାନେ ସେଥିରୁ ବଞ୍ଚିତ ହେଉଛନ୍ତି । ଏଥର ପିଆଜ ଭଲ ଅମଳ ହୋଇଥିବା ସତ୍ତ୍ୱେ କଳାହାଣ୍ଡି ବଜାରରେ ଦେଖିବାକୁ ମିଳିଛି ଅନ୍ୟ ରାଜ୍ୟର ପିଆଜ । ବାହାର ରାଜ୍ୟର ବିଭିନ୍ନ ମଣ୍ଡିରୁ ଟନ୍ ଟନ୍ ପିଆଜ ଆମଦାନି ହୋଇଆସୁଛି ଓ ଏଥର ଉଦ୍ୟାନ ବିଭାଗ ପକ୍ଷରୁ ଶତାଧିକ ହେକ୍ଟର ଜମିରେ ପିଆଜ ଚାଷ ପାଇଁ ସହାୟତା ଯୋଗାଇ ଦିଆଯାଇଥିଲା। ନଭେମ୍ବର-ଡିସେମ୍ବରରେ ଚାଷୀମାନେ ଏହି ପିଆଜ ଚାଷ କରିଥିବା ବେଳେ ୧୦୦-୧୨୦ ଦିନ ପରେ ମାର୍ଚ୍ଚ-ଏପ୍ରିଲ୍‌ରେ ଏହା ଅମଳ ହେଉଛି । ପୁଣି ଖରିଫ ଋତୁରେ ଚାଷୀ ଏଠାରେ ପିଆଜ ଚାଷ କରିଥାନ୍ତି । ବିନା ସରକାରୀ ସହାୟତାରେ ମଧ୍ୟ କେତେକ ପିଆଜ ଚାଷ କରିଛନ୍ତି । ଏଭଳି ସାରା ଜିଲ୍ଲାରେ ହଜାରେ ରୁ ଅଧିକ ହେକ୍ଟର ଜମିରେ ପିଆଜ ଚାଷ ହୋଇଛି। ତେବେ ପିଆଜ କୁ ଅଧିକ ଦିନ ସଂରକ୍ଷିତ ରଖିବା ପାଇଁ ଜିଲ୍ଲାରେ ଶୀତଳଭଣ୍ଡାରର ଅଭାବ ରହିଛି। କେବଳ କିଛି ଦିନ ପର୍ଯ୍ୟନ୍ତ ସଂରକ୍ଷିତ ରଖିବା ପାଇଁ ୧୦-୧୫ଟି ପିଆଜ ଘର ରହିଛି। ଶୀତଳଭଣ୍ଡାର ସ୍ଥାପନ ହେଲେ ଚାଷୀମାନେ ଅଧିକ ଲାଭବାନ ହୋଇପାରନ୍ତେ । ତେବେ ପିଆଜ ଚାଷକୁ ନେଇ ସଚେତନତା ବୃଦ୍ଧି କରାଯିବା ସହ ଚାଷୀମାନଙ୍କୁ ଆବଶ୍ୟକ ତାଲିମ ଦିଆଗଲେ ଜିଲ୍ଲାରେ ଏହାର ଅମଳ ବୃଦ୍ଧି ପାଇପାରନ୍ତା ।

## ସଂପାଦକୀୟ

# ‘ସିନ୍ଦୂର’ର ସନ୍ଦେଶ

ଏଭଳି ଯୁଦ୍ଧରେ ପାକିସ୍ତାନ ରସାତଳଗାମୀ ହୋଇଗଲେ ସୁଦ୍ଧା ଏହି ଆତଙ୍କବାଦୀ ସଂଗଠନଗୁଡ଼ିକର କେ ?ଣସି ପରୁଆ ନ ଥାଏ। ପାକିସ୍ତାନ ହେଉଛି ପ୍ରାଚୀନ ‘କଥା ସରିତ୍ ? ସାଗର’ରେ ବର୍ଣ୍ଣିତ ସେହି ଅପରିଣାମଦର୍ଶୀ ରାଜା ଯିଏ ଏକ ନିର୍ବୋଧ ମର୍କଟକୁ ଜଗୁଆଳି ଭାବେ ନିଯୁକ୍ତ କରି ତା’ ହାତରେ ଉନ୍ମୁକ୍ତ ତରବାରିଟିଏ ଧରାଇ ଦେଇ ଶାନ୍ତିରେ ନିଦ୍ରା ଯାଇଥିଲେ। ଏଭଳି ନିର୍ବୋଧତାର ମୂଲ୍ୟ ଭାବେ ମାଙ୍କଡ଼ର ଖଣ୍ଡା ଚୋଟରେ ରାଜାଙ୍କ ପ୍ରାଣ ଚାଲିଯାଇଥିଲା। ପରିଶେଷରେ ଯାହା ଅବଶ୍ୟମ୍ଭାବୀ ଥିଲା, ତାହା ଘଟିଛି ଏବଂ ଗଲା ମଙ୍ଗଳବାର ନିଶାର୍ଧର ଘଣ୍ଟାଏ ଚଉରାଳିଶ ମିନିଟ୍ ? ଅତିକ୍ରାନ୍ତ ହେବା ସହିତ ଭାରତୀୟ କ୍ଷେପଣାସ୍ତ୍ର ଆକ୍ରମଣରେ ପାକିସ୍ତାନ ଅଧିକୃତ କାଶ୍ମୀର ତଥା ପାକିସ୍ତାନର ବିଭିନ୍ନ ଅଞ୍ଚଳରେ ଥିବା ଆତଙ୍କବାଦୀ ପ୍ରଶିକ୍ଷଣ ଶିବିରମାନ ଧ୍ୱଂସସ୍ତୂପରେ ପରିଣତ ହୋଇଛନ୍ତି। କହିବା ବାହୁଲ୍ୟ, ଏହି ଆକ୍ରମଣକୁ ଅତ୍ୟନ୍ତ ସୂକ୍ଷ୍ମତାର ସହିତ ପରିଚାଳନା କରାଯାଇଛି, ଯହିଁରେ ଜନସାଧାରଣଙ୍କ ଜୀବନ ଯେମିତି କ୍ଷତିଗ୍ରସ୍ତ ନ ହୁଏ, ତାହା ଉପରେ ପ୍ରମୁଖ ଗୁରୁତ୍ୱ ପ୍ରଦାନ କରାଯାଇଛି। ଜଣାପଡ଼ିଛି ଯେ ଆତଙ୍କବାଦୀ ମାସୁଦ ଆଜହାରର ଆତଙ୍କବାଦୀ ପ୍ରଶିକ୍ଷଣ ସ୍ଥଳ ମୁଖ୍ୟ ନିଶାଣରେ ଥିଲା। ଏହାର ଜବାବରେ ନିୟନ୍ତ୍ରଣ ରେଖା ଠାରେ ପାକିସ୍ତାନ ପକ୍ଷରୁ ଗୋଳା ବର୍ଷଣର ତୀବ୍ରତା ବୃଦ୍ଧି ପାଇଛି, ଯହିଁରୁ ଅନୁମାନ କରି ହୋଇଥାଏ ଯେ ଯୁଦ୍ଧର ଘନଘଟା ହୁଏତ ଅଧିକ ଉତ୍କଟ ହେବ। ତେବେ, ଏଭଳି ଏକ ଅତ୍ୟନ୍ତ ସ୍ପର୍ଶକାତର ସ୍ଥିତିରେ ଯେଉଁ ସନ୍ଦେଶ ଓ ସଂକେତମାନ ମିଳିଥାଏ, ତାହା ପ୍ରଣିଧାନଯୋଗ୍ୟ ଏବଂ ଏକ କ୍ଷୁଦ୍ର ଆଲୋଚନା ସକାଶେ ଅବକାଶ ସୃଷ୍ଟି କରିଥାଏ।ଭାରତର ଏହି ଆକ୍ରମଣର ନାମକରଣ ‘ଅ ?ପରେସନ ସିନ୍ଦୂର’ ହେବା ପଛରେ ଅନ୍ତର୍ନିହିତ ଭାବାବେଗ ଏହି ନାମକୁ ଅଧିକ ଅର୍ଥମୟ କରିଥାଏ। ଭାରତୀୟ ସଂସ୍କୃତିରେ ‘ସିନ୍ଦୂର’ ହେଉଛି ବିବାହିତ ମହିଳାଙ୍କ ସେ ?ଭାଗ୍ୟର ଚିହ୍ନ, ଯାହାର ଔଜ୍ଜ୍ୱଲ୍ୟ ସେ ଦିନ ପହଲଗାମର ଆତଙ୍କବାଦୀଙ୍କ ଆକ୍ରମଣରେ ମଳିନ ପଡ଼ି ଯାଇଥିଲା। ସମସ୍ତଙ୍କ ସ୍ମରଣରେ ଥିବ ଯେ ଆତଙ୍କବାଦୀମାନେ ନିର୍ଦ୍ଦିଷ୍ଟ ଭାବେ ପୁରୁଷମାନଙ୍କୁ ହତ୍ୟା କରିଥିଲେ ଏବଂ ସେଠାରେ ହୃଦୟ ବିଦାରକ ଭାବେ ବିଳାପ କରୁଥିବା ପତିହରା ମହିଳାମାନଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ‘ମୋଦୀ’ଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ପ୍ରେରଣ କରାଯାଇଛି ବୋଲି ସେମାନେ ମନ୍ତବ୍ୟ ପ୍ରଦାନ କରିଥିଲେ। ସୁତରାଂ, ସେହି ହତଭାଗ୍ୟ ମହିଳାମାନଙ୍କ ଲଲାଟରୁ ପୋଛି ଦିଆଯାଇଥିବା ‘ସିନ୍ଦୂର’ ଯେ ରାଷ୍ଟ୍ର ସମ୍ମୁଖରେ ଆତଙ୍କବାଦୀମାନଙ୍କ ବିରୋଧରେ ପ୍ରତିଶୋଧ ନେବାର ଏକ ନେ ?ତିକ ଦାୟିତ୍ୱକୁ ଛିଡ଼ା କରାଇଥିଲା, ତାହା କହିବା ଅନାବଶ୍ୟକ। ସେହି ପଣ ରାଷ୍ଟ୍ର ରକ୍ଷା କରିଛି।ଆକ୍ରମଣ ପରେ ସାମ୍ବାଦିକ ସମ୍ମିଳନୀକୁ ସଂବୋଧନ କରିଥିବା ତିନି ଅଧିକାରୀ ଥିଲେ ତିନି ସଂପ୍ରଦାୟ - ହିନ୍ଦୁ, ମୁସଲମାନ ଏବଂ ଶିଖ - ଅନ୍ତର୍ଭୁକ୍ତ ଏବଂ ସେମାନଙ୍କ ମଧ୍ୟରୁ ଦୁଇଜଣ ଥି ?ଲ ମହିଳା। ଏଥିରେ ଅନ୍ତର୍ନିହିତ ସନ୍ଦେଶଟି ସ୍ପଷ୍ଟ ଯେ ଭାରତରେ ଏକ ଭୟାବହ ସାଂପ୍ରଦାୟିକ ଦଙ୍ଗା ସୃଷ୍ଟି କରିବା ପହଲଗାମ ଆତଙ୍କବାଦୀ ଆକ୍ରମଣ ପଛର ପ୍ରକୃତ ଅଭିସନ୍ଧି ହୋଇଥିଲେ ହେଁ ତାହା ଆଦେ ? ସଫଳ ନହେବା ପ୍ରମାଣ କରିଛି ଯେ ‘ବିବିଧତା ମଧ୍ୟରେ ଏକତା’ ନାମକ ଚମତ୍କାର ଅବବୋଧ ବହନକାରୀ ଭାରତ ବାସ୍ତବରେ କିଭଳି ସହିଷ୍ଣୁ ଓ ଧାରଣକ୍ଷମ। ପହଲଗାମ ଘଟଣା ପରେ ଭାରତରେ ବସବାସ କରୁଥିବା ମୁସଲିମ ସଂପ୍ରଦାୟର ନାଗରିକ ଏବଂ ସେମାନଙ୍କ ରାଜନେ ?ତିକ ପ୍ରତିନିଧିମାନେ ଏକ ସ୍ୱରରେ ପାକିସ୍ତାନର ଯେଉଁଭଳି ନିନ୍ଦାବାଦ କରିଛନ୍ତି, ତାହା ମଧ୍ୟ ଉଦାହରଣୀୟ। ଏଭଳି ସ୍ଥିତିରେ ଯାହା ପାକିସ୍ତାନର ଆତଙ୍କବାଦ ପ୍ରୋତ୍ସାହନକାରୀମାନଙ୍କୁ ଅତ୍ୟନ୍ତ ବିସ୍ମିତ ଏପରିକି ହତାଶ କରିଥିବ, ତାହା ହେଲା ଏହି ଘଟଣା ପରେ କାଶ୍ମୀର ଉପତ୍ୟକାରେ ସ୍ୱତଃପ୍ରବୃତ୍ତ ଭାବେ ସୃଷ୍ଟି ହୋଇଥିବା ଜନ ବିରୋଧ ଏବଂ ଆତଙ୍କବାଦକୁ ଅସ୍ୱୀକାର କରିବାର ସ୍ପଷ୍ଟ ସ୍ୱର। କେବଳ ସେତିକି ନୁହେଁ, ଏହି ସାମ୍ବାଦିକ ସମ୍ମିଳନୀରେ ସାମରିକ ଅଧିକାରୀ ରୂପେ ମହିଳାଙ୍କ ଉପସ୍ଥିତି ମଧ୍ୟ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଉଦାର ଗଣତନ୍ତ୍ରର ମନୋଜ୍ଞ ଚିତ୍ରକୁ ଦର୍ଶାଇଥାଏ। ଅନେକ ବିଶେଷଜ୍ଞ କହିଥାଆନ୍ତି ଯେ ଏକ ସୀମିତ ସଂଘର୍ଷର ପରିସୀମା ଅତିକ୍ରମ କରି ଏହା ଅଚିରେ ?ର ପୂର୍ଣ୍ଣ ଯୁଦ୍ଧରେ ପରିଣତ ହୋଇପାରେ, କାରଣ ତାହା ହିଁ ହେଉଛି ପାକିସ୍ତାନ ?ସାମରିକ ବାହିନୀର ପ୍ରଚ୍ଛନ୍ନ ଇଚ୍ଛା। ସେମାନଙ୍କ ମତରେ ସେଠାକାର ଜନସାଧାରଣଙ୍କ ନିକଟରେ ଉଭୟ ପାକିସ୍ତାନ ସେନା ବାହିନୀ ଓ ସେନାଧ୍ୟକ୍ଷ ଅସିମ ମୁନୀର ଅତ୍ୟନ୍ତ ଅପ୍ରିୟ, ଯାହା ଫଳରେ ନିଜର ତଥା ସେନା ବାହିନୀର ଭାବମୂର୍ତ୍ତିରେ ଔଜ୍ଜ୍ୱଲ୍ୟ ଆଣିବାକୁ ସେ ଯୁଦ୍ଧକୁ ଏକ ସୁଯୋଗ ରୂପେ ବ୍ୟବହାର କରିପାରନ୍ତି। ପ୍ରକାଶ ଥାଉ କି ପାକିସ୍ତାନର ରାଜନେ ?ତିକ ତାରଲ୍ୟ, ଆର୍ଥିକ ଦୁରବସ୍ଥା ଓ କ୍ଷମତା କନ୍ଦଳ ଇତ୍ୟାଦି ପଛରେ ଯେ ସେଠାକାର ସାମରିକ ବାହିନୀ ଏକ ଅପନାୟକର ଭୂମିକା ନିର୍ବାହ କରି ଆସିଛି, ତାହା ଏବେ ସେଠାକାର ନାଗରିକମାନେ ହୃଦବୋଧ କଲେଣି। ଆତଙ୍କବାଦକୁ ପ୍ରୋତ୍ସାହନ ଦେବାରେ ପାକିସ୍ତାନୀ ସାମରିକ ବାହିନୀର ଅବଦାନ ଏବେ ସାରା ପୃଥିବୀରେ ସୁବିଦିତ, ଯାହାର ପରିଣାମ ସ୍ୱରୂପ ସେ ଦେଶ ସର୍ବାଧିକ ଆତଙ୍କବାଦୀ ଆକ୍ରମଣର ଶରବ୍ୟ ମଧ୍ୟ ହେଉଛି। ଗତ ଦଶ ବର୍ଷ ମଧ୍ୟରେ ଆତଙ୍କବାଦୀ ଆକ୍ରମଣରେ ୨୩,୬୩୨ ଜଣ ପାକିସ୍ତାନୀ ନାଗରିକ ପ୍ରାଣ ହରାଇଛନ୍ତି। ଏଭଳି ସ୍ଥଳେ ପାକିସ୍ତାନ ସାମରିକ ବାହିନୀ ଜନ ବିଦ୍ୱେଷର ଶିକାର ହେବା ସ୍ୱାଭାବିକ। ଏଭଳି ସ୍ଥଳେ ଏକ ଯୁଦ୍ଧ ହିଁ ପାକିସ୍ତାନ ସାମରିକ ବାହିନୀକୁ ରାଷ୍ଟ୍ରର ତ୍ରାଣକର୍ତ୍ତା ରୂପେ ସ୍ୱୀକୃତି ଦେବ। ଅନେକ ବିଶେଷଜ୍ଞ ସନ୍ଦେହ କରନ୍ତି ଯେ ଗଲା ଏପ୍ରିଲ ୨୦ ତାରିଖରେ ଜେନେରାଲ ଅସିମ ମୁନୀରଙ୍କ ପ୍ରଦତ୍ତ ହିନ୍ଦୁ ବିରୋଧୀ ଘୃଣା ଦ୍ୱାରା ରଂଜିତ ଭାଷଣ ପ୍ରକାରାନ୍ତରେ ଯୁଦ୍ଧର ଏକ ପରିବେଶ ସୃଷ୍ଟି ସକାଶେ ଅଭିପ୍ରେତ ଥିଲା ଏବଂ ପହଲମାଗ ଆକ୍ରମଣରେ ତାହା ହିଁ ଥିଲା ମୁଖ୍ୟ ଉତ୍ ?ପ୍ରେରକ। ଏଭଳି ଘଟଣା ଯେ ଅବଲୀଳା କ୍ରମେ ଏକ ସଂଘର୍ଷ ବା ଯୁଦ୍ଧକୁ ଜନ୍ମ ଦେବ, ତାହା ମଧ୍ୟ ସେମାନେ ଜାଣିଥିବେ !ନିକଟରେ ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ ‘ରେଟିଂ’ ସଂସ୍ଥା ‘ମୁଡିସ’ ପକ୍ଷରୁ ଆଶଙ୍କା କରାଯାଇଛି ଯେ ଯଦି ଏକ ଯୁଦ୍ଧ ହୁଏ, ତେବେ ମାତ୍ର ସପ୍ତାହେ ବା ଦୁଇ ସପ୍ତାହ ପରେ ପାକିସ୍ତାନ ସଂବଳଶୂନ୍ୟ ହୋଇଯାଇପାରେ। ସଂପ୍ରତି ପାକିସ୍ତାନର କେନ୍ଦ୍ରୀୟ ବ୍ୟାଙ୍କରେ ଥିବା ବିଦେଶୀ ମୁଦ୍ରାର ପରିମାଣ ହେଉଛି ମାତ୍ର ୧୫.୨୫ ବିଲିଅନ୍ ଡଲାର, ଯାହା ସେ ଦେଶର ଆମଦାନିକୁ କେ ?ଣସିମତେ ହୁଏତ ମାତ୍ର ମାସକ ସକାଶେ ଚଳାଇ ନେଇପାରେ; କିନ୍ତୁ ତା’ ଉପରେ ଏକ ଯୁଦ୍ଧର ଅତିକାୟ ବୋଝ ସ୍ୱାଭାବିକ ଭାବେ ଅସହନୀୟ ହେବ। ଏଣେ ‘ବିଶ୍ୱ ମୁଦ୍ରା ପାଣ୍ଠି’ ବା ‘ଆଇ.ଏମ.ଏଫ.’ରୁ ଲବ୍ ?ଧ ଋଣରେ ଚାପଗ୍ରସ୍ତ ପାକିସ୍ତାନରେ ମୁଦ୍ରାସ୍ଫୀତି ଅସହ୍ୟ ଭାବେ ଉଚ୍ଚା ଏବଂ ସେ ଦେଶ ସର୍ବାଧିକ ଥର ଅର୍ଥାତ୍ ? ୨୫ ଥର ଲାଗି ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତା’ ସକାଶେ ଯୁଦ୍ଧ ଯେ ସଂପୂର୍ଣ୍ଣ ଅବାଂଛନୀୟ, ଏହା କହିବା ନିଷ୍ପ୍ରୟୋଜନ। ଏଣେ ଏଭଳି ସ୍ଥଳେ କେ ?ଣସି ବାହ୍ୟ ରାଷ୍ଟ୍ର ଠାରୁ ଅର୍ଥ ସହାୟତା ସକାଶେ ପାକିସ୍ତାନ ହୁଏତ ଚୀନ ଉପରେ ଭରସା କରିପାରେ। କିନ୍ତୁ ଟ୍ରମ୍ପଙ୍କ ଦ୍ୱା ?ରା ସୃଷ୍ଟ ‘ଟାରିଫ ଯୁଦ୍ଧ’ ପରିପ୍ରେକ୍ଷୀରେ ଚୀନ ଭାରତ ସହିତ ବେ ?ରୀ ଭାବ ପୋଷଣ କରି ପାକିସ୍ତାନ ଭଳି ଏକ ମୁମୂର୍ଷୁ ଅଶ୍ୱ ଆରୋହଣ କରିବାକୁ ଆଗ୍ରହୀ ହେବା ନେଇ ମଧ୍ୟ ସନ୍ଦେହ ରହିଛି। ଆତଙ୍କବାଦ ସହିତ ସଂପୃକ୍ତି କାରଣରୁ ପାକିସ୍ତାନକୁ ପାଶ୍ଚାତ୍ୟ ରାଷ୍ଟ୍ରରୁ କେ ?ଣସି ସାହାଯ୍ୟ ବା ସହଯୋଗ ମିଳିବାର ଆଶା ଶୂନ୍ୟପ୍ରାୟ। ଏଭଳି ସ୍ଥଳେ ଏକ ଯୁଦ୍ଧ ଯେ ସେ ଦେଶ ଲାଗି ଆତ୍ମଘାତୀ, ତାହା ସ୍ପଷ୍ଟ। କିନ୍ତୁ ବାସ୍ତବତାଟି ହେଲା, ସେ ଦେଶରେ ବିବେଚନାପୂର୍ଣ୍ଣ ଚିନ୍ତନ ଲାଗି କେ ?ଣସି ଅବକାଶ ହିଁ ନ ଥାଏ। ପାକିସ୍ତାନର ସେନାବାହିନୀ ଓ ରାଜନେ ?ତିକ କ୍ଷମତା କେନ୍ଦ୍ର କାଶ୍ମୀରରେ ଅରାଜକତା ସୃଷ୍ଟି କରିବାକୁ ଯେଉଁ ଆତଙ୍କବାଦୀ ସଂଗଠନଗୁଡ଼ିକୁ ଆଶ୍ରୟ ଓ ପ୍ରଶ୍ରୟ ?ଦଇ ଆସିଛନ୍ତି, ସେଗୁଡ଼ିକର ପାକିସ୍ତାନ ପ୍ରତି ଯେ କେ ?ଣସି ଅଙ୍ଗୀକାର ବା ଆନୁଗତ୍ୟ ନାହିଁ, ତାହା ପାକିସ୍ତାନର ହୃଦବୋଧ ହୋଇଯିବା ଆବଶ୍ୟକ। ପାକିସ୍ତାନର ମାନସ ସନ୍ତାନ ଆଫଗାନିସ୍ତାନର ତାଲିବାନ ଏବେ ତାହାର ଏକ ବଡ଼ ଶତ୍ରୁରେ ପରିଣତ ହେବା ହିଁ ହେଉଛି ଏହାର ଏକ ଶ୍ରେଷ୍ଠ ନିଦର୍ଶନ। ଆତଙ୍କବାଦୀ ସଂଗଠନଗୁଡ଼ିକର ଏକମାତ୍ର ଲକ୍ଷ୍ୟ ଆତଙ୍କର ପ୍ରସାର ଓ ନେ ?ରାଜ୍ୟ ସୃଷ୍ଟି। ସେହି କ୍ରମରେ ସେମାନେ ଆପଣା ଉପସ୍ଥିତିକୁ ଦୋରସ୍ତ କରିବାକୁ ଚେଷ୍ଟା କରନ୍ତି। ସେହି ଦୃଷ୍ଟିରୁ ଜେ ?ସ-ଏ-ମହମ୍ମଦ ହେଉ ବା ଲସ୍କର-ଏ-ତୋଏବା’ ଅଥବା ‘ଟିଆରଏଫ’; ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ସେମାନଙ୍କ ସକାଶେ ଏକ ବିପୁଳ ସଫଳତା ବୋଲି କୁହାଯାଇପାରେ; କାରଣ ସେମାନେ ଭିଆଇଥିବା ଏହି କାର୍ଯ୍ୟ ଦୁଇ ଅଣୁ ଶକ୍ତି ସଂପନ୍ନ ରାଷ୍ଟ୍ର ମଧ୍ୟରେ ଯୁଦ୍ଧ ସୃଷ୍ଟି କରି ସାରା ପୃଥିବୀକୁ ଉଦ୍ ?ବିଗ୍ନ କରିପକାଇଛି। ଏଭଳି ଯୁଦ୍ଧରେ ପାକିସ୍ତାନ ରସାତଳଗାମୀ ହୋଇଗଲେ ସୁଦ୍ଧା ଏହି ଆତଙ୍କବାଦୀ ସଂଗଠନଗୁଡ଼ିକର କେ ?ଣସି ପରୁଆ ନ ଥାଏ। ପାକିସ୍ତାନ ହେଉଛି ପ୍ରାଚୀନ ‘କଥା ସରିତ୍ ? ସାଗର’ରେ ବର୍ଣ୍ଣିତ ସେହି ଅପରିଣାମଦର୍ଶୀ ରାଜା ଯିଏ ଏକ ନିର୍ବୋଧ ମର୍କଟକୁ ଜଗୁଆଳି ଭାବେ ନିଯୁକ୍ତ କରି ତା’ ହାତରେ ଉନ୍ମୁକ୍ତ ତରବାରିଟିଏ ଧରାଇ ଦେଇ ଶାନ୍ତିରେ ନିଦ୍ରା ଯାଇଥିଲେ। ଏଭଳି ନିର୍ବୋଧତାର ମୂଲ୍ୟ ଭାବେ ମାଙ୍କଡ଼ର ଖଣ୍ଡା ଚୋଟରେ ରାଜାଙ୍କ ପ୍ରାଣ ଚାଲିଯାଇଥିଲା।

# ପହଲଗାମ୍ ପାଇଁ ପହଲ



କାଶ୍ମୀରର ପହଲଗାମଠାରେ ଯେଉଁ ପର୍ଯ୍ୟଟକମାନଙ୍କ ଉପରେ ସନ୍ତ୍ରାସବାଦୀଙ୍କ ଆକ୍ରମଣ ହେଲା ତାହା ସମସ୍ତଙ୍କୁ ଜଣାଅଛି । ଏହି ଘଟଣା ପାଇଁ କାରଣ, ବାରଣ ଏବଂ ନିବାରଣ ପାଇଁ କଣ କରାଯାଇପାରେ ସେ ନେଇ ଅନେକ ଆଲୋଚନା ଜାରିଅଛି । କିନ୍ତୁ ସନ୍ତ୍ରାସବାଦଠାରୁ ପାକିସ୍ଥାନ ଏହାପରେ ଯେ ଦୂରେଇ ରହିବ ତାହା ନୁହେଁ। ଯେଉଁ କାରଣରୁ ପାକ୍ ପ୍ରତିରକ୍ଷାମନ୍ତ୍ରୀ ସାକ୍ଷାତକାରରେ ସ୍ପଷ୍ଟ କହିଛନ୍ତି ଯେ ପାଶ୍ଚାତ୍ୟ ରାଷ୍ଟ୍ର ଓ ଆମେରିକାର ସ୍ୱାର୍ଥ ପାଇଁ ଗତ ତିନିଦଶନ୍ଧି ଧରି ପାକିସ୍ଥାନ ସନ୍ତ୍ରାସବାଦୀଙ୍କୁ ସମର୍ଥନ କରିଆସୁଛି । କେବଳ ସମର୍ଥନ କରୁଛି ବୋଲି କହିଲେ ଭୁଲ ହେବ ବରଂ ବିଶ୍ୱପାଇଁ ସନ୍ତ୍ରାସବାଦୀ କାରଖାନା ଖୋଲିଛି ଯାହା ଆଗାମୀ ଦିନମାନଙ୍କରେ ମଧ୍ୟ ଜାରି ରହିବ। ଏହାର କାରଣ ହେଲା ଯେ ବିଶ୍ୱର ବହୁତ ବଡ ଗୋଷ୍ଠୀର ଲୋକେ ଏମିତି ହିଂସା, ରକ୍ତପାତ, ସନ୍ତ୍ରାସବାଦ ପଛରେ କେବଳ ଛିଡା ହୋଇ ନାହାନ୍ତି ବରଂ ସହଯୋଗ କରିଆସୁଛନ୍ତି । ସେଥିପାଇଁ ପହଲଗାମ୍ ସମସ୍ୟା ପାଇଁ ଭାରତ ଅନେକ କିଛି ଭାବିଚିନ୍ତି ପଦକ୍ଷେପ ନେବା ଆବଶ୍ୟକ ।

ପହଲଗାମ୍ ଆକ୍ରମଣ ପରେ ପୃଥିବୀର ଅନେକ ବଡ ବଡ ଗଣମାଧ୍ୟମ ବିବିସି ଦି ଗାର୍ଡିୟନ, ଅଲ-ଜଜିରା, ଆସୋସିଏଟ୍ ପ୍ରେସ୍ (ଏପି) ପରି ସଂସ୍ଥା ସବୁ ଶବ୍ଦର ଖେଳକରି ସନ୍ତ୍ରାସବାଦୀଙ୍କ ପ୍ରତି ନରମ ହୋଇଛନ୍ତି । ଏହି ସବୁ ସଂସ୍ଥା ସନ୍ତ୍ରାସବାଦୀଙ୍କୁ ବନ୍ଧୁକଧାରୀ, ସଂଗ୍ରାମରତ, ବିଦ୍ରୋହୀ ପରି ଶବ୍ଦ ମାଧ୍ୟମରେ ପ୍ରକାଶ କରିଛନ୍ତି । ଏହିସବୁ ସଂସ୍ଥାର ବିଚାରରେ ସେମାନେ କେହି ସନ୍ତ୍ରାସବାଦୀ ନୁହନ୍ତି । କେହି କେହି କାଶ୍ମୀରକୁ ଉଲ୍ଲେଖ କରିବାକୁ ଯାଇ ଭାରତ ଅଧିକୃତ କାଶ୍ମୀର, ଭାରତ ନିୟନ୍ତ୍ରିତ କାଶ୍ମିର, ଭାରତ ପ୍ରଶାସନିକ କ୍ଷେତ୍ରରେ ଥିବା କାଶ୍ମିର ବୋଲି ଲେଖିଛନ୍ତି । ଆଗାମୀ ଦିନରେ ଏସବୁ ମିଡିଆ ସେସବୁ ଦେଶର ଲୋକଙ୍କ ନିକଟରେ ଘଟଣାର ପ୍ରକୃତ ଛବି ଯେ ପ୍ରଦର୍ଶନ କରିବ, ତାହା ମିଛକଥା । ଭାରତର ନାମଶୁଣି ଗାତ୍ରଦାହ ହେଉଥିବା ଏସବୁ ମିଡିଆ ପାଇଁ ଭାରତରେ ଅନ୍ତତଃ ପକ୍ଷେ କିଛି ପଦକ୍ଷେପ ଗ୍ରହଣ କରାଯିବା ଦରକାର । ତାହା ସରକାରୀ ସ୍ତରରେ ସମ୍ଭବ ହେଲେ ଭଲ ନଚେତ୍ ବେସରକାରୀ ସ୍ତରରେ ମଧ୍ୟ ଅନେକ କିଛି କରାଯାଇପାରେ। ଦେଶପ୍ରେମୀ ଲୋକେ ଅଧିକ ଚିନ୍ତା କରି ପାରିବେ । ଅଧିକ ସଚେତନ ହୋଇଥିବା ହେତୁ ସେମାନେ ଅନେକ ଦୂର ପର୍ଯ୍ୟନ୍ତ ଚିନ୍ତା କରିପାରିବେ। ଏହାଛଡା ଦେଶ ଭିତରେ ବହୁସଂଖକ ଅବିଜାର ସନ୍ତାନ ମଧ୍ୟ ରହିଛନ୍ତି , ସେମାନେ ଛଦ୍ମବେଶରେ ରହି ଦେଶର ଲୋକଙ୍କ ମାନସକିତାକୁ ଆଘାତ କରିବାରେ ଲାଗିପଡିଛନ୍ତି, ବ୍ୟକ୍ତି ସ୍ୱାଧୀନତା ଆଳରେ ଦେଶର ସମ୍ମାନକୁ କ୍ଷତି କରିବାକୁ ଯାଇ ୟୁଟ୍ୟୁବ, ଇନଷ୍ଟାଗ୍ରାମ, ଫେସ୍‌ବୁକ,ଏକ୍ସ ଆଦିରେ ମନ୍ତବ୍ୟମାନ ଆଗପଛ ବିଚାର ନକରି ପକାଇବାରେ ଲାଗିଛନ୍ତି । କେନ୍ଦ୍ର ସରକାର ନିର୍ଦ୍ଦିଷ୍ଟ ସମୟ ଭିତରେ ପାକ୍‌ଲୋକଙ୍କୁ ଭାରତରୁ ବାହାର କରିବାକୁ ସିନା ଘୋଷଣା କରିଦେଲେ, କିନ୍ତୁ ଦେଶ ଭିତରେ ଥିବା ମୀରଜାଫର, ଚରଣ ପଟ୍ଟନାୟକ ଗୋଷ୍ଠୀର ଲୋକଙ୍କ ପାଇଁ ଏପର୍ଯ୍ୟନ୍ତ କିଛି ଘୋଷଣା କରିନାହାନ୍ତି, ଯାହା ତୁରନ୍ତ ହେବା ଦରକାର । ସେମିତି କାଶ୍ମିରରେ କେତେ ଶିଘ୍ର ନିର୍ବାଚନ ହେବ, ସରକାର ଗଢାଯିବ ବୋଲି ପ୍ରଶ୍ନ କରି ଯେଉଁ ମହାନ ବିଚାରକମାନେ ମାର୍ଗଦର୍ଶନ କରିଆସିଥିଲେ ଏବେ ସେମାନଙ୍କୁ ପ୍ରଶ୍ନ କରାଯାଉ ଯେ ଆବଶ୍ୟକ ସମୟ ପୂର୍ବରୁ ନିର୍ବାଚନ କରି ସେଠାରୁ ସୁରକ୍ଷାକର୍ମୀ ହ୍ରାସ କରିବା ଦ୍ୱାରା ଯେଉଁ କ୍ଷତିହେଲା ସେଥିପାଇଁ କଣ ସେମାନେ ଦାୟୀ ନୁହନ୍ତି । ଅସମ-ବିଧାନ ଭରି ଭରି ଯେଉଁମାନେ ସମବିଧାନର ପ୍ରଶଂସାରେ ଥକିପଡୁନାହାନ୍ତି ସେମାନଙ୍କୁ ପ୍ରଶ୍ନ କରାଯାଉ ଯେ ଏମିତି ଦ୍ୱନ୍ଦ୍ୱରେ କେତେ ଯୁଗ ଚାଲିଥିବ । ବ୍ରିଟିସମାନେ ଦେଶଛାଡି ଯାଇଛନ୍ତି ସତ, ହେଲେ ସେମାନଙ୍କୁ ପ୍ରଶଂସା କରିବା ଲୋକେ ବିଗତ ଦିନରେ ଯେମିତି ଥିଲେ ଆଜି ମଧ୍ୟ କିଛି କମ୍ ନାହାନ୍ତି । ସେମାନଙ୍କ ବ୍ୟବହାର, ପ୍ରଶଂସାରେ ଶତମୁଖ ହୋଇ ଆତ୍ମତୃପ୍ତି ଲାଭ କରୁଥିବା ଲୋକ ମଧ୍ୟ କିଛି କମ୍‌ନାହାନ୍ତି । ସମାଜର ଅମେରୁଦଣ୍ଡୀ ଏହିସବୁ ଲୋକେ ଦେଶପାଇଁ ପ୍ରକୃତରେ କଳଙ୍କଛଡା ଅନ୍ୟ କିଛି ନୁହଁନ୍ତି । ଏବେବି ଏହି ଲୋକ ସବୁଦିନ ପ୍ରତିଟି ମୁହୂ□ରେ ଗ୍ରାମ, ବସ୍ତି, ଗଳି-କନ୍ଦି, ସହଜ-ବଜାରରେ ଦେଶର କ୍ଷତି ପହ□ାଇବାରେ ବ୍ୟସ୍ତ । ବ□ମାନର ସନ୍ଧିକ୍ଷଣରେ ସଚେତନ ଲୋକେ ଏମାନଙ୍କୁ ସବୁ ଖୋଜି ବାହାର କରିବା ସହ ଆବଶ୍ୟକ ଔଷଧ ମଧ୍ୟ ଦେବା ଦରକାର । ସମାଜର ସୁରକ୍ଷା ଚାହୁଁଥିବା ଲୋକେ, ପହଲଗାମ ପାଇଁ ପହଲ (ପଦକ୍ଷେପ) ନେବାକୁ ଚାହୁଁଥିବା ଲୋକେ ଏବେ ଅଧିକ କଥା ନକହି ସମାଜ ଭିତରେ ସତର୍କ, ସଚେତନ ଏବଂ ସୁରକ୍ଷାକର୍ମୀ ପରି କାର୍ଯ୍ୟକରନ୍ତୁ। ପାଖପଡିଶାରେ ଯଦି କେହି ଦେଶ ଓ ସମାଜ ବିରୋଧୀ କଥା କିମ୍ବା କାର୍ଯ୍ୟରେ ସାମିଲ ଅଛି ବୋଲି ସନ୍ଦେହ କରୁଛନ୍ତି ତେବେ ଅଧିକ ତଥ୍ୟ ସଂଗ୍ରହ କରନ୍ତୁ । ଦେଶ ବିରୋଧୀମାନଙ୍କୁ ଧରିବାରେ ସହାୟକ ହୁଅନ୍ତୁ । କାରଣ ଅତୀତରେ ଏମିତି କେତେକ ଅହଂମଣ୍ୟ, କ୍ଷମତାଲିପ୍ସୁ, ତଥାକଥିତ ସ୍ୱାର୍ଥପର ଲୋକମାନଙ୍କ ପାଇଁ ଦେଶର ବିଭାଜନ ହେଲା, ବିନାରକ୍ତପାତରେ ସ୍ୱାଧୀନତା ଲାଭ ହେବ ବୋଲି କହୁଥିବା ଲୋକଙ୍କ ଆଗରେ ୪୦ଲକ୍ଷ ଲୋକ ବଳି ପଡିଲେ । ଅଥଚ ଏମାନେ ସ୍ୱାଧୀନତା ପୂର୍ବରୁ ପାକିସ୍ଥାନକୁ ଯେମିତି ସହଯୋଗ କରିଥିଲେ, ସ୍ୱାଧୀନତା ପରେ ମଧ୍ୟ ସେମିତି ଶ୍ରଦ୍ଧା, ସହାନୁଭୂତି ଏବଂ ସହଯୋଗ ପ୍ରଦାନ କରିକରି ଦେଶକୁ ଦୁର୍ବଳ କରିଦେଲେ । ଏହି ଲୋକେ ବାହାରେ ବ୍ରିଟିସ୍ ଲୋକଙ୍କ ବିରୋଧରେ କହୁଥିଲେ କିନ୍ତୁ ସନ୍ଧ୍ୟାରେ ତାଙ୍କ କ୍ଲବକୁ ଯାଉଥିଲେ, ତାଙ୍କ ସହ ମଦ-ସିଗାରେଟ୍ ଖାଉଥିଲେ । ଏପରିକି ଭାରତକୁ ଦୁର୍ବଳ କରିବାକୁ ସେମାନଙ୍କ ସହ ସାଲିସ ମଧ୍ୟ କରୁଥିଲେ। ଠିକ୍ ସେହି ମାନସିକତାର ଲୋକେ ଏବେ ସମାଜର ଭିନ୍ନ ଭିନ୍ନ ସ୍ତରରେ ସକ୍ରିୟ ଥିବା ଦେଖାଯାଉଛି । ଏମାନେ ଗୃହଶତ୍ରୁ ଗୋଷ୍ଠୀର ଲୋକ, ପଛପଟୁ ଛୁରୀ ମାରି ଦେବା ଏମାନଙ୍କର ଲକ୍ଷ୍ୟ । ଏହି ଗୋଷ୍ଠୀ ପ୍ରତି ସଚେତନ ରହିବା ନିହାତି ଜରୁରୀ। ଲୋକଙ୍କ ଧନଜୀବନ ହାନିସ□ ଯେଉଁମାନେ ବ୍ୟବସାୟ, ବାଣିଜ୍ୟ, ଆପଣାର ସ୍ୱାର୍ଥପାଇଁ ଅଧିକ ଚିନ୍ତିତ ସେମାନଙ୍କୁ ଚିହ୍ନଟ କରାଯାଉ । ଲୋକେ ସେମାନଙ୍କ ବ୍ୟବସାୟକୁ ବହିଷ୍କାର କରନ୍ତୁ । ସେମାନଙ୍କ ବାଣିଜ୍ୟଠାରୁ ମଧ୍ୟ ଦୂରେଇ ରହନ୍ତୁ। କାରଣ ଯୁଦ୍ଧ ପ୍ରାୟ ସ୍ଥିତିରେ ଦେଶର ସୀମାଗୁଡିକୁ ରକ୍ଷାକରିବା ଯେପରି ସେନା ବାହିନୀର କାର୍ଯ୍ୟ ଠିକ୍ ସେମିତି ଦେଶର ଆଭ୍ୟନ୍ତରୀଣ ବ୍ୟବସ୍ଥାକୁ ମଜଭୁତ କରିବା ହେଉଛି ସଚେତନ ଜନତାଙ୍କ କାର୍ଯ୍ୟ। ଏକଥା ମନେରଖିବା ଠିକ୍ ହେବ ଯେ ସ୍ୱାଧୀନତା ପୂର୍ବରୁ ଦେଶରେ ଯେଉଁ ନିର୍ବାଚନ ହୋଇଥିଲା ସେତେବେଳେ ମଧ୍ୟ ଓଡିଶାରେ ପାକ୍ ପ୍ରତି ସମର୍ଥନ ରହିଥିବା ଜଣାପଡିଥିଲା । ଆଜି ରାଜ୍ୟରେ ପାକ୍ ସମର୍ଥକ ରାଜନୈତିକ ଦଳ ଓଡିଶାରେ ନଥିଲେ ମଧ୍ୟ ସନ୍ତ୍ରାସବାଦ, ବିଭାଜନ ଏବଂ ପାକ୍‌ର ସମର୍ଥନରେ ଥିବା ଲୋକେ ଯେ ନାହାନ୍ତି ତାହା ନୁହେଁ, କାର୍ଯ୍ୟସିଦ୍ଧି ପାଇଁ ତଳେ ପଡିଥିବା ଛେପକୁ ମଧ୍ୟ ଚାଟିବା ପରି ଲୋକେ ରହିଛନ୍ତି । ସୁଲତା ଦେଓ ଏହାର ପ୍ରମାଣ ପହଲଗାମ୍ ପରବ□ୀ ସମୟରେ ଭାରତକୁ ଭଲ ପାଉଥିବା ପ୍ରତ୍ୟେକ ବ୍ୟକ୍ତିପାଇଁ ସମାଜର ଲକ୍ଷ୍ୟ ବଡ ପ୍ରଶ୍ନ ହେବା ଆବଶ୍ୟକ ।

କେନ୍ଦ୍ର ସରକାର ଦେଶ ବାହାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିନ୍ତା କରୁଥିବାବେଳେ ସନ୍ତ୍ରାସବାଦୀଙ୍କ ଉଚ୍ଚ ପ୍ରଶଂସା କରୁଥିବା ଝାଡଖଣ୍ଡର ମୌଲାନା ହେଉ କିମ୍ବା ଆସାମର ଟୋପିବାଜ୍ ବିଧାୟକ, ଏମାନଙ୍କୁ ପ୍ରଥମେ ସାବାଡ କରାଯିବା ଆବଶ୍ୟକ । ସେମିତି ମୁର୍ଶିଦାବାଦର ହିନ୍ଦୁ ହତ୍ୟାକାରୀଙ୍କୁ ପଶ୍ଚିମ ଓଡିଶାରେ ସୁରକ୍ଷା ଦେବାପରି ଲୋକେ ମଧ୍ୟ ରହିଛନ୍ତି । ଏହା ଯେ ପ୍ରଥମଥର ପାଇଁ ହୋଇଛି ତା’ନୁହେଁ । ଅତୀତରେ ସିମୀର ଏକାଧିକ ସନ୍ତ୍ରାସବାଦୀ ଏକାଧିକ ମାସ ଧରି ଓଡିଶାରେ ରହିଥିଲେ। ସେମାନଙ୍କ ପ୍ରତି ମଧ୍ୟ ସତର୍କ ଦୃଷ୍ଟି ରହିବା ଆବଶ୍ୟକ। କାରଣ ପାକ୍ ସନ୍ତ୍ରାସବାଦୀଙ୍କୁ ନିମନ୍ତ୍ରଣ କରି ଆଣି ପହଲଗାମରେ ଗଣହତ୍ୟା ରଚିଥିବା ସନ୍ତ୍ରାସବାଦୀଙ୍କ ଘରଲୋକେ ଏବେ ବି ସୁରକ୍ଷିତ ରହିଛନ୍ତି। ସେମାନଙ୍କର କିଛି ଶାରୀରିକ କ୍ଷୟକ୍ଷତି ହୋଇପାରିନାହିଁ ଏହା ହିଁ ବଡ ଆଶ୍ଚର୍ଯ୍ୟର କଥା । କେବଳ ନିନ୍ଦା ପ୍ରସ୍ତାବ, ବତୀଧରା ଶୋଭାଯାତ୍ରାରେ ଏହି ସମସ୍ୟାର ସମାଧାନ ହେବନାହିଁ। ବିଗତ ଦିନରେ ଶୈଳଶ୍ରୀ ବିହାର ଅ□ଳରେ ବଙ୍ଗଳାଦେଶୀ ଲୋକଙ୍କ ଦ୍ୱାରା ସଂଗଠିତ ଆକ୍ରମଣ, ଖାରବେଳ ନଗର ଅନ୍ତର୍ଗତ ମାଳିସାହିରେ ଗଣେଶ/ ସରସ୍ୱତୀ ପୂଜାରେ ଆକ୍ରମଣ ଏବଂ ମୂ□ ଭଙ୍ଗାଯିବା ପରି ଘଟଣାମାନ ଘଟିଛି । ଦେଶଦ୍ରୋହର ଏହିସବୁ ଘଟଣାଗୁଡିକ ଆଗଧାଡିର ଗଣମାଧ୍ୟମରେ ସ୍ଥାନ ପାଇପାରୁନାହିଁ, ଯାହାଖାଲି ସୋସିଆଲ ମିଡିଆର ଛୋଟବର୍ଗ ଭିତରେ ଲୁଚିଯାଉଛି । କାଶ୍ମିର, ପଶ୍ଚିମବଙ୍ଗ, ଆସାମପରି ଓଡିଶାରେ ମଧ୍ୟ ବିଦେଶୀଙ୍କୁ ସ୍ୱଦେଶୀ କରିବାକୁ ସବୁ ରାଜନୈତିକ ଦଳର ନିର୍ବାଚନ ଲଢୁଥିବା ନେତାମାନେ ଲାଗିପଡିଛନ୍ତି,ଏମାନଙ୍କର ଚିହ୍ନଟ ହେବା ଦରକାର। ପହଲଗାମର ପହଲ କେବଳ ସୀମିତ କ୍ଷେତ୍ରରେ ହେଲେ ହେବନାହିଁ, ବ୍ୟାପକ କ୍ଷେତ୍ରକୁ ପ୍ରସାରିତ ହେବା ଆବଶ୍ୟକ । ଗାଜାକୁ ଭଲପାଉଥିବା ଲୋକେ ଭାରତକୁ ଭଲପାଇବେ ନାହିଁ। ଭାରତର ନୀତିକୁ ଗ୍ରହଣ କରିବେ ନାହିଁ। ଗାଜାର ସମର୍ଥନରେ ହାମାସର ସମର୍ଥନରେ କାଶ୍ମିରରେ ଯେଉଁ ଗଣ ସମାବେଶ ହୋଇଥିଲା ତାହା ଜଣାଅଛି । ଗତ କିଛିଦିନ ପୂର୍ବେ ହାମାସ ଲୋକ ପାକ୍ ଅଧିକୃତ କାଶ୍ମିରକୁ ଆସି ଇସ୍ରାଏଲର ପର୍ଯ୍ୟଟକଙ୍କ ଉପରେ ଯେପରି ଆକ୍ରମଣ ହୋଇଥିଲା, ସେହିପରି ଆକ୍ରମଣ ଭାରତ ଉପରେ କରିବାକୁ କହିବା ପରେ ପହଲଗାମ ଆକ୍ରମଓ ହୋଇଛି। ଏସବୁ ଆମେ ଅତୀତ ଦିନମାନଙ୍କରେ ଦେଖି ଆସିଲୁ । ସମ୍ଭଲଠାରୁ ମୁର୍ଶିଦାବାଦ ଆମ ସମ୍ମୁଖରେ ଉଦାହରଣ। ମୋଦୀ ଯେତେ ବିକାଶ କରନ୍ତୁ, ଯେତେ ଜିଡିପି ବଢାଇବା କଥା କହୁଥାନ୍ତୁ, ପାକ୍‌ପ୍ରେମୀ ପିଡିପି ଏଠି ଅଛି ସେସବୁକୁ ଧ୍ୱଂସ କରିବା ପାଇଁ, ସନ୍ତ୍ରାସୀଙ୍କୁ ସଂଗ୍ରାମୀଭାବେ ଛିଡା କରିବାଲାଗି। ବିଶ୍ୱ ସହ ସଂପର୍କ ଯୋଡୁଥିବା ଭାରତର ପ୍ରଧାନମନ୍ତ୍ରୀ ଜାଣିବା ଆବଶ୍ୟକ ଯେ ଦେଶକୁ ନିଃସ୍ୱ କରିବା ଉଦ୍ଦେଶ୍ୟରେ ଗୋଷ୍ଠୀମାନେ ସକ୍ରିୟ ରହିଛନ୍ତି । ତେଣୁ ସରକାରଙ୍କୁ ଅଧିକ କଠୋର ହେବାକୁ ପଡିବ । ଦେଶକୁ ଦୁର୍ବଳ କରୁଥିବା ସୁପ୍ରିମକୋର୍ଟଠାରୁ ଆରମ୍ଭ କରି ଅନ୍ୟାନ୍ୟ ସଂସ୍ଥାଗୁଡିକ ଉପରେ ଲଗାମ ଲଗାଇବାକୁ ହେବ । ସନ୍ତ୍ରାସୀଙ୍କ ପ୍ରତି ଶ୍ରଦ୍ଧା ରଖୁଥିବା ବ୍ୟକ୍ତି, ସଂଗଠନଗୁଡିକ ଉପରେ କଟକଣା ଜାରି କରିବାକୁ ହେବ । ପହଲଗାମ ପାଇଁ ଏସବୁ ଗୋଟିଏ ଗୋଟିଏ ପହଲ ହେବ। ଦେଶରକ୍ଷା ପାଇଁ ଏସବୁ ପଦକ୍ଷେପ କଠୋର ହେଲେ ମଧ୍ୟ ଗ୍ରହଣୀୟ, ସ୍ୱାଗତ ଯୋଗ୍ୟ ।

**ସୌମେନ୍ଦ୍ର ଜେନା**
**ଭାରତୀୟ ସମ୍ବାଦ ସେବା (ଭାସ୍)**
**ଭୁବନେଶ୍ୱର-୭୫୧୦୦୩**

# ଭୟକୁ କେବଳ ଭୟ

୧୮୫୪ ମସିହା ତୃତୀୟ ପ୍ଲେଗ ମହାମାରୀକୁ ନେଇ ଏଇ କାହାଣୀ। ଜଣେ ବିଜ୍ଞ ବ୍ୟକ୍ତି ଇଂଲଣ୍ଡରୁ ଭାରତ ଆସୁଥିବା ସମୟରେ ଜାହାଜରେ ପ୍ଲେଗ ସହିତ ତାଙ୍କର ଅକସ୍ମାତ ଭେଟ ହେଲା। ଭାରତ ଗସ୍ତର କାରଣ ପଚାରିବାରୁ ପ୍ଲେଗ ଉତ୍ତର ଦେଲା, ଏକ ଲକ୍ଷ ଲୋକଙ୍କର ସେ ପ୍ରାଣନାଶ କରିବ। ଫେରନ୍ତା ରାସ୍ତାରେ ଦୁଇଜଣଙ୍କର ପୁନଃ ସାକ୍ଷାତ ହେଲା। ଭଦ୍ରବ୍ୟକ୍ତି ଉତ୍ ?କ୍ଷିପ୍ତ ହୋଇ ପ୍ଲେଗକୁ ସ୍ପଷ୍ଟୀକରଣ ମାଗିଲେ, ଲକ୍ଷେ ଲୋକଙ୍କ ପ୍ରତିଶ୍ରୁତି ଦେଇ ତୁମେ କୋଟିଏ ଲୋକଙ୍କ ପ୍ରାଣ ନେଲ କେମିତି ? ପ୍ଲେଗ ଉତ୍ତର ରଖିଲା, ମୁଁ ତ କେବଳ ଲକ୍ଷେ ଲୋକଙ୍କୁ ମାରିଛି, ଅନ୍ୟ ସମସ୍ତେ ଭୟରେ ମରିଛନ୍ତି। ନିକଟ ଅତୀତରେ ଛବିଶ ଜଣ ପର୍ଯ୍ୟଟକଙ୍କ ଜୀବନନାଶ ଘଟାଇଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣର ମୂଳ ଲକ୍ଷ୍ୟ ଥିଲା ଜନମାନସରେ ଭୟର ସୃଷ୍ଟି। ଭୟ ଏତେ ଭୟଙ୍କର ଥିଲା ଯେ ଦୁଇଦିନ ମଧ୍ୟରେ କାଶ୍ମୀର ଉପତ୍ୟକା ପର୍ଯ୍ୟଟକ ଶୂନ୍ୟ ହୋଇଯାଇଥିଲା। ମନସ୍ତତ୍ତ୍ୱବିତ୍ ?ଙ୍କ ମତରେ ଭୟ ଏକ ପ୍ରାଥମିକ ସୁରକ୍ଷାତ୍ମକ ଭାବନା ଯାହା ମନରେ ଭାବପ୍ରବଣ ପ୍ରତିକ୍ରିୟା ସୃଷ୍ଟି କରାଏ। ‘ଦି ଡିଭାଇନ୍ ମ୍ୟାଟ୍ରିକ୍ସ’ ପୁସ୍ତକର ଲେଖକ ଗ୍ରେଗ୍ ବ୍ରାଡେନ୍ ତିନିଟି ସାର୍ବଜନୀନ ଭୟ ସମ୍ପର୍କରେ କୁହନ୍ତି: ପରିତ୍ୟାଗ, ଆତ୍ମ-ମୂଲ୍ୟବୋଧ ଓ ବିଶ୍ୱାସର ଅଭାବବୋଧ। ଭୟର ସୃଷ୍ଟି ହୁଏ ଆଶଙ୍କାରୁ, ଯେମିତିକି କିଛି ଗୋଟେ ଭୟଙ୍କର ଘଟିବାକୁ ଯାଉଛି। ସମାଜରେ ବର୍ଦ୍ଧିତ ଆତ୍ମହତ୍ୟାର ଏହା ହିଁ ମୁଖ୍ୟ କାରଣ। ଆମେ ସେହି ଘଟଣାକୁ ନେଇ ଚିନ୍ତିତ ରହୁ ଯାହା ଏ ପର୍ଯ୍ୟନ୍ତ ଘଟିନାହିଁ। “ସର୍ବ ବସ୍ତୁ ଭୟାନ୍ୱିତଂ ଭୁବି।’’ ଭର୍ତ୍ତୃହରିଙ୍କ ବୈରାଗାଷ୍ଟକମ ପୁସ୍ତକରେ ଉଲ୍ଲେଖ ଅଛି, ବିଶ୍ୱ ଭୟମୟ। ଗ୍ରୀକ୍ ? କିଂବଦନ୍ତିରେ ‘ଭୟର ସ୍ୱର୍ଗୀୟ ଆବେଗ’ର ବର୍ଣ୍ଣନା ରହିଛି, ଯାହା କାର୍ଥାଜ ସହରର ଧ୍ୱଂସର କାରଣ ସାଜିଥିଲା। ଆତଙ୍କଗ୍ରସ୍ତ ସହରବାସୀ ପରସ୍ପରକୁ ଆକ୍ରମଣ, ଆହତ ଓ ହତ୍ୟା କରିଥିଲେ। କପୋଳକଳ୍ପିତ କୋକୁଆ ଭୟର ସୃଷ୍ଟିପୂର୍ବକ ପ୍ରଭୁ ଶ୍ରୀକୃଷ୍ଣ ଗର୍ବ, ଔଦ୍ଧତ୍ୟ ଓ ଅହଂକାର ପ୍ରମତ୍ତ ଯଦୁବଂଶକୁ ବିନାଶ କରିଥିଲେ। ରାଜନୈତିକ ଭାବେ ଭୟର ସାମୂହିକ ଉନ୍ମାଦ ସୃଷ୍ଟିର ଅନେକ ଉଦାହରଣ ଇତିହାସ ପୃଷ୍ଠାରେ ଦେଖିବାକୁ ମିଳେ। ବହୁଳ ବ୍ୟବହୃତ ‘ଆତଙ୍କବାଦ’ ଶବ୍ଦର ବ୍ୟବହାର ସର୍ବପ୍ରଥମେ ଫରାସୀ ବିପ୍ଳବୀ ରୋବେସପିୟରଙ୍କ ଆତଙ୍କର ରାଜତ୍ୱକୁ ସୂଚିତ କରିଥିଲା। ନାଜି ଜର୍ମାନୀରେ ଯୁଦ୍ଧ ହିଁ ଦେଶକୁ ସୁରକ୍ଷିତ ରଖିପାରିବାର ଭୟ ସୃଷ୍ଟି କରାଇ ଗଣ ନରସଂହାର କରାଯାଇଥିଲା। ଷ୍ଟାଲିନ ଓ ମାଓଙ୍କ ପରି କମୁନିଷ୍ଟ ଏକଚ୍ଛତ୍ରବାଦୀ ଭୟ ମାଧ୍ୟମରେ ହିଁ ଦେଶବାସୀଙ୍କୁ ନିୟନ୍ତ୍ରଣ କରୁଥିଲେ। ହିଟଲରଙ୍କ ‘ହୋଲୋକଷ୍ଟ’, ଷ୍ଟାଲିନଙ୍କ ‘ଗୁଲାଗ୍’ ଓ ‘ଦା ଗ୍ରେଟ ପର୍ଜ’, ମଧ୍ୟପ୍ରାଚ୍ୟରେ ମୁସଲିମ ଦେଶ ବିରୋଧରେ ଇସ୍ରାଏଲର ଧ୍ୱଂସଲୀଳା, ପାକିସ୍ତାନ ଓ ବାଂଲାଦେଶ ଭଳି ଦେଶମାନଙ୍କ ଦ୍ୱାରା ନିଜନିଜ ଦେଶରେ ଚାଲିଥିବା ଦମନଲୀଳା ଏବଂ ପଡ଼ୋଶୀ ଦେଶରେ ରାଷ୍ଟ୍ର ପ୍ରାୟୋଜିତ ଆତଙ୍କବାଦ ଭୟ ସଂସ୍କୃତିର ଜ୍ୱଳନ୍ତ ଉଦାହରଣ। କ୍ଷମତା ପାଇଁ ଭୟର ସଂସ୍କୃତିର ବ୍ୟବହାର ବିଶ୍ୱରେ ଏବେ ଏକ ସାଧାରଣ ଘଟଣା। ‘ଭୟର ଆତଙ୍କ’ ଗ୍ରାମରୁ ସହର ଚତୁର୍ଦ୍ଦିଗ ପରିବ୍ୟାପ୍ତ। ମିଥ୍ୟା ଖବରର ପ୍ରସ୍ତୁତି ଚାଲିଛି। ଏକ ଭୟଙ୍କର ବିଶ୍ୱର ପ୍ରୟୋଜିତ ଧାରଣାକୁ ପ୍ରଚାର ଓ ପ୍ରସାରରେ କିଛି ଗଣମାଧ୍ୟମ ଆହୋରାତ୍ର ନିମଜ୍ଜିତ। ଜାତି, ଧର୍ମ, ବର୍ଣ୍ଣ ଓ ଭାଷାଗତ ବିବିଧତାର ସୁଯୋଗ ନେଇ ଭୟ ଭାବନାକୁ ଅସ୍ଥିମଜ୍ଜାଗତ କରିବା ପାଇଁ ସାମାଜିକ ଗଣମାଧ୍ୟମ ଅଙ୍ଗୀକାରବଦ୍ଧ। ଫଳସ୍ୱରୂପ ସାଧାରଣ ଜନତା ଏବେ ସୁଖୀ ବିଶ୍ୱରେ ଦୁଃଖୀ ଲୋକ ପାଲଟିଛନ୍ତି। ଚଳଚ୍ଚିତ୍ର ନିର୍ମାତା ଆଲଫ୍ରେଡ ହିଚକକ୍ ବିଶ୍ୱାସ କରୁଥିଲେ, ଅପ୍ରିୟ ହୋଇଥିଲେ ମଧ୍ୟ ଭୟକୁ ଯଦି କଳାତ୍ମକ ଦୃଷ୍ଟିଭଙ୍ଗୀରେ ଗ୍ରହଣ କରାଯାଏ, ତାହା ଆନନ୍ଦ ପ୍ରଦାନ କରିଥାଏ। ଭୟ ହେଉଛି ସବୁଠାରୁ ବଡ଼ ପ୍ରେରଣାଦାୟକ ଆବେଗ। ‘ଦି ଗିଫ୍ ?ଟ ଅଫ୍ ଫିୟର’ ପୁସ୍ତକର ଲେଖକ ଗାଭିନ୍ ଡି ବେକରଙ୍କ ମତରେ, ‘ଭୟ ଶକ୍ତି ପ୍ରଦାନ କରେ ଓ ଅସାଧ୍ୟ କାର୍ଯ୍ୟକୁ ସାଧ୍ୟ କରିବାରେ ସକ୍ଷମ କରାଏ।’ କଠୋପନିଷଦରେ କୁହାଯାଇଛି, ଭୟ ହିଁ ସୃଷ୍ଟିର ସକଳ ଶକ୍ତିର ପରିଚାଳକ। ଭୟ ଯୋଗୁଁ ହିଁ ଆମର ବିକାଶ ସମ୍ଭବ ହୁଏ। ବୁର୍କ ଭୟକୁ ଉତ୍କୃଷ୍ଟତାର ଭାବନା ସହିତ ସମ୍ପୃକ୍ତ କରନ୍ତି ଏବଂ ସାର୍ତ୍ର ଏହାକୁ ସ୍ୱାଧୀନ ଚିନ୍ତାଧାରାର ପରିପ୍ରକାଶ ଭାବେ ଗ୍ରହଣ କରନ୍ତି। ପ୍ରଶାସନର ଭୟ ସମାଜକୁ ଶୃଙ୍ଖଳିତ କରାଏ; ପିତାମାତାଙ୍କ ପ୍ରତି ଭୟ ସନ୍ତାନସନ୍ତତିଙ୍କୁ ଦାୟିତ୍ୱବାନ କରାଏ। ସ୍ଥଳ ବିଶେଷରେ ଭୟ ରୋମାଞ୍ଚକର ଅନୁଭୂତି ଦେଇଥାଏ, ଯେମିତିକି ରୋଲର-କୋଷ୍ଟର ଯାତ୍ରା। ଦାର୍ଶନିକ ସ୍ପିନୋଜାଙ୍କ ମତରେ, ‘ଭୟ ବିନା କୌଣସି ଆଶା ନାହିଁ ଏବଂ ଆଶା ବିନା କୌଣସି ଭୟ ନାହିଁ।’ ଯେହେତୁ ଭୟ ଆମ ଆତ୍ମ-ସୁରକ୍ଷା ସହିତ ଜଡ଼ିତ, ତେଣୁ ଏହାର ମୁକାବିଲା ପାଇଁ ଆମେ ପୂର୍ବରୁ ପ୍ରସ୍ତୁତ ହେଇଥାଉ ଏବଂ ଆମେ ଭୟର ଆଖିରେ ଆଖି ମିଶାଇ ଦୃଢ଼ତାର ସହ ମୁକାବିଲା କରୁ। ସେନେକା ସେହି କଥା କୁହନ୍ତି, ‘ବିପଦର ଆଗମନକୁ ପୂର୍ବରୁ ଅପେକ୍ଷା କରିଥିବା ବ୍ୟକ୍ତି, ବିପଦ ପଡ଼ିଲେ ତା’ର ଶକ୍ତ ମୁକାବିଲା କରିପାରନ୍ତି।’ ମନରେ ଭୟ ରହିବା ଉଚିତ, କିନ୍ତୁ ସକାରାତ୍ମକ ଭାବେ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ରୁଜଭେଲ୍ ?ଟଙ୍କ ମତରେ, ଭୟ ହିଁ ଆମକୁ ଭୟଭୀତ କରାଏ। ବାରମ୍ବାର ପରମାଣୁ ଅସ୍ତ୍ରପ୍ରୟୋଗର ଚେତାବନୀକୁ ଭ୍ରୂକ୍ଷେପ ନକରି ଆମ ଦେଶ ପଡ଼ୋଶୀ ଶତ୍ରୁ ରାଷ୍ଟ୍ରକୁ ସମୟୋଚିତ ଉଚିତ ଶିକ୍ଷା ଦେଲା ପରି, ଆମେରିକାବାସୀଙ୍କୁ ଭରସା ଦେବା ସହ ସବୁ ପ୍ରତିକୂଳ ପରିସ୍ଥିତି ସହ ମୁକାବିଲା କରିବାର ପ୍ରତିଶ୍ରୁତି ଦେବାକୁ ଯାଇ ରୁଜଭେଲ୍ ?ଟ ଏହି ବକ୍ତବ୍ୟ ଦେଇଥିଲେ।

# ସ୍ୱାଧୀନତା ପ୍ରାପ୍ତିରୁ 'ଅପରେସନ୍ ସିନ୍ଦୂର' ଯାଏଁ


ବିଗତ ୭୮ ବର୍ଷ ମଧ୍ୟରେ ଭାରତ ସହିତ ପାକିସ୍ତାନର ଚାରି ଚାରି ଥର ଯୁଦ୍ଧ ( ୧୯୪୭, ୧୯୬୫,୧୯୭୧ ଏବଂ ୧୯୯୯ କାର୍ଗିଲ ଯୁଦ୍ଧ) ସହିତ ଭାରତ ମାଟିରେ ଜିହାଦ ନାମରେ ପାକିସ୍ତାନର ନିରନ୍ତର ଆତଙ୍କବାଦ ଭାରତକୁ ବିଚଳିତ କରିଦେଇଥିଲା। **୧୯୪୭-୪୮: ବିଭାଜନ ପରବର୍ତ୍ତୀ ସଂଘର୍ଷ** ଦେଶ ବିଭାଜନ ପରେ ଜମ୍ମୁ ଏବଂ କାଶ୍ମୀରକୁ ନେଇ ଦୁଇ ଦେଶ ମଧ୍ୟରେ ସଂଘର୍ଷ ଘଟିଥିଲା ଓ ପରବର୍ତ୍ତୀ ସମୟରେ ଏହା ଯୁଦ୍ଧରେ ପରିବର୍ତ୍ତିତ ହୋଇଥିଲା। ୧୯୪୮ ମସିହାରେ ଜାତିସଂଘ ଏକ ଯୁଦ୍ଧବିରତି ପାଇଁ ମଧ୍ୟସ୍ଥତା କରିଥିଲା। **୧୯୬୫: ଦ୍ୱିତୀୟ ଭାରତ-ପାକିସ୍ତାନ ଯୁଦ୍ଧ** କାଶ୍ମୀରରେ ଆଂଚଳିକ ବିବାଦ ଭାରତ-ପାକିସ୍ତାନ ମଧ୍ୟରେ ପୁଣି ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧ ପାଇଁ ବାଟ ଖୋଲିଥିଲା। ଏହି ଯୁଦ୍ଧରେ ପାକିସ୍ତାନ ପରାଜିତ ହୋଇଥିଲା। ଜାନୁଆରୀ ୧୯୬୬ରେ ତାସ୍‌କେଣ୍ଟ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ଏହାର ପରିସମାପ୍ତି ଘଟିଥିଲା। **୧୯୭୧: ବାଂଲାଦେଶ ମୁକ୍ତି ଯୁଦ୍ଧ** ବାଂଲାଦେଶ ମୁକ୍ତି ଯୁଦ୍ଧ ପରେ ପୂର୍ବ ପାକିସ୍ତାନ (ବର୍ତ୍ତମାନ ବାଂଲାଦେଶ)ରେ ଭାରତର ହସ୍ତକ୍ଷେପ ଯୋଗୁଁ ଯୁଦ୍ଧ ହୋଇଥିଲା। ଭାରତ ସ୍ୱତନ୍ତ୍ର ବାଂଲାଦେଶ ଗଠନରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲା। ପାକିସ୍ତାନ ସହ ନିର୍ଣ୍ଣାୟକ ଲଢ଼େଇରେ ଭାରତ ବିଜୟୀ ହୋଇଥିଲା। **୧୯୮୬-୮୭: ଅପରେସନ୍ ବ୍ରାସ୍‌ଟାକ୍ସ** ପାକିସ୍ତାନୀ ସଶକ୍ତୀକରଣ ପରେ ସମ୍ଭାବ୍ୟ ଯୁଦ୍ଧର ଚିନ୍ତା ବୃଦ୍ଧି କରି ଭାରତ ଅପରେସନ୍ ବ୍ରାସ୍‌ଟାକ୍ସ ପରିଚାଳନା କରିଥିଲା। ଯଦିଓ ଏହା ଯୁଦ୍ଧର ରୂପ ନେଇ ନ ଥିଲା; ତଥାପି ସ୍ଥିତି ଅତ୍ୟନ୍ତ ଜଟିଳ ହୋଇଥିଲା। ପରେ କୂଟନୈତିକ ଆଲୋଚନା ଜରିଆରେ ସ୍ଥିତିର ସମାଧାନ ହୋଇଥିଲା।୧୯୮୯: କାଶ୍ମୀର ବିଦ୍ରୋହପାକିସ୍ତାନ ସମର୍ଥିତ କାଶ୍ମିରୀ ବିଚ୍ଛିନ୍ନତାବାଦୀମାନେ ଭାରତ ବିରୋଧରେ ସଶସ୍ତ୍ର ବିଦ୍ରୋହ ଆରମ୍ଭ କରିଥିଲେ। ଭାରତ ବିପୁଳ ସେନା ମୁତୟନ କରି ବିଚ୍ଛିନ୍ନତାବାଦୀଙ୍କୁ ଦମନ କରିଥିଲା।୧୯୯୯: କାର୍ଗିଲ ଯୁଦ୍ଧପାକିସ୍ତାନୀ ସୈନ୍ୟମାନେ ଆତଙ୍କବାଦୀଙ୍କ ବେଶରେ ଜମ୍ମୁ ଓ କାଶ୍ମୀରର କାରଗିଲ ଅଞ୍ଚଳରେ ଅନୁପ୍ରବେଶ କରିଥିଲେ। ଭାରତ ପୂର୍ଣ୍ଣ ସାମରିକ ଶକ୍ତି ସହିତ ଜବାବ ଦେଇଥିଲା । ଏହା ପୂର୍ଣ୍ଣ ଯୁଦ୍ଧର ରୂପ ନେଇ ନ ଥିଲା; ତଥାପି ପାକିସ୍ତାନକୁ ମୁହଁତୋଡ଼ ଜବାବ ଦିଆଯାଇଥିଲା।୨୦୦୧-୦୨: ଭାରତୀୟ ସଂସଦ ଆକ୍ରମଣପାକିସ୍ତାନ ପୃଷ୍ଠପୋଷକତାରେ ଆତଙ୍କବାଦୀମାନେ ୨୦୦୧-୦୨ରେ ଭାରତର ପାର୍ଲାମେଣ୍ଟ ଉପରେ ଆକ୍ରମଣ କରିଥିଲେ। ଯାହାଫଳରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏକ ବଡ଼ ମୁହାଁମୁହିଁ ସାମରିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉଭୟ ଦେଶ ସୀମାରେ ସୈନ୍ୟ ମୁତୟନ କରିଥିଲେ।୨୦୦୮: ମୁମ୍ବାଇ ଆକ୍ରମଣମୁମ୍ବାଇ ଆକ୍ରମଣରେ ପାକିସ୍ତାନର ପ୍ରତ୍ୟକ୍ଷ ସମ୍ପୃକ୍ତି ପ୍ରମାଣିତ ହୋଇଥିଲା। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଭୟରେ ସୀମାନ୍ତରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଯଦିଓ ସାମରିକ ଲଢ଼େଇକୁ ସେତେବେଳେ ଏଡ଼ାଇ ଦିଆଯାଇ ପାରିଥିଲା, ତଥାପି ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଛିନ୍ନ ହୋଇଥିଲା।୨୦୧୧: ନିୟନ୍ତ୍ରଣ ରେଖା ସଂଘର୍ଷକାଶ୍ମୀରର ନିୟନ୍ତ୍ରଣ ରେଖା (ଏଲ୍‌ଓସି) ରେ ଆତଙ୍କବାଦୀଙ୍କ ଲଂଚପ୍ୟାଡ୍‌ରୁ ଭାରତରେ ଅନୁପ୍ରବେଶ ପାଇଁ ପାକିସ୍ତାନ ଉଦ୍ୟମରୁ ଦୁଇ ଦେଶର ସୀମାରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୫ ଭାରତୀୟ ସୈନିକ ଓ ୩ ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଥିଲା।୨୦୧୩: ମେନ୍ଧାର ସେକ୍ଟର ଘଟଣାଜମ୍ମୁ ଓ କାଶ୍ମୀରରେ ଜଣେ ଭାରତୀୟ





ସୈନିକଙ୍କ ମୁଣ୍ଡକାଟ ପରେ, ସଂଘର୍ଷ ଆରମ୍ଭ ହୋଇଥିଲା, ଯେଉଁଥିରେ ୨୨ ସୈନିକଙ୍କ ମୃତ୍ୟୁ ହୋଇଥିଲା।୨୦୧୬: ସର୍ଜିକାଲ୍ ଷ୍ଟ୍ରାଇକ୍‌ଉରି ଆକ୍ରମଣର ଜବାବରେ ଭାରତ ନିୟନ୍ତ୍ରଣ ରେଖା ପାର ହୋଇ ଆତଙ୍କବାଦୀ ଶିବିର ଉପରେ ସର୍ଜିକାଲ ଷ୍ଟ୍ରାଇକ୍ କରିଥିଲା, ଯାହାକୁ ନେଇ ପାକିସ୍ତାନ ଓ ଭାରତ ମରେ ସଂଘର୍ଷ ସୃଷ୍ଟି ହୋଇଥିଲା।୨୦୧୯: ବାଲାକୋଟ୍ ବିମାନ ଆକ୍ରମଣପୁଲ୍‌ୱାମା ଆକ୍ରମଣ ପରେ, ଭାରତ ପାକିସ୍ତାନର ବାଲାକୋଟରେ ବିମାନ ଆକ୍ରମଣ କରିଥିଲା, ଯାହାଫଳରେ ଉଭୟ ଦେଶର ବାୟୁସେନା ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିଲା।୨୦୨୦-୨୧: ନିୟନ୍ତ୍ରଣ ରେଖା ସଂଘର୍ଷ ପାକିସ୍ତାନ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ନିୟନ୍ତ୍ରଣ ରେଖାରେ ଗୁଳିବର୍ଷଣ କରିଥିଲା। ଏଥିରେ ସାଧାରଣ ନାଗରିକଙ୍କ ସମେତ ଅତି କମରେ ୨୨ ଜଣଙ୍କର ମୃତ୍ୟୁ ହୋଇଥିଲା। ଫେବୃଆରୀ ୨୦୨୧ରେ ଏକ ଅସ୍ତ୍ରବିରତି ଚୁକ୍ତିନାମା ହୋଇଥିଲା।

# ଅମାନିଆ ପାକିସ୍ତାନ

## ସନ୍ଧିକ୍ଷଣରେ ଅସ୍ତ୍ରବିରତି, ସାରାଦେଶରେ ତୀବ୍ର ପ୍ରତିକ୍ରିୟା




ପହଲଗାମ୍ ଆତଙ୍କୀ ଆକ୍ରମଣ ଘଟଣାକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ୪ ଦିନର ଘମାଘୋଟ ଲଢ଼େଇ ପରେ ଶନିବାର ସନ୍ଧ୍ୟାରେ ହୋଇଥିବା ଅସ୍ତ୍ରବିରତି ଘୋଷଣା ଏବେ ସନ୍ଧିକ୍ଷଣରେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତା ପରେ ପାକିସ୍ତାନ ପଟୁ ପ୍ରଥମେ ଅସ୍ତ୍ରବିରତି ପାଇଁ ଭାରତକୁ ପ୍ରସ୍ତାବ ଦିଆଯାଇଥିଲେ ହେଁ, ଯୁଦ୍ଧ ବନ୍ଦ ଘୋଷଣାର ମାତ୍ର ୩ ଘଣ୍ଟା ପରେ ଅମାନିଆ ପାକିସ୍ତାନ ତା'ର ଅସଲ ରୂପ ଦେଖାଇଛି। ଅସ୍ତ୍ରବିରତି ପାଇଁ ସହମତି ପରେ ପାକିସ୍ତାନ ପୁଣି ସୀମାରେ ଗୁଳିଗୋଳା ବର୍ଷଣ କରିଥିବାରୁ ସାରା ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।ଶନିବାର ସନ୍ଧ୍ୟା ୫ଟାରେ ଅସ୍ତ୍ରବିରତି ଘୋଷଣାକୁ ନେଇ ଦୁଇପକ୍ଷ ରାଜି ହୋଇଥିବା ବେଳେ ରାତି ୮ଟାରେ ପାକିସ୍ତାନ ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଂଘନ କରାଯାଇଥିଲା। ଜମ୍ମୁ-କଶ୍ମୀର ଉଦ୍ଧାମପୁର, ବାରମୁଲା ଓ ଶ୍ରୀନଗର ଓ ରାଜସ୍ଥାନର ବାର୍ମେରେ ଡ୍ରୋନ୍ ମାଡ଼ କରିବା ସହିତ ପ୍ରବଳ ଗୁଳିଗୋଳା ବର୍ଷଣ କରିଥିବାର ସୂଚନା ମିଳିଛି। ଏପରିକି କଶ୍ମୀରରେ ବିସ୍ଫୋରଣ ହୋଇଥିବାର ଖବର ମଧ୍ୟ ମିଳିଛି। ଫଳରେ ସୀମାବର୍ତ୍ତୀ ଜମ୍ମୁ, ରାଜସ୍ଥାନ, ହରିୟାଣା, ଗୁଜରାଟ ଓ ପଞ୍ଜାବରେ ପୁଣି ବ୍ଲାକ୍‌ଆଉଟ୍ ଘୋଷଣା କରାଯାଇଛି। ଭାରତୀୟ ସେନା ଏହାର ମୁହଁତୋଡ଼ ଜବାବ ଦେବା ପରେ ପାକିସ୍ତାନ ପଟୁ ଗୁଳି ଓ ଡ୍ରୋନ୍ ମାଡ଼ ବନ୍ଦ ହୋଇଛି ଏବଂ ପରିସ୍ଥିତି ଏବେ ଶାନ୍ତ ରହିଛି। ତେବେ ଶନିବାର ରାତିରେ ଆଭାସୀ ବୈଠକରେ ସୀମାବର୍ତ୍ତୀ ରାଜ୍ୟଗୁଡ଼ିକର ମୁଖ୍ୟ ସଚିବଙ୍କ ସହ କେନ୍ଦ୍ର ଗୃହ ସଚିବ କଥା ହୋଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ପରାମର୍ଶ ଦେଇଛନ୍ତି। ଅସ୍ତ୍ରବିରତି ଉଲ୍ଲଂଘନ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିବା ସହିତ ଏଥିରୁ ବିରତ ରହିବା ଲାଗି ପାକିସ୍ତାନକୁ ପରାମର୍ଶ ଦେଇଛି। ଶନିବାର ବିଳମ୍ବିତ ରାତିରେ ଏକ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ କହିଛନ୍ତି, ଅସ୍ତ୍ରବିରତି ଉଲ୍ଲଂଘନ କରି ପାକିସ୍ତାନ ଉତ୍ତେଜନା ସୃଷ୍ଟି କରିଛି। ଭାରତୀୟ ସେନା ସତର୍କ ଓ ସଜାଗ ରହିଛନ୍ତି। ଏହାର କଡ଼ା ଜବାବ ଦେବାଲାଗି ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେ କହିଲେ ଯେ ଦୁଇ ଦେଶର ଡିଜିଏମ୍‌ଓଙ୍କ ମଧ୍ୟରେ କଥାବାର୍ତ୍ତା ପରେ ଏହି ବୁଝାମଣା ହୋଇଥିଲା। ପାକିସ୍ତାନୀ ସେନା ଏହାର ଘୋର ଉଲ୍ଲଂଘନ କରିଛି। ବର୍ତ୍ତମାନ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସେଥିପାଇଁ ପାକିସ୍ତାନ ଦାୟୀ। ଏହାକୁ ନିନ୍ଦା କରି ସେ କହିଛନ୍ତି, ପାକିସ୍ତାନ ସରକାର ଏହାର ସେନାକୁ ନିୟନ୍ତ୍ରଣ କରିବା ସହିତ ଅସ୍ତ୍ରବିରତି ପାଳନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁ ।ସୂଚନାଯୋଗ୍ୟ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ପାଇଁ ଉଦ୍ଦିଷ୍ଟ ଭାରତୀୟ କାର୍ଯ୍ୟାନୁଷ୍ଠାନ 'ଅପରେସନ୍ ସିନ୍ଦୂ'ର ଚତୁର୍ଥ ଦିନରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ସହମତି ପ୍ରକାଶ ପାଇଥିଲା। ଭାରତ ନିଜ ସର୍ତ୍ତରେ ଅସ୍ତ୍ରବିରତି ପାଇଁ ରାଜି ହେବା ସହିତ ସ୍ପଷ୍ଟ କରିଦେଇଛି ଯେ ଆତଙ୍କବାଦକୁ ନେଇ ଏହାର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଥିବା ବେଳେ ନାଟକୀୟ ଭାବେ ଅସ୍ତ୍ରବିରତି ଘୋଷଣା ବିଶ୍ୱବାସୀଙ୍କୁ ଆଶ୍ୱସ୍ତ କରିଛି। ବ୍ୟାପକ କୂଟନୈତିକ ପ୍ରୟାସ ଯୋଗୁଁ ଏହା ସମ୍ଭବ ହୋଇଥିବା କୁହାଯାଉଛି। ଏପ୍ରିଲ ୨୨ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ମେ ୭ ତାରିଖରେ ଭାରତ ସାମରିକ କାର୍ଯ୍ୟାନୁଷ୍ଠାନ (ଅପରେସନ୍ ସିନ୍ଦୂର) କରି ପାକିସ୍ତାନରେ ଥିବା ୯ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କଲା। ଭାରତୀୟ କାର୍ଯ୍ୟାନୁଷ୍ଠାନରେ ବିଚଳିତ ହୋଇ ପାକିସ୍ତାନ ଭାରତୀୟ ଅଞ୍ଚଳରେ ଆକ୍ରମଣ ଉଦ୍ୟମ କଲା। ଏହାପରେ ଭାରତର ଭୟଙ୍କର କାର୍ଯ୍ୟାନୁଷ୍ଠାନ ଯୋଗୁଁ ପାକିସ୍ତାନର ଅଧିକାଂଶ ସାମରିକ ପ୍ରତିଷ୍ଠାନ ଧ୍ୱଂସ ହୋଇଯାଇଥିଲା। ଦୁଇ ଦେଶ ମଧ୍ୟରେ ଡ୍ରୋନ ଓ କ୍ଷେପଣାସ୍ତ୍ର ଯୁଦ୍ଧ ଚାଲିଥିବା ବେଳେ ପାକିସ୍ତାନର ଡିଜିଏମ୍‌ଓ (ମହାନିର୍ଦ୍ଦେଶକ, ମିଲିଟାରୀ ଅପରେସନ) ମେଜର ଜେନେରାଲ କାସିଫ୍ ଅବଦୁଲ୍ଲା ଆଜି ଅପରାହ୍ନ ୩ଟା ୩୫ରେ ଭାରତର ଡିଜିଏମ୍‌ଓ ଲେଫନାଣ୍ଟ ଜେନେରାଲ ରାଜୀବ ଘାଇଙ୍କୁ ଫୋନ କରିଥିଲେ ଏବଂ ଅସ୍ତ୍ରବିରତି ପାଇଁ ପ୍ରସ୍ତାବ ଦେଇଥିଲେ। ଏହାଉପରେ ଦୁଇ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ପରେ କେତେକ ସର୍ତ୍ତ ସହିତ ଭାରତ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲା। ସନ୍ଧ୍ୟା ୫ଟାରେ ଭାରତର ବୈଦେଶିକ ସଚିବ ବିକ୍ରମ ମିଶ୍ରି ଅସ୍ତ୍ରବିରତି ବିଷୟ ଘୋଷଣା କରି କହିଥିଲେ ଯେ ସନ୍ଧ୍ୟା ୫ଟାରୁ ହିଁ ଅସ୍ତ୍ରବିରତି ଲାଗୁ ହୋଇଛି। ଆସନ୍ତା ୧୨ ତାରିଖରେ ଉଭୟ ଦେଶର ସାମରିକ ଅଧିକାରୀ ଏବିଷୟରେ ଆଲୋଚନା ପାଇଁ ଭେଟିବେ ବୋଲି ସେ ସୂଚନା ଦେଇଥିଲେ ।ଠିକ୍ ଏହି ସମୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଟୁଇଟ୍ ବା ଏକ୍ସ ଜରିଆରେ ସୂଚନା ଦେଇଥିଲେ ଯେ ଉଭୟ ଭାରତ ଏବଂ ପାକିସ୍ତାନ ତୁରନ୍ତ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି ଏବଂ ଏଥିପାଇଁ ଉଭୟ ଦେଶକୁ ସେ ଅଭିନନ୍ଦନ ଜଣାଇଥିଲେ। ଏହା ପରେ ପରେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ମଧ୍ୟ ଟୁଇଟ୍ କରି କହିଥିଲେ ଯେ ଆମେରିକାର ମଧ୍ୟସ୍ଥତା ଯୋଗୁଁ ଅସ୍ତ୍ରବିରତି ସମ୍ଭବ ହୋଇପାରିଛି। ସେ କହିଥିଲେ ଯେ ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ସେ ନିଜେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀଙ୍କ ସହ ଗତ ୨୪ ଘଣ୍ଟା ଧରି ଆଲୋଚନା ଚଳାଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ, କେବଳ ଆମେରିକା ନୁହେଁ; ଅନ୍ୟ କେତେକ ଦେଶର ନେତା ଓ ଅଧିକାରୀ ମଧ୍ୟ ଏହି କଥାବାର୍ତ୍ତାରେ ସାମିଲ ହୋଇଥିଲେ। ସେମାନେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହିତ କଥାବାର୍ତ୍ତା କରିଥିଲେ। ତେବେ ଦୁଇ ଦେଶର ବୈଦେଶିକ ମନ୍ତ୍ରୀ କି ସୁରକ୍ଷା ପରାମର୍ଶଦାତାଙ୍କ ମଧ୍ୟରେ ସିଧାସଳଖ କୌଣସି ଆଲୋଚନା ହୋଇନଥିଲା। କେବଳ ଦୁଇ ଦେଶର ଡିଜିଏମ୍‌ଓଙ୍କ ମଧ୍ୟରେ ଆଜି ଯାହା ସିଧା ଆଲୋଚନା ହୋଇଥିଲା। ଆତଙ୍କବାଦକୁ ସମର୍ଥନ ବନ୍ଦ କରିବା ଲାଗି ପାକିସ୍ତାନ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଆଜି ସନ୍ଧ୍ୟାରୁ ଅସ୍ତ୍ରବିରତି ଲାଗୁ ହୋଇଥିଲେ ମଧ୍ୟ ପାକିସ୍ତାନ ବିରୋଧରେ ରହିଥିବା ଭିସା ଓ ଅନ୍ୟ କଟକଣା ବଳବତ୍ତର ରହିଛି। ସିନ୍ଧୁ ନଦୀ ଚୁକ୍ତି ବାତିଲ ନିଷ୍ପତ୍ତିରେ ମଧ୍ୟ କୌଣସି ପରିବର୍ତ୍ତନ ହୋଇନାହିଁ ବୋଲି ଭାରତ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ଅସ୍ତ୍ରବିରତି ପରେ ପାକିସ୍ତାନକୁ ବଡ଼ ଧରଣର ଆଶ୍ୱସ୍ତି ମିଳିଛି। ଅସ୍ତ୍ରବିରତି ଲାଗୁ ହେବା ସହିତ ପାକିସ୍ତାନ ଏହାର ଆକାଶ ସୀମାକୁ ବିମାନ ସେବା ପାଇଁ ତତ୍‌କ୍ଷଣାତ୍ ଖୋଲି ଦେଇଛି। ସନ୍ଧ୍ୟା ବେଳେ ନୂଆଦିଲ୍ଲୀରେ ଭାରତୀୟ ସେନା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ସଂପର୍କରେ ସୂଚନା ଦିଆଯାଇଥିଲା। ଏଥିରେ ଅସ୍ତ୍ରବିରତି କଥା କୁହାଯାଇଥିଲା ।ତେବେ ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଅସ୍ତ୍ରବିରତି ସତ୍ତ୍ୱେ ଆତଙ୍କବାଦକୁ ନେଇ ଭାରତର ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଭାରତ ଏହାର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାର ସୁରକ୍ଷା ଲାଗି ପ୍ରତିବଦ୍ଧ। ସେନା ସଂପୂର୍ଣ୍ଣ ରୂପେ ସତର୍କ ଓ ସଜାଗ ରହିଛି। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ସାମରିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଆଜି ପାକିସ୍ତାନ ଭାରତର ୪ଟି ବାୟୁସୀମା ଘାଟୀ ଉପରେ ଆକ୍ରମଣ କରିଥିଲା, କିନ୍ତୁ ବିଶେଷ କ୍ଷତି ହୋଇନାହିଁ। ଅନ୍ୟପକ୍ଷରେ ଏହାର ଜବାବରେ ଭାରତ ପାକିସ୍ତାନର ୮ଟି ସାମରିକ ଘାଟୀ ଉପରେ ଆକ୍ରମଣ କରି ଏହାକୁ ଧ୍ୱଂସ କରିଦେଇଛି। ପାକିସ୍ତାନ କେତେକ ମିଛ ପ୍ରଚାର କରୁଛି ବୋଲି ଉଲ୍ଲେଖ କରି ସାମରିକ ଅଧିକାରୀ କହିଲେ ଯେ ଏସ-୪୦୦ ଏବଂ ବ୍ରହ୍ମୋସ କ୍ଷେପଣାସ୍ତ୍ର ଆଦୌ କ୍ଷତିଗ୍ରସ୍ତ ହୋଇନହିଁ। ଏହାସଂପୂର୍ଣ୍ଣ ରୂପେ ସୁରକ୍ଷିତ ରହିଛି। ପାକିସ୍ତାନର ଧାର୍ମିକ ଅନୁଷ୍ଠାନ ଉପରେ ଭାରତ ଆକ୍ରମଣ କରିଥିବା ଅଭିଯୋଗକୁ ଖଣ୍ଡନ କରି କର୍ଣ୍ଣଲ ସୋଫିଆ କୁରେସି ଏବଂ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ କହିଲେ ଯେ ଏଥିରେ କୌଣସି ସତ୍ୟତା ନାହିଁ। ଭାରତୀୟ ସେନା ସଂପୂର୍ଣ୍ଣ ରୂପେ ଧର୍ମନିରପେକ୍ଷ ଏବଂ ଏହାର ମୂଲ୍ୟବୋଧ ନେଇ ସଚେତନ। ଭାରତୀୟ ସେନା ସମ୍ବେଦନଶୀଳତା ସହିତ କାର୍ଯ୍ୟ କରିଛି ।ସରକାରୀ ସୂତ୍ରରୁ ପ୍ରକାଶ ଯେ ପହଲଗାମର ପ୍ରତିଶୋଧ ପାଇଁ ଆରମ୍ଭ ହୋଇଥିବା ଅପରେସନ୍ ସିନ୍ଦୂର ସଫଳ ରହିଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପାକିସ୍ତାନରେ ଆତଙ୍କବାଦୀଙ୍କ ଆଡ୍ଡାକୁ ଧ୍ୱଂସ କରିବା ଏବଂ ଏଥିରେ ସଫଳତା ମିଳିଛି। ପାକିସ୍ତାନରେ ଥିବା ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରାଯାଇଛି ଏବଂ ୫ ଜଣ ଦୁର୍ଦ୍ଦାନ୍ତ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ଇତିମଧ୍ୟରେ ଅସ୍ତ୍ରବିରତି ପରେ ଗତକାଲି ରାତିରେ ତିନି ସେନାର ଅଧକ୍ଷ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବାସଭବନକୁ ଯାଇ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଇତିମଧ୍ୟରେ ଜମ୍ମୁସ୍ଥିତ ଆର୍‌ଏସ୍‌ପୁରା ସେକ୍ଟର ଅନ୍ତର୍ଜାତୀୟ ସୀମା ନିକଟରେ ହୋଇଥିବା ଗୁଳିଗୋଳା ମାଡ଼ରେ ବିଏସ୍‌ଏଫ୍ ଏସ୍‌ଆଇ ମହମ୍ମଦ ଇମ୍‌ତିଆଜ୍ ସହିଦ ହୋଇଛନ୍ତି। ପାକିସ୍ତାନ ପଟୁ ଭାରତୀୟ ପୋଷ୍ଟ ଉପରକୁ ଅତର୍କିତ ଗୁଳି କରାଯିବାରୁ ସେଠାରେ ମୁତୟନ ଥିବା ମହମ୍ମଦ ଇମତିଆଜ୍‌ଙ୍କ ସମେତ ଅନ୍ୟ ୭ ଯବାନ ଆହତ ହୋଇଥିଲେ। ସମସ୍ତଙ୍କୁ ତୁରନ୍ତ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ହେଲେ ଇମତିଆଜ୍ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି।



# ରୋଜଗାର ଯୋଗାଉଛି ଚାହାର କୋଳି



ଝରିଗାଁ ୧୩/୫(ନି.ପ୍ର): ଜଙ୍ଗଲ ତଳି ଓ ଜଙ୍ଗଲ ଘେରା ଅଞ୍ଚଳରେ ବାସ କରୁଥିବା ଅନୁସୂଚିତ ଜାତି ଓ ଜନଜାତି ଲୋକେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ସେମାନଙ୍କ ଜୀବିକାନିର୍ବାହ ନିର୍ବାହ କରିଥାନ୍ତି । ଯାହାକି ଆଦି ମଣିଷ ସମାଜ ଆଦ୍ୟରୁ ଜଙ୍ଗଲ ଉପରେ ନିର୍ଭର କରିଆସୁଥିବା ବେଳେ କୃଷି ଓ ପଶୁପାଳନ କରି ବଞ୍ଚି ଆସୁଛି ।ସେମାନଙ୍କ ସାମାଜିକ ,ସାଂସ୍କୃତିକ ଜୀବନ ପ୍ରବାହିତ ସହିତ ଲଘୁ ବନଜାତ ଦ୍ରବ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏମାନେ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ବର୍ଷର ୫/୬ ମାସ ଜୀବିକା ନିର୍ବାହ କରିଥାନ୍ତି । ଫଳ,କୋଳି, କନ୍ଦ ମଧ୍ୟରେ କେନ୍ଦୁ,ହରିଡା,ବାହାଡା,ସାହାଡ଼ା, ଅଁଳା, ଚାଆଁର, କୁସୁମ, ତେନ୍ତୁଳି, ଟୋଲ, ତେନ୍ତୁଳି, ଆମ୍ବ ଟାକୁଆ, ଲାଖ ଝୁଣା ମହୁ ଆଦି ବନାଞ୍ଚଳ ବାସୀଙ୍କ ଜୀବିକା ନିର୍ବାହର ପ୍ରଧାନ ପନ୍ଥା ରହି ଆସିଛି । ବିଶେଷକରି ଗ୍ରୀଷ୍ମରେ ଝରିଗାଁ ବ୍ଲକର ବିଭିନ୍ନ ଅଞ୍ଚଳରେ ଲୋକେ ଚାଆଁର ମଞ୍ଜି ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି । ଚକଲା ପଦର, ଟେମେରା, ତେଲନଦି , ଚଚା, ଇଚ୍ଛାପୁର ,ଝରିଗାଁ ଆଦି ପଞ୍ଚାୟତର ଜଙ୍ଗଲଘେରା ଅଞ୍ଚଳ ରହିଥିବାରୁ ବିଭିନ୍ନ ପ୍ରକାର ଲଘୁ ବନଜାତ ଦ୍ରବ୍ୟ ଲୋକେ ସଂଗ୍ରହ କରି ଅର୍ଥ ରୋଜଗାର କରୁଛନ୍ତି । ସମୟକ୍ରମେ ଜଙ୍ଗଲ ହ୍ରାସ ଯୋଗୁଁ ଏସବୁ ଉତ୍ପାଦନ ହାର ପାତାଳକୁ ଖସିଛି । ପୂର୍ବଭଳି ଆଉ ଲଘୁ ବନଜାତ ଦ୍ରବ୍ୟ ମିଳୁନଥିବା କହିଛନ୍ତି ଅଞ୍ଚଳବାସୀ । ବର୍ତମାନ ସ୍ଥିତିରେ ଚାଆଁର କୋଳି ସଂଗ୍ରହ ଚାଲିଥିବା ବେଳେ କିଲୋ ପ୍ରତି ୨୫୦.୦୦ ଟଙ୍କା ଦରରେ ସ୍ଥାନୀୟ ବେପାରୀ ନିକଟରେ ଲୋକେ ବିକ୍ରୟ କରୁଛନ୍ତି । ରାଜ୍ୟ ସରକାର ଲଘୁ ବନଜାତ ଦ୍ରବ୍ୟ କ୍ରୟ ଏବଂ ଏମ ଏସ ପି ରେ ଲୋକେ ବିକ୍ରୟ ପାଇଁ ଲାଭ ଯୋଜନା ଲାଗୁ ହୋଇଛି । ଏଫ୍ ଏ କାୟୁ ଗୁଣବତ୍ତା ଥିବା ଲଘୁ ବନଜାତ ଦ୍ରବ୍ୟ କ୍ରୟ କରିବାକୁ ଓଡିଶା ଜୀବିକା ମିଶନ ମହିଳା ଏମ ବି କେ ମାନଙ୍କ ସହଯୋଗ ଏବଂ ପରିଚାଳନାରେ ଏସ ହେଚ ଜି ଙ୍କୁ କ୍ରୟ କରିବାକୁ ପ୍ରୋତ୍ସାହନ ଦିଆଯାଉଛି । ଏଥି ପାଇଁ ରାଜ୍ୟ ସରକାର ରାଜ୍ୟ ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯାଇଥିବା ବେଳେ ବିଭିନ୍ନ ଏଜେନ୍ସି ଏନ୍ ଟି ଏଫ୍ ପି କ୍ରୟ କରୁଛନ୍ତି । ଅନ୍ୟ ପକ୍ଷେ ଏସବୁ ଟି ଡି ସି ସି କୁ ବିକ୍ରୟ କରିବାକୁ ପ୍ରାବଧାନ ରହିଛି ।ସରକାରୀ କାଗଜ ପତ୍ରରେ କ୍ରୟ ବିକ୍ରୟ କେବଳ ଚାଲିଛି । ଉତ୍ପାଦିତ ଲଘୁ ବନଜାତ ଦ୍ରବ୍ୟ ବାହାର ବେପାରୀ ଲୋକଙ୍କ ଠାରୁ କମ୍ ମୂଲ୍ୟରେ କ୍ରୟ କରି ପ୍ରକୃତ ଲାଭ ସେମାନେ ପାଉଥିବା ବେଳେ ଭୋର ସକାଳୁ ୬ ଘଣ୍ଟା ବେଳେ ଜଙ୍ଗଲକୁ ଯାଇ କଠିନ ପରିଶ୍ରମ କରି ଖରାରେ ସିଝି ଲଘୁ ବନଜାତ ଦ୍ରବ୍ୟ ଆଦି ସଂଗ୍ରହ କରି ଆଣି ବେପାରୀକୁ ଲାଭ ଦେଉଛନ୍ତି । ବିକ୍ରୟ ପାଇଁ ବଜାର ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ସିଧାସଳଖ ଲାଭ ଲୋକେ ପାଇ ପାରନ୍ତେ । ଚାଆଁର କୋଳି ଖାଇବାକୁ ସ୍ୱାଦିଷ୍ଟ ଲାଗିଥାଏ । ଏହାର ମଞ୍ଜି ବିଭିନ୍ନ ରୋଗ ପାଇଁ ଔଷଧ ରେ ବ୍ୟବହାର ହୋଇଥାଏ । ବିଶେଷ କରି ହାଇ କୋଲଷ୍ଟ୍ରୋଲ୍, କନ୍ସ୍ତିପେଶନ, ଇନ୍ସ୍ଅମାନିଆ,ଯକୃତ ସମ୍ବନ୍ଧୀୟ ରୋଗ ଜଣ୍ଡିସ ଓ ସ୍କିନ ରୋଗ ଆଦିରେ ଏହାର ମଞ୍ଜି ଔଷଧ ଉପାଦାନ ରୂପେ ବ୍ୟବହାର ହୋଇଥାଏ । କ୍ୱିଣ୍ଟାଲ ପ୍ରତି ୨୫୦୦୦ ଟଙ୍କା ବର୍ତ୍ତମାନ ବଜାର ରେ କିଣା ଚାଲିଛି । ଏସବୁ ଦୃଷ୍ଟିରୁ ଚାଆଁର ମଂଜୁର ଚାହିଦା ସର୍ବଦା ବୃଦ୍ଧି ପାଇ ଆସୁଛି ।

## ବଜ୍ରପାତରେ ଗୋଟିଏ ଗାଈ ଓ ଗୋଟିଏ ଛେଳି ମୃତ୍ୟୁ

ବୁଗୁଡ଼ା ,୧୩/୫(ନି.ପ୍ର): ବୁଗୁଡ଼ା ତହସିଲ ଅନ୍ତର୍ଗତ ମାଣିତରା ଅଞ୍ଚଳରେ ମଇ ୧୨ ତାରିଖ ଦିନ ଅପରାହ୍ନରେ ବଜ୍ରପାତ ଘଟି ମାଣିତରା ଗ୍ରାମର ରମେଶ ଗୌଡ଼ଙ୍କ ଗୋଟିଏ ଗାଈ ଓ ଗୋଟିଏ ଛେଳି ମୃତ୍ୟୁ ବରଣ କରିଥିବା ଜଣାପଡିଛି । ମାଣିତରା ଅଞ୍ଚଳରେ ମଇ ୧୨ ତାରିଖ ଦିନ ଅପରାହ୍ନ ପ୍ରାୟ ୩ ଘଣ୍ଟାରୁ ୪ ଘଣ୍ଟା ଯାଏ ଘଣ୍ଟାଏ ସମୟ ପର୍ଯ୍ୟନ୍ତ ଭୀଷଣ ଭାବେ ବଜ୍ରପାତ ଓ ବର୍ଷା ହେବା ଯୋଗୁଁ ବହୁ କ୍ଷତି ଘଟିଛି । ମାଣିତରା ଗ୍ରାମର ରମେଶ ଗୌଡ଼ ନିଜର ଗାଈ ଓ ଛେଳି ଚରାଇବାକୁ ଯାଇଥିବା ବେଳେ ବଜ୍ରପାତ ସହ ବର୍ଷା ହୋଇଥିଲା । ବର୍ଷା ଯୋଗୁଁ ଗାଈ ଓ ଛେଳି ଗୁଡିକ ଗଛ ତଳକୁ ଚାଲି ଯାଇଥିଲେ । ସେହି ସମୟରେ ଏକ ବଡ ଧରଣର ବଜ୍ରପାତ ଯୋଗୁଁ ଗୋଟିଏ ଗାଈ ଓ ଗୋଟିଏ ଛେଳି ମୃତ୍ୟୁବରଣ କରିଥିଲେ । ଗୋପାଳକ ରମେଶ ଗୌଡ଼ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବା ବେଳେ ସରକାରୀ ସାହାଯ୍ୟ ପାଇଁ ଦାବି ହୋଇଛି । ଏହା ସହ ତାମ୍ବାରି ଗ୍ରାମର ଏକ ନଡ଼ିଆ ଗଛ ବଜ୍ରପାତରେ ଜଳି ଯାଇଥିବା ବେଳେ ଅନେକ ବିଦ୍ୟୁତ ପୋଲର ଇନ୍ସୁଲେଟର ଫାଟି ଯାଇଥିବା ଯୋଗୁଁ ବିଦ୍ୟୁତ ଯୋଗାଣ କଟି ଅଞ୍ଚଳ ଅନ୍ଧାରରେ ରହିଥିଲା । ବିଦ୍ୟୁତ ବିଭାଗ କର୍ମଚାରୀ ବୃନ୍ଦ ବିଦ୍ୟୁତ ଯୋଗାଣ ପାଇଁ ଚେଷ୍ଟା କରୁଥିବା ଜଣାପଡିଛି ।

## ୪୨ ଲିଟର ଦେଶୀମଦ ଜବତ,୩ ଗିରଫ

ବାଲୁଗାଁ ୧୩/୫(ନି.ପ୍ର): ଖୋର୍ଦ୍ଧା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗି ରେଞ୍ଜ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ବାଲୁଗାଁ ଥାନା ନିକଟବର୍ତ୍ତୀ ଅଞ୍ଚଳରେ ଚଢ଼ାଉ କରି ୪୨ ଲିଟର ଦେଶୀମଦ ଜବତ କରିବାସହ ୩ ଜଣଙ୍କୁ ଗିରଫ କରିଛି ।ଅଭିଯୁକ୍ତମାନେ ହେଲେ ବଡ଼କୁଳ ଗ୍ରାମର ରାମଚନ୍ଦ୍ର ସାହୁ(୪୬),କୃଷ୍ଣ ମୋହନ ସାହୁ(୫୮) ଓ ବ୍ରଜରାଜପୁର ଗ୍ରାମର କେଦାର ବେହେରା(୫୬) ।ଗିରଫ ଅଭିଯୁକ୍ତଙ୍କ ବିରୁଦ୍ଧରେ ୨୮/୨୫-୨୬,୨୯/୨୫-୨୭,୩୦/୨୫-୨୮ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ଶ୍ରୀ ମୁଦୁଲି କହିଛନ୍ତି । ଏହି ଚଢ଼ାଉରେ ବାଲୁଗାଁ ଅବକାରୀ ଅଧିକାରୀ ଶ୍ରୀ ମୁଦୁଲିଙ୍କ ସମେତ ଏସଆଇ ସୁନିତା ମହାରଣା,ସଞ୍ଜୟ କୁମାର ସୁବୁଦ୍ଧି,କନେଷ୍ଟବଳ ଅଶେଷ ପ୍ରଧାନ,ରଞ୍ଜିତ ପଟେଲ,କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

## ନିଖୋଜ ନାବାଳିକା ଘରକୁ ଫେରିଲେ

ପାଟଣା ୧୩/୫(ନି.ପ୍ର): ପାଟଣା ବ୍ଲକ ଅନ୍ତର୍ଗତ ଚିନାମାଳି ପଶି ପଞ୍ଚାୟତ ବଡ଼ ମହୁଲଡିହା ଗ୍ରାମର ୧୩ ରୁ ୧୫ ବର୍ଷ ବୟସର ୩ ଜଣ ନାବାଳିକା ଗତ ଗୁରୁବାର ଠାରୁ ନିଜ ଗ୍ରାମରୁ ନିଖୋଜ ହୋଇ ଯାଇଥିବା ବେଳେ ଗତକାଲି ଘଟଗାଁ ଥାନାରେ ଅଭିଯୋଗ ହୋଇଥିଲା ।ଖବର ପାଇ ନିଜେ ଥାନାଧିକାରୀ ପ୍ରଶାନ୍ତ କୁମାର ସାମଲ ବଡ଼ ମହୁଲଡିହା ଗ୍ରାମ କୁ ଯାଇ ସମସ୍ତ ଙ୍କୁ ପଚରା ଉଚରା କରିବା ପରେ ଏହା ନିଖୋଜ ମାମଲା ନୁହେଁ ବୋଲି ସ୍ପଷ୍ଟ ହାଇଥିଲା ।ନାବାଳିକା ୩ ଜଣ ନିଜର ବନ୍ଧୁଘର ହରିଚନ୍ଦନ ପୁର ବଡ ଶିଆଳିମାଳ ଗ୍ରାମକୁ ଚାଲି ଯାଇଥିଲେ ।ଏମାନଙ୍କ ନିଖୋଜ ଚର୍ଚ୍ଚା ଖବର ପାଇବା ପରେ ସମସ୍ତ ୩ ଜଣ ନାବାଳିକା ନିଜ ଗ୍ରାମ ବଡ଼ ମହୁଲଡିହା କୁ ଫେରି ଆସିଥିବା ଘଟଗାଁ ଥାନାଧିକାରୀ ଶ୍ରୀ ସାମଲ ଙ୍କ ଠାରୁ ପ୍ରକାଶ ।

## ବିପଦପୂର୍ଣ୍ଣ ଥିବା ଅଙ୍ଗନୱାଡ଼ିରେ ତାଲା

### ଅଙ୍ଗନୱାଡ଼ି ଦିଦି ଘରେ ପିଲାଙ୍କ ଭବିଷ୍ୟତ ହେଉଛି ଗଡ଼ା,ନୂତନ ଅଙ୍ଗନୱାଡ଼ି କୋଠା ନିର୍ମାଣ ପାଇଁ ଦାବି



ମୟୂରଭଞ୍ଜ ୧୩/୫(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଆଦିବାସୀ ଓ ହରିଜନ ବହୁଳ ଗାଁ ରଙ୍ଗାମାଟିଆ ରେ ଥିବା ଅଙ୍ଗନୱାଡ଼ି ଟି ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ ହେଲାଣି ତାଲା ପଡ଼ିରହିଛି ।ଅଙ୍ଗନୱାଡ଼ି ସମ୍ମୁଖ ଅନାବନା ଗଛରେ ପରିପୂର୍ଣ୍ଣ ଦିଶୁଛି ।ସୂଚନା ପ୍ରାପ୍ତ ହୋଇଛି ଯେ ଅଙ୍ଗନୱାଡ଼ି ଛାତ ବିପଦପୂର୍ଣ୍ଣ ଭାବରେ ରହିଛି ।ଏ ନେଇ ବ୍ଲକ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ଏଯାଏଁ ମରାମତି କରାଯାଇନାହିଁ କି ନୂତନ ଅଙ୍ଗନୱାଡ଼ି କୋଠା ନିର୍ମାଣ ହୋଇନଥିବା ଗ୍ରାମବାସୀ ସୂଚନା ପ୍ରଦାନ କରିଛନ୍ତି ।ଗ୍ରାମବାସୀଙ୍କ କହିବା ମୁତାବକ ଯେବେଠାରୁ ଅଙ୍ଗନୱାଡ଼ି ବିପଦପୂର୍ଣ୍ଣ ଭାବରେ ରହିଛି ସେହି ଦିନଠାରୁ କୁନିକୁନି ପିଲାମାନଙ୍କୁ ଅଙ୍ଗନୱାଡ଼ି ସହାୟିକା ଦିଦିଙ୍କ ଖପର ଓ ଆଜବେଷ୍ଟ୍ ବାସଭବନରେ ଶିକ୍ଷାଦାନ ଚାଲୁରହିଛି ଓ ପିଲାଙ୍କ ଭବିଷ୍ୟତ ଗଡ଼ା ହେଉଛି ।ତେବେ ଜାମଦା ଆଇସିଡ଼ିଏସ୍ ଦିଦି,ବ୍ଲକ କର୍ତ୍ତୃପକ୍ଷ,ବିଭାଗୀୟ ଯନ୍ତ୍ରୀ ରଙ୍ଗାମାଟିଆ ରେ ଥିବା ବିପଦପୂର୍ଣ୍ଣ ଅଙ୍ଗନୱାଡ଼ିକୁ ମରାମତି କରିବା ପୂର୍ବକ ନୂତନ ଅଙ୍ଗନୱାଡ଼ି ନିର୍ମାଣ କରିବା ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମର ସମାଜସେବୀ ନିମାଇଁ ସୋରେନ୍,ୟୁଏସ୍ଆଇ ସଂଗଠକ ପିକେ ଶତପଥୀ,ଦୀପକ ପାତ୍ର,ଶିଶୁମାନଙ୍କର ଅଭିଭାବକ ଓ ଅଭିଭାବିକା ସମୂହ ଦାବି କରିଛନ୍ତି ।

## ପୂର୍ବତନ ବିଜେପି ପଂଚାୟତ ପ୍ରମୁଖଙ୍କ ବିୟୋଗ

ନିଶ୍ଚିନ୍ତକୋଇଲି ୧୩/୫(ନି.ପ୍ର): କୋଲଣପୁର ପଂଚାୟତ ପୂର୍ବତନ ବିଜେପି ପ୍ରମୁଖ ରବିନାରାୟଣ ମହାପାତ୍ର (୭୧)ଙ୍କ ହୃଦ୍‌ଘାତ ଜନିତ ବିୟୋଗ ଘଟିଛି । ସ୍ୱର୍ଗତ ମହାପାତ୍ର ଜଣେ ଶାନ୍ତ,ଶିଷ୍ଟ, ସରଳ ବ୍ୟକ୍ତିତ୍ୱ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ । ଶରୀରରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ କରାଯାଉଥିଲା । ଚିକିତ୍ସାଧିନ ଅବସ୍ଥାରେ ସୋମବାର ଦିନ ତାଙ୍କର ବିୟୋଗ ହୋଇଛି । ମର ଶରୀର ଗାଁକୁ ଆସିଲା ପରେ ଏକ ଶୋକାକୁଳ ପରିବେଶରେ ଶବ ଶୋଭାଯାତ୍ରାରେ ନିଆଯାଇ ଚିତ୍ରୋତ୍ପଳା ନଦୀ ଶଯ୍ୟାରେ ଅନ୍ତିମ ସଂସ୍କାର କରାଯାଇଥିଲା । ପୁତ୍ର ଆଶୁତୋଷ ମୁଖାଗ୍ନି ପ୍ରଦାନ କରିଥିଲେ । ଶେଷଶଯ୍ୟା ନିକଟରେ ପରିବାର ବନ୍ଧୁ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ବିୟୋଗ ଖବର ପାଇ ପୂର୍ବତନ ସମିତିସଭ୍ୟ ଯତୀନ୍ଦ୍ର ଜେନା, ନାରୀନେତ୍ରୀ ଯାଜ୍ଞସେନୀ ଜେନା, ରଂଜନ ରାଉତ, ସଂଜୟ ବେହେରା, ପ୍ରଶାନ୍ତ ନାୟକ, ଶାରଦା ପ୍ରସାଦ ମିଶ୍ର, ଦିଲ୍ଲୀପ ରାଉତ, ପ୍ରକାଶ ସାମଲ, ପିତାମ୍ବର ମହାନ୍ତି, ସୋମନାଥ ବେହେରା, ଜୟଜଗନ୍ନାଥ ଜୟଶ୍ରୀରାମ, ତାପୁନୀ କର, ଅଜୟ ମଲିକ, ପ୍ରଶାନ୍ତ ଜେନା, କ୍ଷୀରୋଦ ପରିଡା, ଭରତ ଦାସ, ରାକେଶ ସେଠୀ, ସନ୍ତୋଷ କାପ, ରବିଚନ୍ଦ୍ର ବେହେରା, ମାହାଙ୍ଗା ବରିଷ୍ଠ ବିଜେପି ନେତା ସମୀର କୁମାର ସାମଲ, ପ୍ରଫୁଲ୍ଲ କୁମାର ମହାପାତ୍ର, ଶ୍ରୀନିବାସ ନାୟକ, ମୀନକେତନ ଦାସ, ମଳୟ କୁମାର ଘଡାଇ ପ୍ରମୁଖ ସ୍ୱର୍ଗତଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ସ୍ୱର୍ଗତ ମହାପାତ୍ରଙ୍କ ବିୟୋଗରେ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦା ପ୍ରସାଦ ପ୍ରଧାନ, ମାହାଙ୍ଗା ବିଜେପି ନେତା, ସୁମନ୍ତ କୁମାର ଘଡେଇ, ପୂର୍ବତନ ସରପଂଚ ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ବେହେରା, କୋଲଣପୁର ସରପଂଚ ଗୋପବନ୍ଧୁ ସେଠୀ, ସମିତିସଭ୍ୟା ସବିତା ସାମଲ, ଶିଶିର କୁମାର ନାୟକ, ରବିନ୍ଦ୍ର କୁମାର ବେଉରିଆ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି ।

## ବୋକଡାବେଡାରେ ନାଇଟ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟନ

ଝରୀଗାଁ ୧୩/୫(ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକର ବୋକଡାବେଡା ଗ୍ରାମରେ ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ ହୋଇଯାଇଛି । ଏହି ନାଇଟ୍ ଟୁର୍ନାମେଣ୍ଟ ୭ଦିନ ଧରି ଚାଲିବ ଟୁର୍ଣ୍ଣାମେଣ୍ଟରେ ୨୪ ଟି ଦଳ ଅଂଶ ଗ୍ରହଣ କରିବେ । ଉଦଘାଟନ ମ୍ୟାଚ ଝରୀଗୁଡା ଓ ଜଟାବାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚରେ ଜଟାବାଲ ବିଜୟୀ ହୋଇଛି । ଟୁର୍ଣ୍ଣାମେଣ୍ଟର ଉଦ୍ଘାଟନ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଝରୀଗାଁ ବିଧାୟକ ନରସିଂହ ଭତରା ଯୋଗ ଦେଇଥିଲେ । ଟୁର୍ନାମେଣ୍ଟ ସନ୍ଧ୍ୟା ୬ ରୁ ଆରମ୍ଭ ହେଉଥିବା ବେଳେ ଦର୍ଶକଙ୍କ ବହୁ ଭିଡ଼ ଦେଖା ଦେଉଛି । ଟୁର୍ନାମେଣ୍ଟରେ ଫାଇନାଲ ବିଜେତା ଦଳକୁ ୨୫୫୦୦ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଦଳକୁ ୧୮୮୦୦ ଟଙ୍କା ଆଉ ଟ୍ରଫି ପ୍ରଦାନ କରାଯିବ ବୋଲି କମିଟି ତରପରୁ ସୂଚନା ରହିଛି । ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ କମିଟିର ସଭାପତି ପ୍ରଭାକର ଗୌଟିୟା, ଉପ ସଭାପତି ସରୋଜ ସାହୁ,ସମ୍ପାଦକ ରଂଜିତ, ଦିବା, ଗୋକୁଳ, ସାଜିତ ଓ କମିଟିର ସଦସ୍ୟମାନେ ସହଯୋଗ କରୁଛନ୍ତି ।

## ସାଇକେଲରେ ଶ୍ୟାମପଦ ଙ୍କ ବିଶ୍ୱଶାନ୍ତି ଯାତ୍ରା

ପାଟଣା ୧୩/୫(ନି.ପ୍ର): ପଶ୍ଚିମବଙ୍ଗ ଦୁର୍ଗାପୁର ର ଶ୍ୟାମପଦ ଶର୍ମା ନାମକ ଜଣେ ଉତ୍ସାହି ବ୍ୟକ୍ତି ବିଶ୍ୱଶାନ୍ତି ର ବାର୍ତ୍ତା ନେଇ ସମଗ୍ର ଭାରତ ଭ୍ରମଣ କରୁଛନ୍ତି । ୨୦୦୭ ରୁ ଦୁର୍ଗାପୁରରୁ ବିଶ୍ୱଶାନ୍ତି ଯାତ୍ରା ଆରମ୍ଭ କରିଥିବା ଶ୍ୟାମପଦ ଇତି ମଧ୍ୟରେ ଭୁଟାନ,କନ୍ୟାକୁମାରୀ, ଲେହ ଲଦାଖ, ଅଗରତାଲା, ସିଲିଗୁଡି,ଶ୍ରୀନଗର, କାଠମାଣ୍ଡୁ ଆଦି ଅନେକ ପ୍ରମୁଖ ସ୍ଥାନ ସାଇକେଲରେ ବୁଲି ସାରିଲେଣି ।ପ୍ରତ୍ୟହ ସେ ୫୦ ରୁ ୬୦ କିଲୋମିଟର ଯାତ୍ରା କରିବା ପରେ କୌଣସି ବଦାନ୍ୟ ବ୍ୟକ୍ତି ଅଥବା ଅନୁଷ୍ଠାନ ତାଙ୍କୁ ରାତ୍ର ରହଣି ପାଇଁ ଆଶ୍ରୟ ଦେଲେ ସେ ସେଠାରେ ବିଶ୍ରାମ ନେଇ ଥାନ୍ତି ।ଜଣେ ଭଦ୍ର ଶାନ୍ତ ଓ ସରଳ ବ୍ୟକ୍ତିତ୍ୱର ଶ୍ୟାମପଦ ଇତି ମଧ୍ୟରେ ଭାରତର ସମସ୍ତ ରାଜ୍ୟ ସାଇକେଲ ରେ ପରିଭ୍ରମଣ କରି ସାରିଥିବା ବେଳେ କେବଳ ତାଙ୍କର ଗୁଜୁରାଟ ରାଜ୍ୟ ଭ୍ରମଣ ବାକି ରହିଛି ।ଜାତୀୟ ରାଜପଥ ୪୯ ନଂ ରେ ସେ ଆସୁଥିବା ସମୟରେ ଗତକାଲି ତୁରୁମୁଙ୍ଗାର ପ୍ରଭାତ କୁମାର ସାହୁ ତାଙ୍କୁ ଆତିଥେୟତା ପ୍ରଦାନ କରିଥିବା ବେଳେ ସେ ଯୁଦ୍ଧ ନୁହେଁ ଶାନ୍ତି ଓ ବାସୁଦେବେଇ କୁଟୁମ୍ବକମ ର ବାର୍ତ୍ତା ନେଇ ବିଶ୍ୱଶାନ୍ତି ଯାତ୍ରା ଆରମ୍ଭ କରିଥିଲେ ବୋଲି ଗଣ ମାଧ୍ୟମ କୁ କହିଛନ୍ତି ।



## ଚାଷ ଜମି ଉପରେ ପାଇପ ପଡିଥିବା ଯୋଗୁଁ ଚାଷ କାମ ବିଳମ୍ବିତ

ପାଟଣା ୧୩/୫(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଖିରେଇ ଟାଙ୍ଗିରି ଗ୍ରାମ ପଞ୍ଚାୟତ ର ନୂଆଗାଁ ଗ୍ରାମକୁ ଯାଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ର ପାଇପ ଗୁଡିକ ବିଲ ମଝିରେ ପଡି ରହିଥିବା ଯୋଗୁଁ ଚାଷ କାର୍ଯ୍ୟ କରିବାରେ ଅସୁବିଧା ଦେଖା ଦେଇଛି । ପାଣି ପାଇପକୁ ଭିତରେ ପୋତି ନେବାର ଯୋଜନା ରହିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଠିକା ସଂସ୍ଥା ପାଇପ କୁ ମାଟି ଭିତରେ ପୋତୁ ନାହିଁ । ଯାହା ଫଳରେ ବର୍ତ୍ତମାନ ଧାନ ଚାଷ କରିବାର ସମୟ ଆସିଯାଇଥିବା ଯୋଗୁଁ ଚାଷୀ ଚାଷ କରିବାରେ ଅସୁବିଧା ର ସମ୍ମୁଖୀନ ହେବା ସହ କାମ ମଧ୍ୟ ବିଳମ୍ବିତ ହେଉଛି । ତାସହିତ ପାଇପ ଉପରେ ପଡି ରହିଲେ ଚୋରି ହେବାର ଭୟ ମଧ୍ୟ ରହିଛି । ଚାଷୀ ମଧ୍ୟ ଚାଷ କରିବା ପୂର୍ବରୁ ପାଇପ କୁ ମାଟି ତଳେ ପୋତିଦେବା ପାଇଁ ଠିକା ସଂସ୍ଥା କୁ ଅନୁରୋଧ କରିଛନ୍ତି । ତେଣୁ ଏହି ଠିକା ସଂସ୍ଥା ଯଥାଶୀଘ୍ର ପାଣି ପାଇପକୁ ମାଟି ଭିତରେ ପୋତି ଦେଲେ ଚାଷୀ ଚାଷ କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ ବୋଲି କହୁଛନ୍ତି । ଯଥାଶୀଘ୍ର ଏହାର ସମାଧାନ ନ କଲେ ଚାଷୀ ଚାଷ କଲେ ପାଣି ପାଇପ ନଷ୍ଟ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି । ନୂଆଗାଁ ରେ ପାନୀୟ ଜଳ ର ଉତ୍କଟ ସମସ୍ୟା ରହିଥିବା ଯୋଗୁଁ ପାଣି ପାଇପ ନଷ୍ଟ ହୋଇଗଲେ ଗ୍ରାମବାସୀ ପାଣି ସମସ୍ୟା ଭୋଗ କରିବେ ବୋଲି ଜଣାଯାଇଛି । ତେଣୁ ତୁରନ୍ତ ଏହାର ପ୍ରତିକାର କରିବା ପାଇଁ ସାଧାରଣ ରେ ଠିକା ସଂସ୍ଥା କୁ ଅନୁରୋଧ କରିଛନ୍ତି ।



## ଗୌତମ ବୁଦ୍ଧଙ୍କ ଜୟନ୍ତୀ ପାଳିତ

ମାହାଙ୍ଗା ୧୩/୫(ନି.ପ୍ର): କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ବିଶ୍ୱପ୍ରସିଦ୍ଧ ଲଳିତଗିରିଠାରେ ଗୌତମ ବୁଦ୍ଧଙ୍କ ଜୟନ୍ତୀ ସମାରୋହ ଓ ପ୍ରାର୍ଥନା ସଭା ବୁଦ୍ଧାୟନ କମିଟି ପକ୍ଷରୁ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଂପାଦକ ତଥା ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ଯୋଗଦେଇ ଭଗବାନ ବୁଦ୍ଧଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ଏବଂ ଗୌତମ ବୁଦ୍ଧଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଉପସ୍ଥିତ ଲୋକମାନଙ୍କୁ କହିଥିଲେ । ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅଲେଖ ପ୍ରସାଦ ସ୍ୱାଇଁ, ଉତ୍ତମ କୁମାର ବେହେରା, ଦେବେନ୍ଦ୍ର ପରିଡା, ଚୈତନ ପ୍ରସାଦ ପାଣି, ଉମାପ୍ରସନ୍ନ ମିଶ୍ର, ପ୍ରମୋଦ କୁମାର ସାମଲ,ତ୍ରିଲୋଚନ ସାମଲ, ଧୀରେନ୍ଦ୍ର ମହାରଣା, ପ୍ରଶାନ୍ତ ଖଟୁଆ, ବସନ୍ତ ଦାସ, ଶରତ ମହାନ୍ତି, ରଂଜନ କୁମାର ସାହୁ, ବ୍ରଜବନ୍ଧୁ ପ୍ରଧାନ, ମହେନ୍ଦ୍ର ରାଉତ, ପରମାନନ୍ଦ ସିଂହ, ତ୍ରିଲୋଚନ ସେଠୀ, ପ୍ରଭାତ ମଲିକ, ସାଗର ନନ୍ଦ, ଅଭୟ ମହାନ୍ତି, ଅଶୋକ ମହାନ୍ତି, ଅରକ୍ଷିତ ବାରିକ, ରାଧାଶ୍ୟାମ ପରିଡା, କୁଞ୍ଜବନ ସିଂହ, ରମେଶ ସାମଲ, ନାରାୟଣ ବେହେରା, ସୁମନ୍ତ ମହାରଣା, ସାଜିଦ୍ ଖାନ୍, ଉମାକାନ୍ତ ପ୍ରହରାଜ, ମଙ୍ଗରାଜ ମହାରଣା, ଭାଗ୍ୟଧର ସାହୁଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ରହି ଭଗବାନ ବୁଦ୍ଧଙ୍କୁ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ମାହାଙ୍ଗା ବ୍ଲକରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ହୋଇଥିବା ଛାତ୍ରୀ ଅଙ୍କିତା ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଆର୍ଥିକ ରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସପ୍ତମ ଦିନରେ ମା' ପାଟଖଣ୍ଡା ଠାକୁରାଣୀ ଯାତ୍ରା : ମା' ଙ୍କ ଆଗମନ ଶ୍ରୀ ଜଗନ୍ନାଥ ଙ୍କ ପାଖକୁ: ଶତାଧିକ ଭକ୍ତଙ୍କ ସମାଗମ



ବାଲିଗୁଡା ୧୩/୫(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା 'ପାଟଖଣ୍ଡା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ପାଇଁ ଗାନ୍ଧୀ ଛକ ସ୍ଥିତ ମା 'ବରାଳ ଦେବୀ ମନ୍ଦିର ଅସ୍ଥାୟୀ ମଣ୍ଡପ ବର୍ତ୍ତମାନ ଚଳ ଚଞ୍ଚଳ ହୋଇ ଉଠିଛି କ୍ଷ ଏହି ଯାତ୍ରା ମଇ ୬ ତାରିଖରୁ ଆରମ୍ଭ ହୋଇ ଆଜି ସପ୍ତମ ଦିନରେ ପହଞ୍ଚି ଥିବା ବେଳେ ସୋମବାର ଚତୁର୍ଥ ନଗର ଭ୍ରମଣ ଆରମ୍ଭ ହୋଇଥିଲା କ୍ଷ ଏହା ଜୁନ ୫ ତାରିଖରେ ଶେଷ ହେବ। ଏକ ମାସ ବ୍ୟାପୀ ମା' ଅସ୍ଥାୟୀ ମଣ୍ଡପରେ ଭକ୍ତଙ୍କୁ ଦର୍ଶନ ଦେବେ। ଏ ନେଇ ସମଗ୍ର ବାଲିଗୁଡା ସହର ଉତ୍ସବମୁଖର ହୋଇଉଠିଛି। ଅସ୍ଥାୟୀ ପୀଠ ରେ ମା 'ପାଟଖଣ୍ଡା ଙ୍କ ସମେତ ମା' କନକ ଦୁର୍ଗା, ମା' ଡେଙ୍ଗସିଲ, ମା' ବରାଳଦେବୀ, ମା' ମହାମାୟୀ ଓ ମା' ଦକ୍ଷିଣ କାଳୀ ବିରାଜ ମାନ ଅଛନ୍ତି। ପ୍ରତିଦିନ ସକାଳ ଓ ସନ୍ଧ୍ୟା କାଳୀନ ଆଳତୀ ସମୟରେ ଶହ ଶହ ଭକ୍ତଙ୍କ ସମାଗମ ହେଉଛି କ୍ଷ ସୋମବାର ସପ୍ତମ ଦିନରେ ମା' ଙ୍କ ଆଗମନ ଶ୍ରୀ ଜଗନ୍ନାଥ ଙ୍କ ପାଖକୁ ହୋଇଛି, ଏହି ପରିପ୍ରେକ୍ଷୀରେ ବାଲିଗୁଡା ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଆଣି ସମଗ୍ର ମନ୍ଦିର ପରିଭ୍ରମଣ କରି ଆସିଥିଲେ। ଏହି ଅବସରରେ ସନ୍ଧ୍ୟା ଆଳତୀ ପରେ ପରେ ଏକ ବିରାଟ ପଟୁଆର ରେ ବିଭିନ୍ନ ପ୍ରକାର ନୃତ୍ୟ, ଗୀତ ସହ ବାଜା ବଜାଇ ଅସ୍ଥାୟୀ ପୀଠ ଠାରୁ ବାହାରି ଗାନ୍ଧୀ ଛକ, ଜାତୀୟ ରାଜପଥ ଦେଇ ମନ୍ଦିର ସମ୍ମୁଖରେ ଅସ୍ଥାୟୀ ପୂଜା ମଣ୍ଡପ ରେ ପହଞ୍ଚି ଥିଲେ କ୍ଷ ଉକ୍ତ ପୂଜା ମଣ୍ଡପ ରେ ମନ୍ଦିର ପରିସରକୁ ଆସିଥିବା ସମସ୍ତ ଭକ୍ତ ବିଶେଷ କରି ମହିଳା ଭକ୍ତ ମାନେ ଉପସ୍ଥିତ ରହି ମା' ଙ୍କ ଶୁଭାଶ୍ରିବାଦ ଭିକ୍ଷା କରିଥିଲେ। ଏଥିରେ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ତରଫରୁ ଟି. ଶ୍ରୀନିବାସ ରାଓ, ମଧୁସୂଦନ ଦାସ, ଜୀବନାନନ୍ଦ ମହାରଣା, ଲୋକନାଥ ପାଢ଼ୀ, ଲଳିତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏକ ମାସ ଧରି ଚାଲିବାକୁ ଥିବା ଏହି ଯାତ୍ରା ଟାଉନର ଭିନ୍ନ ଭିନ୍ନ ସାହିରେ ପର୍ଦାର୍ପଣ କରିବେ, ମଙ୍ଗଳବାର ଖଜୁରିନାଳ ସାହି ବାସିନ୍ଦା ମା' ଙ୍କୁ ପାଛୋଟି ଆଣୁ ଥିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଆକର୍ଷଣୀୟ ମେଢ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଆକର୍ଷଣୀୟ ପୂଜା ମଣ୍ଡପ ସାଙ୍ଗକୁ ଅସ୍ଥାୟୀ ମଣ୍ଡପ ତୋରଣର ନିର୍ମାଣ କାର୍ଯ୍ୟ ଭକ୍ତ ଙ୍କୁ ବେଶ ଖୋରାକ ଯୋଗାଉଛି। ଠାକୁରାଣୀ ଯାତ୍ରା କାଳରେ ଅପେରା, ମୀନାବଜାର, ଖାଦ୍ୟ ପସରା ଭଳି ଆକର୍ଷଣୀୟ କାର୍ଯ୍ୟକ୍ରମ ମନ ମୋହିବା ସୁନିଶ୍ଚିତ ଥିବା ବେଳେ ମା'ଙ୍କ କୃପା ଭିକ୍ଷା ପାଇଁ ଶ୍ରଦ୍ଧାଳୁ ଉତ୍କଣ୍ଠାର ସହ ଅସ୍ଥାୟୀ ମଣ୍ଡପ କୁ ଆସି ଦର୍ଶନ କରୁଥିବା ଦେଖିବାକୁ ମିଳୁଛି ।ଏଥିରେ ମା ' ପାଟଖଣ୍ଡା ଦୁର୍ଗାପୂଜା ସମିତିର ସମସ୍ତ ସଦସ୍ୟ ଙ୍କ ସମେତ ଏହି ଠାକୁରାଣୀ ଯାତ୍ରାର ଏକ ୫ଜଣିଆ କମିଟି ସଦସ୍ୟ ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପରିଚାଳନା କରୁଛନ୍ତି ।

## ପ୍ରାଥମିକ ଶିକ୍ଷକ ଶିକ୍ଷିତ୍ରୀଙ୍କୁ ପଦୋନ୍ନତିରେ ଓ ଟି ଇ ଟି କୁ ନିନ୍ଦା

ଚିକିଟୀ ୧୩/୫(ନି.ପ୍ର): ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଚାକିରୀରେ ପଦୋନ୍ନତି ସକାଶେ ଓ ଟି ଇ ଟି ସର୍ତ୍ତାବଳୀ ଦର୍ଶାଇ ସଦ୍ୟ ପ୍ରକାଶ ପାଇଥିବା ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଚିଠି ନଂ - ୧୫୬୮୭ ତା - ୯.୫.୨୦୨୫ କୁ ସରା ରାଜ୍ୟର ଶିକ୍ଷକ ଶିକ୍ଷୟିତ୍ରୀ ନା ପସନ୍ଦ କରିଛନ୍ତି । ଏହି ଅବସରରେ ଚିକିଟୀ ବ୍ଲକରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ଏକତ୍ରିତ ଭାବେ ସଂଘ ଜରିଆରେ ଏହାକୁ ନିନ୍ଦା କରିଛନ୍ତି । ସରକାର ବିଭିନ୍ନ ସମୟରେ ପ୍ରାଥମିକ ଶିକ୍ଷକଙ୍କୁ ଧୋକା ଦେଇଚାଲିଛନ୍ତି । ଚାକିରୀରେ ନିଯୁକ୍ତି ପାଇଁ ଓ ଟି ଇ ଟି ସ୍ୱାଗତ ଯୋଗ୍ୟ କିନ୍ତୁ ପଦୋନ୍ନତି ପାଇଁ ଏହାକୁ ଆଳ କରିବା ନିନ୍ଦନୀୟ ଯାହା ଦେଶର କୌଣସି ରାଜ୍ୟରେ ଏହିଭଳି ନିୟମ ଦେଖାଯାଏ ନାହିଁ । ଚିଠିରେ ବାରମ୍ବାର ଶିକ୍ଷକଙ୍କୁ ପ୍ରତାରଣା କରୁଥିବା ଯୋଗୁଁ ଶିକ୍ଷକ ଅନିଚ୍ଛାସତ୍ତ୍ୱେ ରାଜରାସ୍ତାକୁ ଯାଉଛନ୍ତି । ଏହାକୁ ଘୋର ନିନ୍ଦାକରି ସ୍ଥାନୀୟ ଲୋକପ୍ରତିନିଧିଙ୍କ ଜରିଆରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ ସଭାପତି ତ୍ରିଲୋଚନ ପ୍ରଧାନ କହିଛନ୍ତି । ଆବଶ୍ୟକ ପଡ଼ିଲେ ଆଇନର ଆଶ୍ରୟ ନିଆଯିବ ବୋଲି ସାମୁହିକ ମତ ରଖିଛନ୍ତି । ସରକାର ଉକ୍ତ ବିଭଗୀୟ ଚିଠିକୁ ରଦ୍ଦ କରି ତୁରନ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ପଦୋନ୍ନତି ପ୍ରଦାନ କରନ୍ତୁ ବୋଲି ଦାବୀ କରିଛନ୍ତି । ଉକ୍ତ ବୈଠକରେ ସମ୍ପାଦକ ରଞ୍ଜନ କୁମାର ବ୍ରହ୍ମା, ଯୁଗ୍ମ ସମ୍ପାଦକ ବି କେଦାର ନାଥ ସୁବୁଦ୍ଧି, ଉପ ସଭାପତି ଅର୍ଜୁନ ପାତ୍ର, କୋଷାଧ୍ୟକ୍ଷ ରାଜକିଶୋର ପଣ୍ଡା, ଭବାନୀ ଶଙ୍କର ମହାପାତ୍ର, ଜି ବାଇଲଡୁ, ଏସ ଲୋକନାଥ, ନରେନ୍ଦ୍ର ସାହୁ , ଲବ ସାହୁ ସମେତ ବହୁ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ପବିତ୍ର ମାତୃଦ୍ୱିସ ଅବସରରେ ଭାରତୀୟ ବୀର ଯବାନ ମାନଙ୍କ ଉଦ୍ଦେଶ୍ୟ ରେ ହୋମ,ଯଜ୍ଞ

ବରଗଡ଼ ୧୩/୫(ନି.ପ୍ର): ବରଗଡ଼ ଜିଲ୍ଲା ଅତାବିରା ଏନ୍ ଏସି ଅନ୍ତର୍ଗତ ସଙ୍କଟମୋଚନ ହନୁମାନ ମନ୍ଦିର ପ୍ରାଙ୍ଗଣରେ ,ଅଖିଲ ଭାରତୀୟ ହିନ୍ଦୁ ମହିଳା ମଞ୍ଚ ଓ ହନୁମାନ ମନ୍ଦିର କମିଟି ତରଫ ରୁ, ମାଁ ଆଦିଶକ୍ତି ଙ୍କ ପୂଜାର୍ଚ୍ଚନା ଏବଂ ହୋମ ଆରତୀ କରାଗ ?ଲା ଯାହାକି ଯୁଦ୍ଧଭୂମି କୁ ଯାଇଥିବା ଆମ ଭାରତୀୟ ବୀର ଯବାନ ମାନଙ୍କର ବିଜୟ କାମନା ଉଦ୍ଦେଶ୍ୟ ରେ ତଥା ଭାରତ ର ବିଜୟ ଲାଭ ପାଇଁ ପୂଜାର୍ଚ୍ଚନା କରିବା ସକାଶେ ପ୍ରାର୍ଥନା କରାଯାଇଥିଲା ।ଏହି ପୂଜାର୍ଚ୍ଚନା ରେ ବର୍ତ୍ତମାନ ସୀମା କୁ ଯାଇଥିବା ଯବାନ ମାନଙ୍କ ପରିବାର ମଧ୍ୟ ସାମିଲ ହେଇଥିଲେ ।ବଜରଙ୍ଗଦଳ,ହନୁମାନ ମନ୍ଦିର ପୂଜା କମିଟୀ,ଜାଗୃତୀ ଶାଖା, ମାରୱାଡି ମହିଳା ସମିତି,ଅବସର ପ୍ରାପ୍ତ ସେନାବାହିନୀ ସଂଗଠନ ତଥା ଅନ୍ୟ ଦେଶ ପ୍ରେମି ଉପସ୍ଥିତ ରହି ଭାରତୀୟ ବୀର ଜବାନ ଙ୍କ ପାଇଁ ମଙ୍ଗଳ କାମନା କଲେ । ଅଖିଳ ଭାରତୀୟ ହିନ୍ଦୁ ମହିଳା ମଞ୍ଚ ର ସଂସ୍ଥାପକ ଦର୍ଶନା ଅଗ୍ରୱାଲ, ଅତାବିରା ଶାଖା ସଭାପତି ସୁନିତା ଅଗ୍ରୱାଲ,ସଂପାଦକ ସୁବ୍ରତା ପାଢୀ ତଥା ହନୁମାନ ମନ୍ଦିର କମିଟିର ଭାଇମାନଙ୍କ ତତ୍ତ୍ୱାବଧାନ ରେ କାର୍ଯ୍ୟ ଟି ସଫଳ ହୋଇଥିଲା ।

## ନୃସିଂହନାଥ ବୈଶାଖ ମେଳା ଠାରେ ଶ୍ରମିକ ମାନଙ୍କ ନାମ ପଞ୍ଜିକରଣ ଓ ସଚେତନତା ଶିବିର ଉଦଯାପିତ

ବରଗଡ଼ ୧୩/୫(ନି.ପ୍ର): ପ୍ରସିଦ୍ଧ ତିର୍ଥ କ୍ଷେତ୍ର ନୃସିହନାଥ ପିଠିରେ ପ୍ରଭୁ ଶ୍ରୀଶ୍ରୀ ମାର୍ଜାର କେଶରୀ ଜନ୍ମୋତ୍ସବ ପାଳନ ଅବସର ରେ ଜିଲ୍ଲା ଶ୍ରମ୍ବିଭାଗ,ବରଗଡ଼ ଓଡିଶା ସରକାରଙ୍କ ଆନୁକୁଲ୍ୟରେ ୭ତାରିଖ ଠାରୁ ୧୨ତାରିଖ ପର୍ଯ୍ୟନ୍ତ ବୈଶାଖ ମେଳା ଠାରେ ବରଗଡ଼ ଜିଲ୍ଲା ଶ୍ରମବିଭାଗ, ନିର୍ମାଣ ଶ୍ରମିକ ଅଣ ସଂଗଠିତ ଶ୍ରମିକ ତଥା ଦାଦନ ଶ୍ରମିକଙ୍କ ପାଇ ପଞ୍ଜିକରଣ ତଥା ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି ।ଉକ୍ତ ଶିବିର ରେ ପଞ୍ଜିକରଣ ଶେଷ ଦିନ ଶିବିର ୧୬୦ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ୩୦ଜଣ ଙ୍କୁ ନିର୍ମାଣ ଶ୍ରମିକ ଙ୍କୁ ପଞ୍ଜିକରଣ କାର୍ଡ ପ୍ରଦାନ କରାଯାଇ ଥିଲା ।ଏଥିରେ ଜିଲ୍ଲା ଶ୍ରମ ଅଧିକାରୀ ଯଶୋବନ୍ତ ଅମାତ ଶିବିର ପରିଚାଳନା କରିଥିବା ବେଳେ ଡାଟା ଏଣ୍ଟ୍ରି ଅପରେଟର ଜଗନ୍ନାଥ ଷଡ଼ଙ୍ଗୀ,ନିତ୍ୟାନନ୍ଦ ସାହୁ ଓ ଯତିଶ କୁମାର ସାହୁ ଶିବିର ପରିଚାଳନା କରିବାରେ ସକ୍ରିୟ ସହଯୋଗ କରି ଥିଲେ ।

## ୧୫ ଏକର ଧାନ ଚାଷ ନଷ୍ଟ କଲେଣି ହାତୀପଲ

ପାଟଣା ୧୩/୫(ନି.ପ୍ର): ପାଟଣା ବନାଞ୍ଚଳ କୁ ଫେରିଥିବା ୨୪ ଟିକିଆ ହାତୀପଲ ଏରେଣ୍ଡେଇ ନିକଟରେ ୨ ଦିନ ହେଲା ଡେରା ପକାଇଥିବା ବେଳେ ଏହି ହାତୀପଲ ଦିନବେଳା ଖରାରେ ବୈତରଣୀ ରେ ଜଳକ୍ରୀଡ଼ା ର ମଜା ଉଠାଉ ଥିବା ବେଳେ ରାତିହେଲେ ଚାଷ ଜମିରେ ପଶି ଧାନ ଫସଲ ଖାଇ ଯିବା ସହ ମାଡି ମକଚି ନଷ୍ଟ କରୁଛନ୍ତି ।ଏହି ହାତୀପଲ ୩ ଦିନ ମଧ୍ୟରେ ଏରେଣ୍ଡେଇ, ବେଗୁନା ଖମଣ ଓ କୋଠାଘର ଆଦି ଗ୍ରାମର ଚାଷ ଜମିରେ ପଶି ଖରାଟିଆ ଧାନ ଫସଲ ଖାଇଯିବା ସହ ନଷ୍ଟ କରିଛନ୍ତି ।ହାତୀପଲ ଙ୍କ ଉପରେ ନଜର ରଖା ଯାଇଥିବା ବନରକ୍ଷୀ ଦେବଜାନୀ ମହାନ୍ତ ଙ୍କ ଠାରୁ ପ୍ରକାଶ ।

# ଆତସବାଜିରେ କମ୍ପିଲା ଯାତ୍ରା ପଡିଆ

## ହିଞ୍ଜିଳିକାଟୁ ଲକ୍ଷ୍ମୀ ନୃସିଂହ ଯାତ୍ରାର ଦ୍ୱିତୀୟ ଦିବସ : କଳାକୁଞ୍ଜ ଓ ରଥ ନିକଟରେ ଯାତ୍ରାପ୍ରେମୀଙ୍କ ଅସମ୍ଭବ ଭିଡ

ହିଞ୍ଜିଳିକାଟୁ **୧୩/୫(ନି.ପ୍ର):** ହିଞ୍ଜିଳିକାଟୁ ସହରର ଇଷ୍ଟଦେବ ଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁରଙ୍କ ତ୍ରିଦିନାତ୍ମକ ଯାତ୍ରାତ୍ସୋବର ଦ୍ୱିତୀୟ ଦିବସ ସୋମବାର ରଙ୍ଗଣିବାଡ଼ ପକ୍ଷରୁ ଆଡମ୍ବରପୂର୍ଣ୍ଣ ଓ ଭାବାବେଗ ପରିବେଶ ମଧ୍ୟରେ ପାଳନ କରାଯାଇଛି । ଯାତ୍ରା ସକାଶେ ସୁଉଚ୍ଚ ତୋରଣ, ରଙ୍ଗ ବେରଙ୍ଗର ବାନାମାଳ ସହ ଅଲୋକମାଳାରେ ସାରାସହର ଝଲସି ଉଠିଥିଲା । ସୋମବାର ପ୍ରାତଃହରୁ ମାନସିକ ଧାରୀ ଭକ୍ତ ମାନେ କୃଷ୍ଣ, ବଳରାମ,ରାମ,ସୀତା, ହନୁମାନ, ବାଘ-ବାଘୁଣି, ଡ଼ାହାଣି,ଅସୁରୁଣି, ବାଘ, କାଟରା, ଖଟବିଦ୍ୟା, ମେହେନ୍ତର, କୁଷ୍ଠରୋଗୀ ସମେତ ବିଭିନ୍ନ ଗୋଷ୍ଠିଗତ ବେଶ ପରିଧାନ ପୁର୍ବକ ପ୍ରମୁଖ ବେଶରେ ନିଜକୁ ସୁ ସଜ୍ଜିତ କରି ଗ୍ରାମ ପରିକ୍ରମା କରିଥିଲେ । ଏକକାଳୀନ ୩୦ଟି ବାଘବେଶ ଯାତ୍ରାକୁ ରୋମାଞ୍ଚକର ସୃଷ୍ଟି କରିଥିଲା । ଯାତ୍ରା ସକାଶେ ବହୁ ଗ୍ରାମରୁ ଆସି ପସରା ମେଲିଥିବା ଅସ୍ଥାୟୀ ଚିତ୍ରାଳୟ ଗୁଡ଼ିକର ଭଲ ବ୍ୟବସାୟ ହୋଇଥିଲା । ଦିନ ତମାମ ପାଗ ଅନୁକୂଳ ରହିଥିବାରୁ ସ୍ଥାନୀୟ ସହର ସମେତ ନିକଟବର୍ତ୍ତୀ ଅଞ୍ଚଳରୁ ବହୁ ଭକ୍ତ , ଦର୍ଶନାର୍ଥୀ ଓ ଯାତ୍ରାପ୍ରେମୀଙ୍କ ପ୍ରାତଃହରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଭିଡ଼ ଲାଗି ରହିଥିଲା । ବିଶେଷ ଭାବେ ସନ୍ଧ୍ୟା ପରଠାରୁ ସହରର ବିଭିନ୍ନ ସାହି ବସ୍ତିରେ ସ୍ଥାପନ କରାଯାଇଥିବା ଆକର୍ଷଣୀୟ କଳାକୁଞ୍ଜ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା । ହିଞ୍ଜିଳିକାଟୁ ଲକ୍ଷ୍ମୀ ନୃସିଂହ ଯାତ୍ରା ସକାଶେ ରାଜା ସାହିରେ ବୀର ଇନ୍ଦ୍ରଜିତ ରଥ, ଦେଓଘର ସାହିରେ ବୀର ଅର୍ଜୁନ ରଥ,ଶ୍ରୀ ଜଗନ୍ନାଥ ରଥ ସମେତ ବଳି ରାଜାଙ୍କ ୩ ପାଦ ଭୂମି ପ୍ରଦାନ, ବାହୁବଳୀ ଓ ମୋଟୁ ପତଲୁ କଳାକୁଞ୍ଜ ସ୍ଥାପନ କରାଯାଇଥିଲା । ସେହିପରି କେଉଟ ସାହିରେ ଗରୁଡ଼ ରୂଢ ବିଷ୍ଣୁ, କାମଧେନୁ ଗାଇ, କୈଳାସ ପର୍ବତରେ ଭଗବାନ ଶିବଙ୍କ ତପସ୍ୟା, ନାରାୟଣଙ୍କ ଅନନ୍ତ ଶୟନ, ଯାହାକୁ ରଖିବେ ଅନନ୍ତ, ସମେତ ଜଗନ୍ନାଥ ରଥ ରହିଥିଲା । ଥାନା



ସାହିରେ ବୀର ପର୍ଶୁରାମ, ଦାନ ବୀର ହରିଶ୍ଚନ୍ଦ୍ର, କର୍ଣ୍ଣମେଢ କଳାକୁଞ୍ଜ ସ୍ଥାପନ କରାଯାଇଥିବା ବେଳେ ବଡ଼ ରଙ୍ଗଣି ସାହିରେ ଅଗ୍ରଜ ଶ୍ରୀରାମ, ଅନୁଜ ଲକ୍ଷ୍ମଣ, ରାଧାକୃଷ୍ଣ ଝୁଲଣ, ବୀର ହନୁମାନ କଳାକୁଞ୍ଜ ସମେତ ଜଗନ୍ନାଥ ରଥକୁ ଆମନ୍ତ୍ରିତ କରାଯାଇଥିଲା । ଭକ୍ତମାନଙ୍କୁ ପାନୀୟ ଜଳ ଯୋଗାଣ ସକାଶେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯାଇଥିଲା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବଡରଙ୍ଗଣି ସାହି କୋଠଘର ନିକଟରେ ଏକ ଅସ୍ଥାୟୀ ପ୍ରାଥମିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଖୋଲାଯାଇଥିଲା । ବିଭିନ୍ନ ସାହି ବସ୍ତିରେ ଯୁବ ସମାଜ ଓ ସେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଭକ୍ତ ଓ ଯାତ୍ରା ପ୍ରେମୀ ମାନଙ୍କୁ ଶୀତଳ ପାନୀୟ ଜଳ, ବହୁ ରକମର ପଣା, ସରବତ ଏବଂ ବିଭିନ୍ନ ରକମର ସୁସ୍ୱାଦ ବ୍ୟଞ୍ଜନ ବଣ୍ଟନ କରାଯାଇଥିଲା । ଅସମ୍ଭବ ଭିଡ଼କୁ ଆଖି ଆଗରେ ରଖି ଶାନ୍ତ ଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ସକାଶେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ କରାଯାଇଥିଲା । ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସାହି ଛକ ରାସ୍ତା ସମ୍ମୁଖରେ ପୋଲିସ ବାହିନୀ ଉପସ୍ଥିତ ରହି ସାହି ମଧ୍ୟକୁ ଯାନବାହାନ ଚଳାଚଳ ବନ୍ଦ ରଖିଥିଲେ । ଯାତ୍ରା ସମୟରେ ରୋଡ଼ ରୋମିଓ ମାନଙ୍କୁ ସାବାଡ଼ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସାଧା ପୋଷାକଧାରୀ ପୁଲିସ ମୃତୟନ ରହିବା ସହ ତୀକ୍ଷଣ ନଜର ରଖିଥିଲେ । ଯାତ୍ରା ସକାଶେ ବିଭିନ୍ନ ସାହି ବସ୍ତିରେ ବିଭିନ୍ନ ରକମର ଖେଳଣା, ବାରମଜା, ଘର ସାଜସଜ୍ଜା ଉପକରଣ ପ୍ରମୁଖ ସାମଗ୍ରୀର ଅସ୍ଥାୟୀ ଦୋକାନ ବଜାରମାନ ଗଢି ଉଠିଥିଲା । ସନ୍ଧ୍ୟାରେ ଲକ୍ଷ୍ମୀ ନୃସିଂହ କଳା ମନ୍ଦିର ପକ୍ଷରୁ କୁନି କୁନି କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ଲକ୍ଷ୍ମୀ ନୃସିଂହ ଭଜନ ସଂଘ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ବିଳମ୍ବିତ ରାତ୍ରରେ ରଙ୍ଗଣିବାଡ଼ ପକ୍ଷରୁ ହିଞ୍ଜିଳିକାଟୁ ପ୍ରସିଦ୍ଧ ବାଣ ଯାତ୍ରା ରାଜବାଟି ସମ୍ମୁଖରେ ବାଣଯାତ୍ରା ଅନୁଷ୍ଠିତ ହୋଇଥିଲା । ଉକ୍ତ ବାଣ ଯାତ୍ରାରେ ମଲ୍ଲୀ ତରାସ, କଢ ମଲ୍ଲୀ, ସାପ ବାଣ, ଗୁଆ ଗଛ, ଚମ୍ପା ଫୁଲ ଝରି, ଗ୍ଲାସ ବୋମା,କାର୍ଗିଲ ବୋମା, ମୟୁର ଚନ୍ଦ୍ରିକା, ଚମ୍ପା ଗଛ, ସୁଦର୍ଶନ ଚକ୍ର ଭଳି ବହୁ ରକମର ଆତସବାଜି ଦୀର୍ଘ ୫ ଘଣ୍ଟା ଧରି ଫୁଟାଯାଇଥିଲା । ବାଣ ଯାତ୍ରା ଦେଖିବା ସକାଶେ ସ୍ଥାନୀୟ ସହର ସମେତ ନିକଟବର୍ତ୍ତୀ ଅଞ୍ଚଳର ସହସ୍ରାଧିକ ଯାତ୍ରାପ୍ରେମୀ ମାନଙ୍କ ଅସମ୍ଭବ ଭିଡ଼ ଲାଗି ରହିଥିଲା । ବିଭିନ୍ନ ନାଚ ଗୀତ ଓ ଡ଼ିଜେ ମାଧ୍ୟମରେ ଅଞ୍ଚଳର ଯୁବ ସମାଜ ନାଚି ନାଚି ବାଣପଡ଼ିଆକୁ ଦୁଲୁକାଇଥିବାର ଦେଖିବାକୁ ମିଳିଥିଲା । ବାଣଯାତ୍ରା ପରିସମାପ୍ତି ପରେ ସ୍ଥାନୀୟ ସହରର ଇଷ୍ଟଦେବ ଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁରଙ୍କୁ ବିଭିନ୍ନ ପ୍ରକାରର ବାଦ୍ୟ ବାଜଣା, ଘଣ୍ଟି, ମହୁରୀ, ଶଙ୍ଖର ତାଳେ ତାଳେ ବିଭିନ୍ନ ରକମର ମନୁଷ୍ୟକୃତ ପଶୁନୃତ୍ୟ ଯଥା ବାଘ, ହାତୀ, ଘୋଡ଼ା, ରାଜା ରାଣୀ ଆଦି ବେଶରେ ସୁ- ସଜ୍ଜିତ କରାଯାଇ ନଗର ପରିକ୍ରମା କରାଯାଇଥିଲା । ଯାତ୍ରାର ଅନ୍ତିମ ଦିବସ ମଙ୍ଗଳବାର କେଉଟବାଡ ପକ୍ଷରୁ ଯାତ୍ରା ପରିଚାଳନା କରାଯିବା ସହ ରଙ୍ଗଣି ସାହି ଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ମିଳିଛି ।

## କାଲି ଖବର ପ୍ରକାଶ, ଆଜି ଗାଁକୁ ହେଲା ଜଳଯୋଗାଣ

କର୍ଲାମୁଣ୍ଡା **୧୩/୫(ନି.ପ୍ର):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ପୌରକେଲା ପଞ୍ଚାୟତ ରଣାପଡ଼ା ଓ ପାଟଖଣ୍ଡା ମନ୍ଦିରପଡ଼ାର ପାୟ



୩୦୦ରୁ ଅଧିକ ପରିବାର ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଥିଲେ। ପଡ଼ାରେ ସରକାର ତରଫରୁ ସପ୍ଲାଏ ପାଣି ପାଇପ୍ ବ୍ୟବସ୍ଥା କରିଥିଲେ ହେଁ ତାହା ମାସେରୁ ଅଧିକ ଦିନ ହେବ ଅଚଳ ଅବସ୍ଥାରେ ପଡ଼ିରହିଥିଲା। ପଡ଼ାରେ ଗୋଟିଏ ନଳକୂପ ଥିଲେ ମଧ ତାହା ପର୍ଯ୍ୟାପ୍ତ ପାଣି ମିଳୁନି। ବର୍ତ୍ତମାନ ସମଗ୍ର ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାରଦ ୪୪ ଡିଗ୍ରୀ ଉପରେ ରହୁଛି। ତୁରନ୍ତ ଏହି ସମସ୍ୟା ସମାଧାନ କରିବାକୁ ପଡ଼ାବାସୀ ବାରମ୍ବାର ଦାବି କରିଆସୁଥିଲେ। ଏହି ସମସ୍ୟା ଗତ ୧୧/୫ ରବିବାର କଳିଙ୍ଗ ଜ୍ୟୋତି ଖବର କାଗଜରେ ଖବର ପ୍ରସାରଣ ହୋଇଥିଲା ଏବଂ ଏନେଇ ଏ ବିଷୟକୁ ଗୁରୁତର ସହିତ ଅନସୂୟା ଭଞ୍ଜ ପାନୀୟ ଜଳ ଯୋଗାଣ ଅଧିକାରୀଙ୍କୁ ଆମ ତରଫରୁ ଅବଗତ କରିବାରୁ ସେ ୨୮ ଘଣ୍ଟା ମଧ୍ୟରେ ପାଣି ପାଇପ୍ ମରାମତି ଏବଂ ନୂତନ ପାଣି ଚାବି ଲଗାଇବାର ବ୍ୟବସ୍ଥା କରିଥିଲେ। ଯାହାଫଳରେ ପାଣି ବାହାରି ଥିଲା ଯଦି ଆଗରୁ ଏ ବିଷୟରେ ମତେ ଜଣାଇଥାନ୍ତେ। ତା' ହେଲେ ଶୀଘ୍ର ପାଣି ପାଇପ୍ ମରାମତି ହୋଇଥାନ୍ତା ବୋଲି ଅଧିକାରୀ ଭଞ୍ଜ କହିଛନ୍ତି। ଆଜି ତାଙ୍କର ଏପରି ତତ୍ପରତା ଯୋଗୁ ପାଣି ସମସ୍ୟା ସମାଧାନ ହୋଇଥିବାରୁ ପାନୀୟ ଜଳ ଯୋଗାଣ ଅଧିକାରୀ ଭଞ୍ଜଙ୍କୁ ପଡ଼ାବାସୀ ଧନ୍ୟବାଦ ଦେଇଛନ୍ତି।

## ଚନ୍ଦନ ପୂର୍ଣ୍ଣିମାରେ ବାର୍ଷିକ ଅଖଣ୍ଡ ଯଜ୍ଞ



ମୟୂରଭଞ୍ଜ **୧୩/୫(ନି.ପ୍ର):** ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅନ୍ତର୍ଗତ ଆଗଡା ଗ୍ରାମ ଗୁଡିସାହି ଠାରେ ଚନ୍ଦନ ପୂର୍ଣ୍ଣିମାରେ ବାର୍ଷିକ ଅଖଣ୍ଡ ଯଜ୍ଞ ତଥା ଅଲେଖ ମେଳା ଅନୁଷ୍ଠିତ ହୋଇଥିଲା । ଏହି ମେଳାଟି ୧୯୨୨ ମସିହାରୁ କ୍ରମାଗତ ଭାବରେ ହୋଇ ବର୍ତ୍ତମାନ ଗୋପାଳ ବାବା ଙ୍କ ତତ୍ତ୍ୱାବଧାନରେ ହୋଇ ଆସୁଅଛି । ମେଳାରେ ବିଭିନ୍ନ ଅଞ୍ଚଳ ଯଥା ବାଲିଆପାଳ ରୁ ବନମାଳୀ ବାବା,ବାବୁ ବାବା, ଯଶିପୁର ଟାଙ୍ଗରବଳଦା ରୁ ଯୋଗେଶ୍ୱର ବାବା,ନଅଣାରୁ ଭାସ୍କର ବାବା, ମଧୁପୁର ରୁ ହରିଶ୍ ବାବା, ମଣ୍ଟୁ ବାବା,ନିରଞ୍ଜନ ବାବା, ଜଗମୋହନ ବାବା, ଦହିକୁଟି ରୁ ଗିରିଶ ବାବା, ସହଦେବ ବାବା,ଆଗଡା ରୁ ତ୍ରିଲୋଚନ ବାବା,ଶରତ ବାବା, ବିବର୍ତ୍ତନ ବାବା, ସୁଶାନ୍ତ ବାବା ତଥା ଜାମୁଦା ରୁ ଗୋପବନ୍ଧୁ ବାବା ପ୍ରମୁଖ ଉପସ୍ଥିତ ହୋଇ ଥିଲେ । ଏତଦ୍ ବ୍ୟତୀତ ବିଭିନ୍ନ ଅଞ୍ଚଳ ଯଥା ଦାନ୍ତିଆମୁହାଁ, ବାଙ୍ଗିରିପୋଷି,ଉଦୁଳା ରୁ ଶ୍ରଦ୍ଧାଳୁମାନେ ଉପସ୍ଥିତ ହୋଇ ଥିଲେ।

## ବୁଦ୍ଧ ପୂର୍ଣ୍ଣିମାରେ ୧୨ ଗାଦି ଭାଗବତ ମେଳଣ ଅନୁଷ୍ଠିତ

ନିମାପଡା **୧୩/୫(ନି.ପ୍ର):** ପୁରୀ ଜିଲ୍ଲା ନିମାପଡା ବ୍ଲକ ତୁଳସୀପୁର ପଞ୍ଚାୟତ ସାନହୁଲି ଗ୍ରାମ ର ଐତିହାସିକ ପୀଠ ସଭାମଣ୍ଡପ ନିକଟସ୍ଥ ରତ୍ନବଟ ମଠ ଠାରେ ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ୧୨ ଗାଦି ଭାଗବତ ମେଳଣ ଅନୁଷ୍ଠିତ ହୋଇଥିଲା। ଆଜି ପ୍ରାତଃ ରେ ପ୍ରଥମେ ତୁଳସୀପୁର ଗ୍ରାମ ର ଭାଗବତ ଗାଦି ଠାକୁର ଥାନପତି ହୋଇଥିବାରୁ ମେଳଣ ମଣ୍ଡପ କୁ ପ୍ରଥମେ ଯାଇ ଉପବେଶନ କରିବା ପରେ ନିକଟସ୍ଥ ଭାଣପୁର, ଚହଟା,ବାଲୁଙ୍କ, ଛଣୀଜଙ୍ଗ,ଜାହାଙ୍ଗୀରପୁର,ସାନହୁଲି, ବାସୁଦେଇପୁର, ବନମାଳୀପୁର, ଦଣ୍ଡିକେରା, ବଳଭଦ୍ରପୁର, କେଶ ରାଇପୁର ପ୍ରଭୃତି ୧୨ ଟି ଗାଁ ର ଭାଗବତଗାଦି ଠାକୁର ସ୍ୱ ସ୍ୱ ସୁସଜ୍ଜିତ ବିମାନ ରେ ମଣ୍ଡପ କୁ ଆସି ଉପବେଶନ କରିଥିଲେ। ସମସ୍ତ ଠାକୁର ଙ୍କୁ ଗ୍ରାମବାସୀ ମାନଙ୍କ ପକ୍ଷରୁ ରତ୍ନବଟ ମଠ ର ପୂଜକ ରାଜ କିଶୋର ଶତପଥୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମଣ୍ଡପ ରେ ଠାକୁର ଙ୍କ ସ୍ନାନ ପରେ ସକାଳେ ବାଳ ଭୋଗ ଓ ମଧ୍ୟାହ୍ନ ରେ ଅନ୍ନପ୍ରସାଦ ଭୋଗ ଲାଗି କରା ଯାଇଥିଲା। ଠାକୁର ମାନଙ୍କ ସମ୍ମୁଖରେ ଦ୍ୱାଦଶ ସ୍କନ୍ଦ ଭାଗବତ ପାଠ କରାଯାଇଥିଲା। ସନ୍ଧ୍ୟାରେ ପାରମ୍ପରିକ ପ୍ରଥାନୁସାରେ ୧୨ ଗାଦି ଠାକୁର ମାନଙ୍କ ମଧ୍ୟରେ ମେଳଣ ଅନୁଷ୍ଠିତ ହୋଇ ଠାକୁର ମାନେ ସ୍ୱ ସ୍ୱ ଗ୍ରାମକୁ ଫେରି ଯାଇଥିଲେ। ମେଳଣ ସମୟ ରେ ଘଣ୍ଟ ପଖୋଉଜ ଶବ୍ଦ ରେ ସମଗ୍ର ମେଳଣ ପଡ଼ିଆ ପ୍ରକମ୍ପିତ ହୋଇ ପଡ଼ିଥିଲା ।ଏହି ଅବସର ରେ ଐତିହାସିକ ଭେଟ ପଡ଼ିଆ ଠାରେ ମେଳା ଲାଗିଥିଲା। ଶ୍ରଦ୍ଧାଳୁ ଓ ଭକ୍ତ ମାନେ ମଠ ଠାରେ ପହଞ୍ଚି ଦ୍ୱାଦଶ ଗାଦି ଭାଗବତ ମେଳଣ କୁ ଦେଖିଥିଲେ। ରତ୍ନବଟ ମଠ ଠାରେ ଏଥିପାଇଁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗାଁ ଗାଁ ଭିତରେ ସଦଭାବନା ରକ୍ଷା ଓ ଭାଇଚାରା ବୃଦ୍ଧି ପାଇଁ ଏହି ଦ୍ୱାଦଶ ଭାଗବତ ଗାଦି ମେଳଣ କାହିଁ କେତେ କାଳରୁ ଏଠାରେ ଅନୁଷ୍ଠିତ ହୋଇଆସୁଥିବା କହିଛନ୍ତି ତୁଳସୀପୁର ଗ୍ରାମ କମିଟି ସଭାପତି ବନ ବିହାରୀ ଦାଶ।

## ରାଜ୍ୟପାଳ ଙ୍କ ଠାରୁ ପୁରସ୍କୃତ ହେଲେ ଟୋପ ଉଚ୍ଚ ବିଦ୍ୟାଳୟ ର ଗାଇଡ ଛାତ୍ରୀ

ବରଗଡ଼ **୧୩/୫(ନି.ପ୍ର):** ସେବା ତଥା ଶୃଙ୍ଖଳା ର ପ୍ରତୀକ ଭାବେ ସମଗ୍ର ବିଶ୍ୱର ବୃହତ୍ତମ ଅନୁଷ୍ଠାନ ହେଉଛି ସ୍କାଉଟ ଗାଇଡ । ଦୀର୍ଘ ୩ ବର୍ଷ ଧରି ନିଜର ସେବା ଓ ଶୃଙ୍ଖଳାର ଗୋଟିଏ ପରେ ଗୋଟିଏ ବ୍ୟାଜ୍ ଧାରଣ କରିସାରିଲା ପରେ ଶେଷରେ ଜଣେ ସ୍କାଉଟ କିମ୍ବା ଗାଇଡ ରାଜ୍ୟ ପୁରସ୍କାର ପରୀକ୍ଷା ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଥାଏ । ରାଜ୍ୟ ପୁରସ୍କାର ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀମାନଙ୍କୁ ରାଜ୍ୟପାଳ ଦିଅନ୍ତି ସାର୍ଟିଫିକେଟ। ଗତ ଶୁକ୍ରବାର ରାଜଭବନ ରେ ଥିଲା ଓଡ଼ିଶା ଭାରତ ସ୍କାଉଟ ଗାଇଡ ର ରାଜ୍ୟ ପୁରସ୍କାର ଉତ୍ସବ । ଏହି ଉତ୍ସବରେ ମହାମହିମ ରାଜ୍ୟପାଳ ହରିବାବୁ କମ୍ଭପତି ,ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଓ ଓଡ଼ିଶା ରାଜ୍ୟ ସ୍କାଉଟ୍ ଗାଇଡ ର ମୁଖ୍ୟ କମିଶନର ଡଃ କାଳୀ ପ୍ରସାଦ ମିଶ୍ର ମଞ୍ଚାସିନ ଥିଲେ । ପ୍ରତି ଜିଲ୍ଲା ଭଳି ବରଗଡ଼ ଜିଲ୍ଲାରୁ ମଧ ୫ ଜଣ ଗାଇଡ ଓ ୪ ଜଣ ସ୍କାଉଟ୍ ଏଥିରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ଅନାମିକା ମେହେର ଓ ପଦମପୁର ରାଜ ବୋଡା ସମ୍ବର ଉଚ୍ଚ ବିଦ୍ୟାଳୟ ର ଛାତ୍ର ଆୟୁଷ ବେହେରା ଜିଲ୍ଲାର ପ୍ରତିନିଧିତ୍ୱ ଭାବରେ ପୁରସ୍କାର ଗ୍ରହଣ ପାଇଁ ମନୋନୀତ ହୋଇ ରାଜ୍ୟପାଳ ଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ ।ଡି ଓ ସି ଗାଇଡ କୌଶଲ୍ୟା ସାହୁ, ଡି ଟି ସି ଗାଇଡ ଅନୁସୂୟା ଦେବତା, ସ୍କକ୍ଷଉଟ୍ ମାଷ୍ଟର ଅକ୍ଷୟ ସାହୁ ଙ୍କ ସମେତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ , ଟୋପ ର ଗାଇଡ ଛାତ୍ରୀ ଜାଗୃତି ଗୁରୁ, ସୋନିଆ ପଞ୍ଚବିହା, ପ୍ରିୟକ୍ଷ ମିର୍ଦ୍ଧା,ଅନାମିକା ମେହେର ଓ ପି ଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନା ର ସୁଚିସ୍ମିତା ପ୍ରଧାନ, ସେହିପରି ମୁନିକେଲ ଉଚ୍ଚ ବିଦ୍ୟାଳୟ ର ସ୍କାଉଟ୍ ଛାତ୍ର ଅଙ୍କିତ ବିଶ୍ୱାସ, ପ୍ରଦ୍ୟୁମ୍ନ ବେହେରା ଓ ଗୋଠୁଗୁଡ଼ା ଉଚ୍ଚ ବିଦ୍ୟାଳୟ ର ପୀୟୂଷ ବାରିକ୍ ଏହି ରାଜ୍ୟ ପୁରସ୍କାର ଉତ୍ସବରେ ଯୋଗଦେଇ ଥିଲେ । ରାଜ ଭବନ ରୁ ଫେରିବା ପରେ ତାଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ସ୍କକ୍ଷଉଟ୍ ଗାଇଡ ମୁଖ୍ୟ କମିଶନର ବିଶ୍ୱନାଥ ସାହୁ ,ଜିଲ୍ଲା ତଥା ବ୍ଲକ ସ୍କାଉଟ୍ ଗାଇଡ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।




## ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ଯୁବକ ମୃତ୍ୟୁ

ବୁଗୁଡା **୧୩/୫(ନି.ପ୍ର):** ମଇ ୧୧ ତାରିଖ ଥିଲା ବୁଗୁଡା ପଞ୍ଚ ଠାକୁରାଣୀ ଯାତ୍ରାର ଶେଷ ଦିନ। ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଠାକୁରାଣୀ ଯାତ୍ରା ଦେଖିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ବୁଗୁଡା ପୋଲିସ ଥାନା ଅନ୍ତର୍ଗତ କାନସୁକା ଗ୍ରାମର ଓଁ ନାୟକ ଓ ଶୁଭମ ନାୟକ ମିଶି ପଞ୍ଚ ଠାକୁରାଣୀ ଯାତ୍ରା ଦେଖିବାକୁ ଆସିଥିଲେ। ବିଳମ୍ବିତ ରାତ୍ରରେ ନିଜ ଗ୍ରାମ କାନସୁକାକୁ ଫେରୁଥିବା ବେଳେ ଷୋହଳମଇଲି ଏବଂ ବୁଗୁଡା ରାଜ ରାସ୍ତା ଉପରେ କୌଣସି କାରଣ ଯୋଗୁଁ ବାଇକ ଭାରସାମ୍ୟ ହରାଇ ଦୁହେଁ ରାସ୍ତରେ ପଡି ଗୁରୁତର ଆହାତ ହୋଇଥିଲେ। କିଛି ଲୋକେ ଦେଖିବାକୁ ପାଇ ସେମାନଙ୍କୁ ଉଦ୍ଧାର କରି ବୁଗୁଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ହେଲେ ଡାକ୍ତର ସେ ଦୁହିଁଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ମେଡିକାଲରେ ବୁଗୁଡା ପୋଲିସ୍ ପହଞ୍ଚି ମର ଶରୀର ଦ୍ୱୟକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି।

## ବିଶ୍ୱ ଶାନ୍ତି ନାମବ୍ରହ୍ମ ମହାଯଜ୍ଞ ଉଦଯାପିତ



ମୁନିଗୁଡ଼ା **୧୩/୫(ନି.ପ୍ର):** ରାୟଗଡ଼ା ଜିଲ୍ଲାର ମୁନିଗୁଡ଼ା ବ୍ଲକ ଆଗୁଲ ପଞ୍ଚାୟତ ଅନ୍ତର୍ଗତ ଖାରିଗୁଡ଼ା ଗ୍ରାମ ସନ୍ନିକଟ ଏକକ ପାହାଡ଼ ଉପରେ ଗତ ତିନିଦିନ ବ୍ୟାପୀ ଆୟୋଜିତ ବିଶ୍ୱଶାନ୍ତି ନମବ୍ରହ୍ମ ମହାଯଜ୍ଞ ଆଜି ପବିତ୍ର ନୃଷିହ୍ନ ଚତୁର୍ଦ୍ଦଶୀ ଅବସରରେ ଉଦଯାପିତ ହୋଇଯାଇଛି ।ଗୁରୁ ଓମ ବାଲ୍ୟସାଇ ମଣିରାମ ଦାସଙ୍କ ଶିଷ୍ୟ ବାବା ଯୁବରାଜ ଗିରୀଙ୍କ ପୌରହିତ୍ୟ ଏବଂ କର୍ତ୍ତା ଶ୍ରୀଜଗନ୍ନାଥ ଡାବିକା,ଶ୍ରୀମତୀ ବାଲାନ୍ତୀ ଡ଼ାବିକା,ପୂଜକ ଆଦି ଦାବିକା,ଗଜେନ୍ଦ୍ର ଜାକେଶିକାଙ୍କ ନେତୃତ୍ୱରେ ଅଧିବାସ,କଳସ ଶୋଭାଯାତ୍ରା,ନାମଯଜ୍ଞ,ପୂର୍ଣ୍ଣାହୁତି,ନଗର ପରିକ୍ରମା ଆଦି ସଫଳତାର ସହ ସମ୍ପନ୍ନ ହୋଇଥିଲା ।ବାଙ୍ଗରଦା,ମୁନିଗୁଡ଼ା,ଯୁଗାପଦର, ମେରୀଙ୍ଗ, କିନ୍ନାମ, କୁମୁଡ଼ା ବାଲି ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ସହିତ ଖାରୀଗୁଡ଼ା,ବଡ଼ ମୁଦ୍ରା, କନ୍ଧ ମାଦାଖାଲ, ଦୁମାଲୁ,ଖଜୁରୀ ପଦର, ଭୀମପୁର, କୁରୁମାଯୋଡ଼ି, ଆଗୁଲା, ନିଆଳି, ପଞ୍ଚପାଇ, ସୀଙ୍ଗରଦା, ଧେପାଗୁଡ଼ା, ଦୁରୁକିଲିମା, ଭୟରବଗଡ, କୁଟ୍ରଗଡ, ଖିଲାମୁଣ୍ଡା ପ୍ରଭୃତି ପଡୋଶୀ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ କ୍ରମେ ହରିହର ପର୍ବତ ମଠର ଉକ୍ତ ଆଧାତ୍ମିକ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ବିଷମକଟକ,ନୀଳମାଧବ ହିକାକା, ପ୍ରତିନିଧି ମାନସ ବେହେରା,ବ୍ଲକ କଂଗ୍ରେସ ସଭାପତି ନୀଳାମ୍ବର ବିଭାର,ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁକା, ଓବିଶ ମୋର୍ଚ୍ଚା ରାଜ୍ୟ ଉପସଭାପତି ରାମଚନ୍ଦ୍ର ବେହେରା,ମଣ୍ଡଳ ସଭାପତି ସୁବାସ ଗୌଡ଼,ଯୁବନେତା ଭୀମ ବେହେରା,ଧନୁ କୁଷୁଲିଆ,ସ୍ଥାନୀୟ ସରପଞ୍ଚ,ସମିତି ସଭ୍ୟ ପ୍ରମୁଖ ଯୋଗଦାନ କରିଥିଲେ ।ଏକକ ପର୍ବତର ଉକ୍ତ ସ୍ଥାନରେ ଶ୍ରୀଗଣେଶ, ହନୁମାନ, ନୃଷିଂହ, କୂର୍ମ, ତ୍ରିଦେବ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ପ୍ରସ୍ତର ମୂର୍ତ୍ତି ଯଜ୍ଞକୁଣ୍ଡ ଆଦି ବିଦ୍ୟମାନ ଥିବା ଦୃଷ୍ଟିରୁ ଏଠାକୁ ସବୁଦିନିଆ ରାସ୍ତା,ପାନୀୟଜଳ ଏବଂ ବିଦ୍ୟୁତ ବ୍ୟବସ୍ଥା ଆବଶ୍ୟକତାକୁ ପୁରାଣ କରିବା ପାଇଁ ବିଧାୟକ ଯତ୍ନଶୀଳ ହେବା ବୋଲି ପ୍ରତିଶ୍ରୁତି ଦେଇଥିଲେ ।କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସଭାପତି ଧୀରେନ୍ଦ୍ର ବେରୁକ,ଉପସଭାପତି ଅନନ୍ତ ପାତ୍ର,ସମ୍ପାଦକ ରାମଚନ୍ଦ୍ର ପିଡିକାକଙ୍କ ସହିତ ସଦସ୍ୟ ମୀନ ଗୌଡ଼,କୃଷ୍ଣ ଦାବିକା,ପର୍ଶୁରାମ ଓ୍ୱାଡ଼ାକା,ଡମ୍ବରୁ ପିଉସିକା,ସୁରେନ୍ଦ୍ର ଗୌଡ଼,ଗୌରାଙ୍ଗ ପିଡିକାକା,ଅଜିତ ଗୌଡ଼,ସୁବାସ ପ୍ରାସ୍କା ପ୍ରମୁଖ ସହଯୋଗ କରିଥିଲେ।

## ପ୍ରାଚୀ ତଟ ରେ ବୌଦ୍ଧ ପୁର୍ଣିମା ସ୍ନାନ ମହୋତ୍ସବ

ନିମାପଡା **୧୩/୫(ନି.ପ୍ର):** ପ୍ରାଚୀ ତଟ ବଣ ବୁଢ଼ ଘାଟରେ ବୌଦ୍ଧ ପୁର୍ଣିମା ସ୍ନାନ ତର୍ପଣ, ଦେବ ଦର୍ଶନ ତଥା ପିତୃ ପୁରୁଷ ଙ୍କ ମୁକ୍ତି କାମନା କରି ପ୍ରାତଃ ସମୟରୁ ଭକ୍ତ ଙ୍କ ଭିଡ଼ ଲାଗିଛି ।ପୁରାଣ ଦର୍ଶାନ୍ତି ଶ୍ରୀରାମ ଚନ୍ଦ୍ର ପିତା ଦଶରଥ ଙ୍କୁ ବ୍ରହ୍ମ ଅଭିଶାପ ଜନିତ ପାପ ରୁ ମୁକ୍ତି ଦେବା ପାଇଁ ଏଠାରେ ପ୍ରାଚୀ ସ୍ନାନ ତର୍ପଣ ଶହ ରାମେଶ୍ୱର ଶମ୍ଭୁ ଙ୍କୁ ସ୍ଥାପନ କରିଥିଲେ ।ଏ ପୁର୍ଣ୍ୟ ପ୍ରଭାବ ରେ ପିତା ଦଶରଥ ପ୍ରେତ ଯୋନିରୁ ମୁକ୍ତିହୋଇ ବୈକୁଣ୍ଠ ଗମନ କରିଥିଲେ. ସେହିପରି କଳିଙ୍ଗ ବୌଦ୍ଧ ଭିକ୍ଷୁ ଉପଗୁରୁ ଏ ଘାଟରେ ସମ୍ରାଟ ଅଶୋକ ଙ୍କୁ ସ୍ନାନ ମଣ୍ଡନ କରାଇ ବୌଦ୍ଧ ଧର୍ମ ଦୀକ୍ଷା ଦେଇ ଧର୍ମାଶୋକ କରାଇଥିଲେ ।ଏ ଗୌରବ ମୟ ଅତୀତ କୁ ମନେ ପକାଇ କାହିଁ କେତେ କାଳରୁ ବଣ ବୁଢ଼ ବୌଦ୍ଧ ପୁର୍ଣିମା ସ୍ନାନ ମହୋତ୍ସବ ପ୍ରାଚୀ ତଟ ରେ ପାଳିତ ହେଉଅଛି। ପ୍ରାଚୀ ନଦୀ ଓ ପ୍ରାଚୀ ତଟ ଗୌରବ ଗାଥା ର ବିକାଶ ପାଇଁ ଅହରହ କାର୍ଯ୍ୟରତ ପଣ୍ଡିତ ତ୍ରିଲୋଚନ ମିଶ୍ର ଙ୍କୁ ଏହି ଅବସରରେ ଶ୍ରୀ କ୍ଷେତ୍ର ର ବରିଷ୍ଠ ନାଗରିକ ମଞ୍ଚ ତଥା ବାଲିଘାଇ ସ୍ଥିତ ମା ବିପଦ ତାରିଣୀ ଉର୍ନ୍ନୟନ ପରିଷଦ ର ସମ୍ପାଦକ ଛବିନ୍ଦ୍ର ପାତ୍ର ଆବାହକ ନିରଞ୍ଜନ ମାଲ ହରପ୍ରସାଦ ଜେନା ପ୍ରମୁଖ ଶ୍ରୀ ଜଗନ୍ନାଥ ଶ୍ରୀ ଗୀତ ଗୋବିନ୍ଦ ପାଟ ଖଣ୍ଡୁଆ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀ ଜଗନ୍ନାଥ ସଂସ୍କୃତି ର ଜୀବନ ରେଖା ପବିତ୍ର ପ୍ରାଚୀ ନଦୀ ର ବିକାଶ ତଥା ଦେବ ସ୍ଥଳୀ ଗୁଡିକ ର ସୁରକ୍ଷା ପାଇଁ ସରକାର ଆଶୁ ପଦକ୍ଷେପ ନେବାକୁ ବରିଷ୍ଠ ନାଗରିକ ମଞ୍ଚ ଦୃଢ଼ ଦାବି ରଖିଛି।

## ବରଗଡରେ ସରକାରୀ ମେଡିକାଲ କଲେଜ ପାଇଁ ଦାବୀ ଜଣାଇଲା ବରଗଡ ନାଗରିକ ମଞ୍ଚ

ବରଗଡ଼ **୧୩/୫(ନି.ପ୍ର):** ବରଗଡ଼ ଜିଲ୍ଲାର ସ୍ୱାସ୍ଥ୍ୟ ସେବାକୁ ସୁଦୃଢ କରିବା ପାଇଁ ବରଗଡ଼ ନାଗରିକ ମଞ୍ଚ ତରଫରୁ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ କୁ ଗୋଟିଏ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ମୁଖ୍ୟତଃ ବରଗଡ଼ରେ ଗୋଟିଏ ମେଡିକାଲ କଲେଜ ଖୋଲିବାକୁ ରାଜ୍ୟ ସରକାରଙ୍କ ପାଖରେ ଦାବୀ କରିଛନ୍ତି। ସେହିପରି ସହରର ପୁରାତନ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପୂର୍ବତନ ସରକାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଘୋଷଣା କରି ଥିଲେ କିନ୍ତୁ ଆବଶ୍ୟକ ଡାକ୍ତର, ଷ୍ଟାଫ, ପରୀକ୍ଷା ଯନ୍ତ୍ରପାତି ର ବ୍ୟବସ୍ଥା ନଥିବା କାରଣ ରୁ ରୋଗୀ ମାନେ ବହୁତ ହଇରାଣ ହେଉଛନ୍ତି ତେଣୁ ଏହାର ସୁବ୍ୟବସ୍ଥା କରିବା ସହ ସହର ମଧ୍ୟରେ ଥିବା କାରାଗାର କୁ ବାହାର କୁ ସ୍ଥାନାନ୍ତର କରି ସେହି ଜାଗା ରେ ୩୦୦ ଶଯ୍ୟା ବିଶିଷ୍ଟ ଏଫଆରୟୁ କିମ୍ବା ସିଟି ହସ୍ପିଟାଲ ଘୋଷଣା କରିବାକୁ ଦାବୀ ହୋଇଛି। ସେହିପରି ବରଗଡ ଜିଲ୍ଲାର ଖେଦାପାଲି ସ୍ଥିତ ମୁଖ୍ୟ ଡାକ୍ତରଖାନାରେ ଆବଶ୍ୟକୀୟ ଡାକ୍ତର, ନର୍ସ, ଷ୍ଟାଫ, ପରୀକ୍ଷା, ଔଷଧ ଇତ୍ୟାଦି ଯୋଗାଇ ଦେବା ପାଇଁ ବରଗଡ ନାଗରିକ ମଞ୍ଚ ଦାବୀ କରିଛି। ସଂଗଠନର ସଭାପତି ଆଇନଜୀବୀ ଭୀଷ୍ମଦେବ ସରାଫ, ଭବାନୀ ସାହୁ, ଶୟନ ପଣ୍ଡା, ଟିଙ୍କୁ ନନ୍ଦ, ନିତ୍ୟାନନ୍ଦ ବାଗ, ସୁରଥ ସାହୁ,ସତ୍ୟ ନାରାୟଣ ମେହେର, ସୁଶାନ୍ତ ସାହୁ, ଜୀବନ ଲାଲ ଚୌଧୁରୀ, ସୁଦାମ ସାହୁ, ଟଙ୍କ ଧର ଭେସ୍ରା, ସୁଧୀର ବରିହା, ଜିଭି ରାଓ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବୁଗୁଡା ପୋଲିସ ଥାନା ଆଇଆଇସିଙ୍କ ବିରୁଦ୍ଧରେ ମାନବାଧିକାର ମିଶନଙ୍କ ଅଭିଯୋଗ

ବୁଗୁଡା**୧୩/୫(ନି.ପ୍ର):** ଗଞ୍ଜାମ ପୋଲିସ ଜିଲ୍ଲା ଅନ୍ତର୍ଗତ ବୁଗୁଡା ପୋଲିସ ଥାନା ଆଇଆଇସି ସିତାଂସୁ ଶେଖର ମାନ୍ଧାତାଙ୍କ ବିରୁଦ୍ଧରେ ମାନବାଧିକାର ମିଶନ ପକ୍ଷରୁ ଗଞ୍ଜାମ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଏକ ତିନି ପୃଷ୍ଠାର ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଥିବା ଜଣାପଡିଛି । ମାନବାଧିକାର ମିଶନ, ଭୁବନେଶ୍ୱରଙ୍କ ପକ୍ଷରୁ ୨୦୨୫ ମଇ ୩ ତାରିଖ ଦିନ ଏହା ପ୍ରଦାନ କରାଯାଇଥିବା ଅଭିଯୋଗ ପତ୍ର ସେହିଦିନ ଜିଲ୍ଲା ପୋଲିସ ଅଫିସ, ଗଞ୍ଜାମ ମଧ ଗ୍ରହଣ କରିଛନ୍ତି । ବୁଗୁଡାର ଜଣେ ବିଧବା ମହିଳାଙ୍କ ଅଭିଯୋଗ ବିଷୟରେ ମାନବାଧିକାର ସଦସ୍ୟମାନଙ୍କୁ ଓ ବିଧବା ମହିଳା ଯାଇଥିବା ବେଳେ ଆଇଆଇସି ଶ୍ରୀ ମାନ୍ଧାତା ହଇରାଣ କରିବା ସହ ପୋଲିସର କ୍ଷମତାର ଅପବ୍ୟବହାର କରିଥିବା ନେଇ ଅଭିଯୋଗ କରିଛନ୍ତି । ସେହିପରି କରସିଙ୍ଗିର ଜଣେ ବିବାହିତ ମହିଳା ଦୁଷ୍କର୍ମର ଶିକାର ହୋଇ ଥାନାରେ ଅଭିଯୋଗ କରିଥିଲେ ମଧ ପିଡିତା ମହିଳାଙ୍କ ଡାକ୍ତରୀ ମାଇନା କରିଥିବା ବେଳେ ଆଭିଯୁକ୍ତଙ୍କୁ ଥାନାକୁ ଆଣି ଡାକ୍ତରୀ ମାଇନ ନକରାଇ ଛାଡିଦେଇଥିଲେ। ଏହି ବିଷୟ ନେଇ ପିଡିତାଙ୍କୁ ଅଭିଯୁକ୍ତଙ୍କ ସହ କମ୍ପରମାଇଜ କରିବାକୁ ବାଧ କରୁଥିବା ନେଇ ଅଭିଯୋଗ ପାଇବା ପରେ ଓଡିଶା ମାନବାଧିକାର କମିଶନ ଅଧକ୍ଷ କେଶ ନଂ ୧୦୬୦/୨୦୨୫ ପ୍ରକାରେ ସବିଶେଷ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟ ଏକ ଘଟଣାରେ ଗୋଳିଆ ଗ୍ରାମର ଜଣେ ନାବାଳିକାଙ୍କୁ ସେହି ଗ୍ରାମର ଦୁଇ ଭାଇ ଦୁଷ୍କର୍ମ କରି ଫୋନରେ ଧମକ ଦେବଯୋଗୁଁ ନାବାଳିକା ଜଣଙ୍କ ବିଷପାନ କରିଥିଲେ। ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିବା ଯୋଗୁଁ ବ୍ରହ୍ମପୁର ବୈଦ୍ୟନାଥପୁର ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ସେହି ବିଷୟ ନେଇ ପିଡିତାଙ୍କ ମାଆ ୭/୫/୨୫ ତାରିଖ ଦିନ ବୁଗୁଡା ପୋଲିସ ଥାନାରେ ଲିଖିତ ଅଭିଯୋଗ କରି ଯେଉଁ ଅଭିଯୁକ୍ତ ଜଣକ ଯେଉଁ ଫୋନରେ ଧମକ ଦେବାରୁ ତାଙ୍କ ନାବାଳିକା ଝିଅ ଆତ୍ମହତ୍ୟା କରିଥିଲେ ସେବିଷୟ ଜଣାଇଥିଲେ ମଧ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେହିଁ କେଶ କରିବାକୁ ଆଇଆଇସି ଶ୍ରୀ ମାନ୍ଧାତା କହିଥିଲେ। ନାବାଳିକା ଓ ଅଭିଯୁକ୍ତଙ୍କ ଫୋନ ଜବତ କରି ଅନୁସନ୍ଧାନ କରଥିଲେ ପ୍ରକୃତ ବିଷୟ ଜଣାପଡିଥାନ୍ତା। ଆଶା କରାଯାଉଛି ବୁଗୁଡା ଆଇଆଇସି ଏସବୁ ଘଟଣା ପରେ ପିଡିତାମାନଙ୍କୁ ଉପଯୁକ୍ତ ନ୍ୟାୟ ଦେବାକୁ ଆଗଭର ହେବେ ବୋଲି ଆଶା କରାଯାଉଛି।

# ଦାରୁପ୍ରାପ୍ତିସ୍ଥାନରେ ହେବ ମହାଯଜ୍ଞ, ଭାରତ ବିଜୟ ପାଇଁ ଆହୂତୀ



ଭୁବନେଶ୍ୱର/ଖୋର୍ଦ୍ଧା, ୧୩/୫: ଖୋର୍ଦ୍ଧାର ଦାରୁପ୍ରାପ୍ତିସ୍ଥାନ ଦଧିମାଛ ଗାଡ଼ିଆ ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥ ମନ୍ଦିର ଉନ୍ନୟନ ସମିତି ପକ୍ଷରୁ ମନ୍ଦିର ପ୍ରତିଷ୍ଠାର ସପ୍ତବିଂଶତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ବର୍ତମାନ ପାକିସ୍ଥାନ ସହ ଆମ ଦେଶର ଯୁଦ୍ଧ ଚାଲିଥିବାରୁ ଭାରତର ସୁବର୍ଣ୍ଣ ବିଜୟ ପାଇଁ ଆହୂତି ଦିଆଯାଇଛି। ଏହି ମହାଯଜ୍ଞରେ ଆସନ୍ତା ୧୧ତାରିଖ ଚାଲିବ। ପ୍ରତିଦିନ ବିଭିନ୍ନ ସାଧୁ ସନ୍ଥଙ୍କ ଦ୍ୱରା ପ୍ରବଚନ ଓ ଭଜନ କିର୍ତନ କରାଯିବ। ୮ତାରିଖ ସନ୍ଧ୍ୟାରେ ଅଙ୍କୁର ରୋପଣ କରାଯାଇଥିବା ବେଳେ ୯ତାରିଖ ସକାଳୁ ରାମଚରିତ ମାନସ ପରାୟଣ କରାଯାଇଥିଲା। ତେବେ ଭାରତ ଯୁଦ୍ଧରେ ବିଜୟ ପାଇଁ ସକାଳୁ ୧୦୮ ହନୁମାନ ଚାଳିଶା ପାଠ କରାଯିବା ସହ ମହାଯଜ୍ଞରେ ଆହୂତୀ ପ୍ରଦାନ କରାଯାଇଥିଲା। ଏହା ଆସନ୍ତା ୧୧ତାରିଖରେ ଅପରାହ୍ନ ୫ଟାରେ ପୂର୍ଣ୍ଣାହୁତୀ ଆୟୋଜିତ ହୋଇଛି। ଏଥିରେ, ମନ୍ତ୍ରୀ, ସାଂସଦ, ବିଧାୟକ, ନ୍ୟାୟଧୀଶ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ପ୍ରକାଶ ଥାଉକି, ୧୯୯୬ମସିହାରେ ଏହି ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଦାରୁ ପ୍ରାପ୍ତି ହୋଇଥିଲା।

# ଭାରତୀୟ ସେନାକୁ ସମର୍ଥନ ସହ କୃତଜ୍ଞତା ଜ୍ଞାପନ





ଭୁବନେଶ୍ୱର ,୧୩/୫: ଅପରେସନ ସିନ୍ଦୁରର ସଫଳତା ପାଇଁ ଭାରତୀୟ ସେନାକୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଛନ୍ତି ମିଳିତ ଗଣମାଧ୍ୟମ ମହାମଞ୍ଚ ଓ ସମାଜସେବୀ, ସାଧାରଣନାଗରିକ କ୍ଷ ମହାମଞ୍ଚ ପକ୍ଷରୁ ଅରବିନ୍ଦ ତ୍ରିପାଠୀ ଙ୍କ ସଂଯୋଜନା ଓ ସାମ୍ବାଦିକ ରମେଶ କୁମାର ମହାପାତ୍ର,ମୁଗୁପୁର ସମାଚାର ସମ୍ପାଦକ ମଦନ ମୋହନ ପାଢ଼ୀ, ନାରାୟଣ ସେବା ଫାଉଣ୍ଡେସନର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା, ପ୍ରମୁଖ ଏକାଠି ହୋଇ ସ୍ଥାନୀୟ ବୁଦ୍ଧ ମନ୍ଦିର ଗେଟ ସମ୍ମୁଖରେ ରେ ଭାରତୀୟ ସେନା ର ବୀରତ୍ୱ, ଦକ୍ଷତା, ଅଦମ୍ୟ ସାହସ, ସୌର୍ଯ୍ୟ ର ପରାକାଷ୍ଠା ଉପରେ ମତବ୍ୟକ୍ତ କରିବା ସହିତ ପାକିସ୍ତାନ ଅଧିକୃତ କାଶ୍ମୀର କୁ ଫେରାଇ ଆଣନ୍ତୁ ବୋଲି ସ୍ଲୋଗାନ ଦେଇ ଥିଲେ କ୍ଷ ଏଠାରେ ସୂଚନାଯୋଗ୍ୟ ଯେ, ଗତ ୨୨ ତାରିଖ ରେ ପହଲ ଗ୍ରାମ ଠାରେ ଅତି ବର୍ବରତା ସହ ଆମ ୨୬ ଜଣ ପର୍ଯ୍ୟଟକ ଙ୍କୁ ପାକିସ୍ତାନ ଆତଙ୍କବାଦୀ ଗୁଳି କରି ହତ୍ୟା କରିଥିଲେ କ୍ଷ ଅପରେସନ ସିନ୍ଦୁର ଜାରି ରହିଥିବା କୁ ଆମେ ସମ୍ପୂର୍ଣ୍ଣ ସମର୍ଥନ କରିବା ସହ ସରକାରଙ୍କ ସହ ଆମେ ଅଛୁ ବୋଲି ଶ୍ରୀଯୁକ୍ତ ପାଢ଼ୀ ମତବ୍ୟକ୍ତ କରିଥିଲେ କ୍ଷ କାର୍ଯ୍ୟକ୍ରମ କୁ ସମାଜସେବୀ ନାରାୟଣ ଖୁଣ୍ଟିଆ, ପ୍ରିୟବ୍ରତ ବାରିକ ଓ ପ୍ରଜ୍ଞା ପରିଚାଳନା କରିଥିଲେ ।

## ସମାଜବାଦୀ ନେତା, ପୂର୍ବତନ ବିଧାୟକ ନାରାୟଣ ସାହୁ ସ୍ମୃତି କମିଟି ଗଠିତ

ବ୍ରହ୍ମପୁର, , ୧୩/୫: ସ୍ଥାନୀୟ ନବୀନ ଭବନ ପରିସରରେ ଖଲିକୋଟର ପ୍ରାକ୍ତନ ବିଧାୟକ ତଥା ସମାଜବାଦୀ ନେତା ଓ ଗୋଆ। ମୁକ୍ତି ଆନ୍ଦୋଳନର ମହାନ ସଂଗ୍ରାମୀ ପୂଣ୍ୟଶ୍ଳୋକ ନାରାୟଣ ସାହୁଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ 'ନାରାୟଣ ସାହୁ ସ୍ମୃତି କମିଟି' ଗଠନ କରାଯାଇଛି। ବିଶିଷ୍ଟ ପରିବେଶବିତ୍? ତଥା ଜନ ଆନ୍ଦୋଳନର ନେତା ପ୍ରଫୁଲ ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ ହୋଇଥିବା ବେଳେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ସମ୍ପାଦକ ଦଣ୍ଡପାଣି ମହାପାତ୍ର ସମ୍ପାଦକ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି କମିଟିରେ ବରିଷ୍ଠ ଆଡ଼ଭୋକେଟ ଉଦୟ ନାଥ ପ୍ରଧାନ (କୋଦଳା), ଅବସରପ୍ରାପ୍ତ ପ୍ରଫେସର ଉଷାରାଣୀ ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ସାହୁ, ବିଜୟ କୁମାର ସାହୁ, ଅଶୋକ କୁମାର ସାହୁ, ସୁରେନ୍ଦ୍ର ଶତପଥୀ, ଅଙ୍ଗାରଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିପ୍ର ଚରଣ ସାହୁ, ଶିକ୍ଷକ ପ୍ରସନ୍ନ କୁମାର ନାୟକ, ଡ଼ା. ସୁରେନ୍ଦ୍ର ନାଥ ବାରିକ, ଗଦାଧର ପଣ୍ଡା, ଲକ୍ଷ୍ମୀପ୍ରିୟା ମହାନ୍ତି, ଦେବ ପ୍ରସାଦ ରାୟଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଛି । ଆଗାମୀ ଦିନରେ ଏହି କମିଟିକୁ କ୍ରିୟାଶିଳ କରାଯିବ ବୋଲି ମତ ପ୍ରକାଶ ପାଇଥିଲା । ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ସାହୁଙ୍କ ଜୟନ୍ତୀ ଓ ଶ୍ରାଦ୍ଧବାର୍ଷିକୀ ପାଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

# ଯୁଦ୍ଧ ଗୁଜବକାରୀ ସକ୍ରିୟ



ଭୁବନେଶ୍ୱର ,୧୩/୫: ଭାରତର ଅପରେସନ ସିନ୍ଦୁରର ସଫଳତା ପରେ ଏବେ ଆରମ୍ଭ ହୋଇଛି ଯୁଦ୍ଧ ଗୁଜବ । ଏହି ଗୁଜବରେ ଯୁଦ୍ଧ ଅପେକ୍ଷା ଯୁଦ୍ଧ ଭୟରେ କିଭଳି ବିଭିନ୍ନ ସାମଗ୍ରୀ ମହଜୁଦ ରଖିବ ତାହାକୁ ନେଇ ଭଳିକି ଭଳି ମାର୍ଗନିର୍ଦ୍ଦେଶିକା ଛଡାଯାଉଛି । ତେବେ ଏଭଳି ମାର୍ଗନିର୍ଦ୍ଦେଶିକା କିଏ କେଉଁଠାରୁ ଛାଡୁଛି ତାହାର କୌଣସି ସୂଚନା ନଥିବାବେଳେ ଲୋକେ କିନ୍ତୁ ସୋସିଆଲ ମିଡିଆରେ ଏହାକୁ ଅଧିକ ଭାବରେ ସେୟାର କରିବାରେ ଲାଗିଛନ୍ତି ।ସୋସିଆ ମିଡିଆରେ ଚକ୍କର କାଟୁଥିବା ଏହି ବେନାମୀ ମାର୍ଗଦର୍ଶିକାରେ ପ୍ରଥମେ ରହିଛି ଯୁଦ୍ଧ ସମୟରେ ନିଜ ପାଖରେ ଅତି କମ୍?ରେ ନଗଦ ୫୦ହଜାର ଟଙ୍କା ଗଚ୍ଛିତ ରଖନ୍ତୁ । ଏଥି ସହିତ ଗାଡି ପାଇଁ ତେଲ, ରୋଗୀଙ୍କ ପାଇଁ ଔଷଧ ସହିତ ଅନ୍ୟାନ୍ୟ ସାମଗ୍ରୀ କଥା ଉଲ୍ଲେଖ କରାଯାଇଛି । ଏଭଳି ମାର୍ଗଦର୍ଶିକା ଏବେ ଏ ମୋବାଇଲ୍?ରୁ ସେ ମୋବାଇଲ୍? ଚକ୍କର କାଟୁଥିବାବେଳେ ଲୋକେ ବି ଏହା ସହିତ ଆଉ କିଛି ସୂଚନା ଯୋଡି ଛାଡିବାରେ ଲାଗିଛନ୍ତି ।ଏଭଳି ବେନାମୀ ବାର୍ତ୍ତା ସହରରୁ ଗାଁ ପର୍ଯ୍ୟନ୍ତ ବ୍ୟାପୁଥିବାରୁ ଲୋକଙ୍କ ଉପରେ ମଧ୍ୟ ଧିରେ ଧିରେ ଏହାର ପ୍ରଭାବ ପଡିବାରେ ଲାଗିଛି । କିଛି ଲୋକେ ଏଥିରେ ପ୍ରଭାବିତ ହୋଇ ଏଟିଏମରୁ ଟଙ୍କା ଉଠାଇବା ସହିତ ନିଜ ପାଖରେ ଥିବା ଟଙ୍କାକୁ ଆଉ ବ୍ୟାଙ୍କ୍?ରେ ଜମା କରୁନାହାନ୍ତି । ନଗଦ ଗଚ୍ଛିତ ରଖିବା ପାଇଁ କିଛି ଲୋକ ଖର୍ଚ୍ଚ ବି କମାଇବାରେ ଲାଗିଛନ୍ତି । ଏଥି ସହିତ ଔଷଧ ମଧ୍ୟ କିଣିବାରେ ଲାଗିଛନ୍ତି ।ଏଭଳି ବେନାମୀ ମାର୍ଗଦର୍ଶିକା ସୋସିଆଲ ମିଡିଆରେ ଘୂରି ବୁଲିବା ପରେ ଏହାକୁ ନିୟନ୍ତ୍ରଣ ଲାଗି ଯଦିଓ ସେଭଳି ପଦକ୍ଷେପ ନିଆଯାଇ ନାହିଁ, କିନ୍ତୁ ସରକାରୀ କଳ ଏ ଦିଗରେ ପଦକ୍ଷେପ ଆରମ୍ଭ କରିଛି । ରାଜ୍ୟରେ ସବୁ ସାମଗ୍ରୀ ମହଜୁଦ ରହିଛି ଏବଂ ଯଦି କୌଣସି ସ୍ଥାନରେ ଅଭାବ ବୋଲି ଦର୍ଶାଯାଏ ତେବେ ସରକାର କଡା ପଦକ୍ଷେପ ଗ୍ରହଣ କରିବେ ବୋଲି କୁହାଯାଉଛି ।ତେବେ ବର୍ତ୍ତମାନ ସୁଦ୍ଧା ସୋସିଆଲ ମିଡିଆରେ ବିଭିନ୍ନ ଭାଷାରେ ଘୂରି ବୁଲୁଥିବା ଏହି ଗୁଜବକୁ କିଏ କେଉଁଠାରୁ ଛାଡି ଲୋକଙ୍କୁ ଭୟଭୀତ କରୁଛି ସେ ଦିଗରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଗୁଜବକାରୀମାନେ ଅଧିକ ଉତ୍ସାହିତ ହୋଇ ନୂଆ ନୂଆ ଗୁଜବ ଛାଡିବାରେ ଲାଗିଛନ୍ତି । ଇତି ମଧ୍ୟରେ କେନ୍ଦ୍ର ସରକାର ଓଟିଟି ପ୍ଲାଟଫର୍ମରୁ ପାକିସ୍ତାନୀ କଣ୍ଟେଣ୍ଟ ହଟାଇବାପାଇଁ ନିର୍ଦ୍ଦେଶ ଦେଇଥିବାରୁ ଖୁବ୍?ଶୀଘ୍ର ସୋସିଆଲ ମିଡିଆ ଗୁଜବକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଆଇଟି ବିଶେଷଜ୍ଞମାନେ ଆଶା ପ୍ରକାଶ କରୁଛନ୍ତି ।

# ଭାରତର ବୀର ସୈନିକମାନଙ୍କୁ ସମର୍ଥନ ଜଣାଇ ପିସିସି ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର,୧୩/୫: ଭାରତର ବୀର ସୈନିକମାନେ ଯେପରି ଅଦ୍ୟମ ସାହସ ଓ ପରାକାଷ୍ଠା ଦେଖାଇ ସୀମାପାର ଆତାଙ୍କବାଦୀ ଏବଂ ଆତଙ୍କବାଦୀଙ୍କ ଶିବର ଉପରେ ଯେଉଁଭଳି ଭାବରେ ସାମରିକ କାର୍ଯ୍ୟାନୁଷ୍ଠାନ କରି ପ୍ରତିଶୋଧ ନେଇଛନ୍ତି ସେମାନଙ୍କୁ ଦୃଢ଼ ସମର୍ଥନ ଜଣାଇ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଲେ ଯେ ପଡୋଶୀ ରାଷ୍ଟ୍ର ପାକିସ୍ଥାନ ଆତଙ୍କବାଦୀଙ୍କ ଚରାଭୂଇଁ। ଆତଙ୍କବାଦୀ କାର୍ଯ୍ୟକଳାପକୁ ଉତ୍ସାହିତ କରିବା ସହିତ ସେମାନଙ୍କୁ ସମସ୍ତ ଆର୍ôଥିକ, ଗୋଳାବାରୁଦ ଠାରୁ ଆରମ୍ଭ କରି ସାମରିକ ସହାୟତା ମଧ୍ୟ ପ୍ରଦାନ କରୁଛି। ଭାରତ ମାଟିରେ ଆତଙ୍କବାଦୀ ଓ ଆତଙ୍କବାଦ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ ବୋଲି ସେ ଦୃଢ଼ ସ୍ୱରରେ କହିଛନ୍ତି। ଦେଶମାତୃକାକୁ ରକ୍ଷା କରିବାପାଇଁ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ଆମର ବୀର ଯବାନମାନେ ଯେଉଁଭଳି ସେବା କରୁଛନ୍ତି ଓ ପାକିସ୍ଥାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ସେମାନଙ୍କୁ ସମର୍ଥନ ଓ ସମ୍ମାନ ଜଣାଇବା ହେଉଛି ଆଜିର ଏହି ରକ୍ତଦାନ ଶିବିର। ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ନଗେନ୍ଦ୍ର ପ୍ରଧାନ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ଡ.ଦେବାଶିଷ ପଟ୍ଟନାୟକ, ମନୋଜ ସିଂ, ମନୋରଞ୍ଜନ ଦାଶ, ନବଜ୍ୟୋତି ପଟ୍ଟନାୟକ, ରଣଜିତ ପାତ୍ର, ମହମ୍ମଦ ଇମଦାଦ, ପ୍ରକାଶ ମିଶ୍ର, ସୁଶାନ୍ତ ତ୍ରି ।ଠୀ, ସତ୍ୟବ୍ରତ ନାୟକ, ପ୍ରଦୀପ ମହାପାତ୍ର,ସୁଧାଂଶୁ ଦେଓ, ଉଦିତ ପ୍ରଧାନ, ସିର୍ଦ୍ଧାଥ ଦାସ, ବିଜୟାନନ୍ଦ ଚାଉଳିଆ, ମାନସ ମଲ୍ଲିକ, ଆଶିଷକୁମାର ମାହୁନ୍ତ, ଦେବପ୍ରସାଦ ନାୟକ, ପ୍ରକାଶ ଜେନା, ଲିଙ୍ଗରାଜ ସାହୁ, ରାଜକିଶୋର ବାରିକ,ପ୍ରଶନ୍ନ ନାୟକ, ସଂଜୟ କୁମାର ମଣ୍ଡଳ, ଜୟକୃଷ୍ଣ ସୁବୁଦ୍ଧି, ଉମେଶ ଚନ୍ଦ୍ର ଦାସ, ଦେବ ପ୍ରସାଦନାୟକ, ବିରଞ୍ଚି ବାରିକ ପ୍ରମୁଖ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

# ଭୂମିପୁତ୍ର ସିନିୟର୍ ସିଟିଯେନ୍ ଫୋରମ୍ ର ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ



ଭୁବନେଶ୍ୱର, ୧୩/୫: ବିଏମସି ୱାର୍ଡ ନମ୍ବର ୫୩ କାର୍ଯ୍ୟାଳୟର କମୁନିଟି ହଲରେ ଭୂମିପୁତ୍ର ସିନିୟର୍ ସିଟିଜେନ ଏରୋଡ୍ରମ ଏରିଆ ଆସୋସିଏସନ୍ ଲାୟନ୍ସ କ୍ଲବ୍ ନେତାଜୀ ସହ ମିଶି କର କ୍ଲିନିକ୍ ସହାୟତାରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରିଥିଲେ ।ବିଏମ୍ସି ୫୩ ନମ୍ବର ୱାର୍ଡ କର୍ପୋରେଟର ମହାମାୟା ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ ଓ ବିଏମସୀ ମେୟର ସୁଲୋଚନା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୟସ୍କ ଲୋକମାନଙ୍କର ଏଭଳି ପ୍ରୟାସର ପ୍ରଶଂସା କରିଥିଲେ। ଆରମ୍ଭରେ ଏହି ସେବା ଶିବିରରେ ଯୋଗଦେଇଥିବା ଡ଼ାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ କର୍ପୋରେଟର ମହାମାୟା ସ୍ୱାଇଁ ଓ ଲାୟନ୍ସ କ୍ଲବ୍ ନେତାଜୀ ସମ୍ପାଦିକା ସ୍ୱର୍ଣ୍ଣ ପ୍ରଭା ପାତ୍ର ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ନିଶୁଳ୍କ ଶିବିରକୁ ବହୁ ସଂଖ୍ୟାରେ ଲୋକମାନେ ଆସି ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଡ଼ାକ୍ତର ମାନଙ୍କ ପାଖରେ ପରୀକ୍ଷା କରାଇଥିଲେ ଓ ମାଗଣାରେ ଔଷଧ ନେଇଥିଲେ। ଆଜିର ଏହି ନିଶୁଳ୍କ ସ୍ୱାସ୍ଥ୍ୟ ସେବାର ମୁଖ୍ୟ ଆକର୍ଷଣ ଥିଲା ଦାନ୍ତ ଓ ଚକ୍ଷୁ ପରୀକ୍ଷା ଓ ତାର ଔଷଧ ବଣ୍ଟନ। ଆୟୁର୍ବେଦିକ ହୋମିଓପାଥିକ ଓ ଏଲୋପାଥିକ ଡ଼ାକ୍ତର ମାନେ ଉପସ୍ଥିତ ରହି ଲୋକମାନଙ୍କୁ ସବୁ ପ୍ରକାର ଚିକିତ୍ସା ସୁବିଧା ଯୋଗାଇଥିଲେ। ଭୂମିପୁତ୍ର ସିନିୟର୍ ସିଟିଯେନ୍ ଫୋରମର ସଭାପତି ଡ଼ାକ୍ତର ହୃଦାନନ୍ଦ ସାମନ୍ତ ଏହି ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିଲେ। ଡ଼ାକ୍ତର ଋତୁପର୍ଣ୍ଣା ବିଶ୍ୱାଳ, ଡ଼ାକ୍ତର ଗୌରୀଶଙ୍କର ମିଶ୍ର, ଡ଼ାକ୍ତର ପଦ୍ମଜା ମିଶ୍ର, ଡ଼ାକ୍ତର ସସ୍ମିତା ବେହେରା, ଡ଼ାକ୍ତର ଆଶୁତୋଷ ପ୍ରଧାନ ଓ ଡ଼ାକ୍ତର ପ୍ରିୟରଞ୍ଜୀନ ସାହୁ ଲୋକମାନଙ୍କର ଚିକିତ୍ସା କରିଥିଲେ।

## ବିଶ୍ୱ ଶାନ୍ତି ଓ ଭାରତରେ ଚାଲିଥିବା ଯୁଦ୍ଧ ପରିସ୍ଥିତିର ପ୍ରଭାବକୁ ପ୍ରଶମିତ କରିବା ପାଇଁ ଏକ ଦ୍ୱିବସୀୟ ଯୋଗ ଭଟ୍ଟୀ



କଟକ,୧୩/୫: ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ୨୬.୪.୨୫ ଓ ୨୭.୪.୨୫ ଦ୍ୱିଦିବସୀୟ ବାର୍ଷିକ ମିଟିଙ୍ଗ୍‌ରେ ସ୍ଥିରୀକୃତ ହୋଇଥିବା ତରଫରୁ ୧୦/୫/୨୫ ରିଖରେ ବର୍ଷର ପ୍ରଥମ ଏକ ଦିବସୀୟ ଯୋଗ ଭଟ୍ଟୀ ବିଷେଶ କରି ବିଶ୍ୱ ଶାନ୍ତି ଓ ଭାରତରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ମଧ୍ୟରେ ସମସ୍ତ ପିଡୀତ ଆତ୍ମାମାନଙ୍କୁ ଶାନ୍ତି ଶକ୍ତି ପ୍ରଦାନ ତଥା ଏହି ଯୁଦ୍ଧର ପ୍ରଭାବକୁ ପ୍ରଶମିତ କରିବା ପାଇଁ ମନ୍‌ସା ସେବା ଓ ସକାଶ ପ୍ରଦାନ ଅର୍ଥରେ ଆୟୋଜିତ ହୋଇଯାଇଛି ।ଏହି ଏକ ଦ୍ୱିବସୀୟ ଭଟ୍ଟୀ ଦିବା ୧୦ ଘଟିକା ସମୟରେ ବ୍ରହ୍ମାକୁମାରୀ କଟକ ସବ୍‌ଜୋନ୍‌ର ମୁଖ୍ୟ ସଂଚାଳିକା ରାଜଯୋଗିନୀ ଡଃ. କମଲେଶ ଦିଦିଙ୍କ କରକମଳରେ ଉଦ୍‌ଘାଟିତ ହୋଇଥିଲା। ପ୍ରାରମ୍ଭରେ ବଡ ଦିଦି ଉପସ୍ଥିତ ପ୍ରତ୍ୟେକ ଭାଇ ଭଉଣୀଙ୍କୁ ତିଳକ ଦେଇ ଆତ୍ମ ସ୍ମୃତିକୁ ଜାଗ୍ରତ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ଭଟ୍ଟୀର ଯୋଗ ଜ୍ୟୋତିର ଶୁଭାରମ୍ଭ ହୋଇଥିଲା। ଏଥିରେ ରାଜଯୋଗିନୀ ବ୍ର.କୁ. ସୁଲୋଚନା ଦିଦି ଏହାର ସଫଳତା ପାଇଁ ଶୁଭ ମନାସି ଥିଲେ। ବ୍ର.କୁ. ତିବେଣୀ ଭଉଣୀ ମଧ୍ୟ ଶୁଭଭାବନା ବ୍ୟକ୍ତ କରିଥିଲେ। ପ୍ରଥମ ବାର୍ଷିକ ଭଟ୍ଟୀ ଥିଲା। ଏଥିରେ ୩୦/୩୫ ଜଣ ଭାଇ ଭଉଣୀ ଓ ମାତାମାନେ ଯୋଗଦାନ ଦେଇ ଲାଭାନ୍ୱିତ ହେଲେ ।ଦିନ ୧୦ଟାରୁ ଅପରାହ୍ନ ଗୋଟାଏ ତଥା ଅପରାହ୍ନ ୩ ଟାରୁ ୫ଟା ପର୍ଯ୍ୟନ୍ତ ଏହି ଯୋଗ ଭଟ୍ଟୀ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା। ପ୍ରତେକ ଘ□ାରେ ଭିନ୍ନ ଭିନ୍ନ ଏକ ଦୃଢ ସଂକଳ୍ପ ଉପରେ ଏକଗ୍ରତାର ସହିତ ଯୋଗର ଶକ୍ତି ଓ ଭାଇବ୍ରେସନ୍ ବିତରଣ କରିବାର ମନ୍‌ସା ହେବାର ପ୍ରୟୋଗ ହୋଇଥିଲା ।ଏହିପରି ଝରଇ ଡସଭଶ ତରଫରୁ ପ୍ରତ୍ୟେକ ମାସରେ ୨ଟି ଲେଖାଏଁ ୧୨ ମାସରେ ୨୪ଟି ଯୋଗ ଭଟ୍ଟୀ କଟକ ସବ୍‌ଜୋନ୍ ତରଫରୁ ରଖାଯିବାର କାର୍ଯ୍ୟକ୍ରମ ରହିଛି ଏବଂ ଏକ ବିଶେଷ ଭଟ୍ଟୀ କାର୍ଯ୍ୟକ୍ରମ ରହିବ। ଏହିପରି ୨୫ଟି ଯୋଗ ଭଟ୍ଟୀ ଆୟୋଜନ ହେବ ବୋଲି ମୋହନ ଭାଇ ପ୍ରକାଶ କରିଛନ୍ତି।

# ନ୍ୟାୟ ଅପେକ୍ଷାରେ କଟକ ମଦମୃତ୍ୟୁ କ୍ଷତିଗ୍ରସ୍ତ

ଭୁବନେଶ୍ୱର,୧୩/୫: ବହୁଚର୍ଚ୍ଚିତ କଟକ ମଦମୃତ୍ୟୁ ଦୁର୍ଘଟଣାର ଇତିମଧ୍ୟରେ ୩୩ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଏଥିରେ କ୍ଷତିଗ୍ରସ୍ତ ଶହସ୍ରାଧିକ ପରିବାର ଏଯାବତ୍? ନ୍ୟାୟ ପାଇପାରି ନାହାନ୍ତି । ୧୯୯୨ ମସିହା ମଇ ୭ ତାରିଖରେ ଘଟିଥିବା ଏହି ମଦମୃତ୍ୟୁ ଦୁର୍ଘଟଣାରେ ଶହସ୍ରାଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଢେର ଅଧିକ ସଂଖ୍ୟକ ଲୋକ ଅକର୍ମଣ୍ୟ ହୋଇପଡିଥିଲେ । ତେବେ ସରକାରୀ ଭାବେ ମୃତାହତଙ୍କ ସଂଖ୍ୟା ଢେର କମ୍? ଦର୍ଶାଯାଇଥିବା ସେବେଠାରୁ କୁହାଯାଉଛି ।କଟକ ମଦମୃତ୍ୟୁ ଦୁର୍ଘଟଣାର ଦୀର୍ଘଦିନ ପରେ ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ର ନାଥ ଦାସ ଓରଫ ବେଲୁକୁ କଲିକତାରୁ ଓଡ଼ିଶା ପୋଲିସ ନାଟକୀୟ ଭାବେ ଉଠାଇ ଆଣିଥିଲା । ଏହି ମଦମୃତ୍ୟୁ ଦୁର୍ଘଟଣା ସେ ସମୟରେ କେବଳ ଓଡ଼ିଶା କାହିଁକି ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥିଲା ଏବଂ ୧୯୯୫ରେ ବିଜୁ ପଟ୍ଟନାୟକଙ୍କ ସରକାରର ପତନର ଏହା ଅନ୍ୟତମ କାରଣ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଥାନ୍ତି ।କଟକ ମଦମୃତ୍ୟୁ ଦୁର୍ଘଟଣାର ତଦନ୍ତ ଭାର କ୍ରାଇମ୍?ବ୍ରାଞ୍ଚକୁ ସେତେବେଳେ ରାଜ୍ୟ ସରକାର ଦେଇଥିଲେ । କ୍ରାଇମ୍?ବ୍ରାଞ୍ଚର ଜଣେ ବରିଷ୍ଠ ତଦନ୍ତକାରୀ ଅଧିକାରୀ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ ଯେ ଖାକି ପୋଷାକ ପରିହିତ ଅବକାରୀ ଓ ପୋଲିସ ବିଭାଗର କେତେକ କର୍ମଚାରୀ ଚୋରା ମଦ ବେପାରୀର ପୋଷା କୁକୁର ଭଳି କାମ କରୁଥିବାରୁ ସେ ତାହାର ଚୋରା ନିଶା ସାମ୍ରାଜ୍ୟ ବଢ଼ାଇବା ବେଳେ ଏମାନଙ୍କ ଉପସ୍ଥିତି ବି ଅନୁଭବ କରିପାରୁ ନଥିଲା ।ଏହି ଘଟଣାର ପ୍ରଶାସନିକ ତଦନ୍ତ ଭାର ଦିଆଯାଇଥିଲା ତତ୍କାଳୀନ କେନ୍ଦ୍ରୀୟ ରାଜସ୍ୱ ଡିଭିଜନ୍? କମିଶନର ସୁଧାଂଶୁ ମୋହନ ପଟ୍ଟନାୟକଙ୍କୁ । ଶ୍ରୀ ପଟ୍ଟନାୟକ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ ଯେ ଥାନା, ଫାଣ୍ଡିଠାରୁ ଆରମ୍ଭ କରି ସରକାର ଚଳାଉଥିବା ବହୁ ବ୍ୟକ୍ତି ବିଶେଷ ଚୋରା ମଦ ବେପାରୀ ଠାରୁ ନିୟମିତ ବଟି ନେଉଥିଲେ ବୋଲି ।ଏ ପ୍ରସଂଗରେ କଟକରେ ଜନଆନ୍ଦୋଳନ ଚାଲୁଥିବା ବେଳେ ସେତେବେଳର ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଂପାଦକ ପ୍ରହଲ୍ଲାଦ କୁମାର ସିଂହ ଏ ପ୍ରସଂଗରେ ଓଡ଼ିଶା ହାଇକୋର୍ଟର ତତ୍କାଳୀନ ମୁଖ୍ୟ ବିଚାରପତି ବନୱାରୀ ଲାଲ ହଂସାରିଆଙ୍କୁ ଏକ ଆବେଗଭରା ପତ୍ର ଲେଖିଥିଲେ । ଏହି ପତ୍ରକୁ ଓଡ଼ିଶା ହାଇକୋର୍ଟ ଜନସ୍ୱାର୍ଥ ସମ୍ବଳିତ ମାମଲା ଭାବେ ଗ୍ରହଣ କରିଥିଲେ । ଏହାଛଡ଼ା ଆଉ ଦୁଇଜଣ ଯୁବ ଓକିଲ ଜନମୋହନ ଦାସ ଓ ଅନୁକୂଳଚନ୍ଦ୍ର ପ୍ରଧାନ ମଧ୍ୟ ବିଧିବଦ୍ଧ ଭାବେ ଅଦାଲତରେ ମାମଲା ରୁଜୁ କରିଥିଲେ । ଏହି ମାମଲାର ବିଚାର କରି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହିତ ପୀଡ଼ିତ ପରିବାରଙ୍କୁ କ୍ଷତିପୂରଣ ଲାଗି କହିଥିଲେ । ଏହି ରାୟକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ରାଜ୍ୟ ସରକାର ରୁଜୁ କରିଥିବା ରିଭ୍ୟୁ ପିଟିସନ୍ ଖାରଜ ହେବା ପରେ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା ଦାଏର ହୋଇଥିଲା । ରାମ ଜେଠାମାଲାନୀ, ଜଷ୍ଟିସ୍? ଭି.ଏମ୍?. ତାରକୁଣ୍ଡେଙ୍କ ଭଳି ବରିଷ୍ଠ ଆଇନ୍?ଜୀବୀମାନେ ମାଗଣାରେ ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ମାମଲା ପରିଚାଳନାରେ ସହଯୋଗ କରିଥିଲେ । ଏହି ମାମଲା ବିଚାରାଧୀନ ଥିବାବେଳେ ବିଧାନସଭାରେ ବିଧିବଦ୍ଧ ପ୍ରସ୍ତାବ ଆଣି ଓଡ଼ିଶା ସରକାର ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ବାଳକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିଶନ ବସାଇଥିଲେ ।ଜଷ୍ଟିସ ବେହେରା କମିଶନ ପ୍ରାୟ ଦୁଇବର୍ଷ ଧରି ତଥ୍ୟ ପ୍ରମାଣ ଯୋଗାଡ଼ କରିବା ସହ ବ୍ୟକ୍ତି ବିଶେଷ ଓ ଅଧିକାରୀମାନଙ୍କ ବୟାନ ରେକର୍ଡ କରି ଶେଷରେ ରାଜ୍ୟ ସରକାରଙ୍କୁ ଦେଇଥିବା ତାଙ୍କ ଦୀର୍ଘ ରିପୋର୍ଟରେ ଚୋରା ମଦ ବେପାରୀକୁ ସେତେବେଳର ଦୁଇଜଣ ମନ୍ତ୍ରୀଙ୍କ ସମେତ ୪ଜଣ ରାଜନେତା ପୃଷ୍ଠପୋଷକତା ଓ ସହାୟତା ଯୋଗାଉଥିବା ଉଲ୍ଲେଖ କରିବା ସଂଗେ ସଂଗେ ଏହା ରାଜନୀତିର ଅପରାଧିକରଣ ଓ ଅପରାଧର ରାଜନୀତିକରଣ ବୋଲି ସ୍ପଷ୍ଟ ମତ ରଖିଥିଲେ । କମିଶନ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ସୁପାରିସ କରିଥିଲେ । ଏସବୁ ସତ୍ତ୍ୱେ କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ଏଯାବତ୍ ନ୍ୟାୟ ଓ ପର୍ଯ୍ୟାପ୍ତ କ୍ଷତିପୂରଣ ପାଇନଥିଲେ ମଧ୍ୟ ରାଜ୍ୟରେ ନିଶା ନିବାରଣ ଆନ୍ଦୋଳନର ଏହା ଥିଲା ଅନ୍ୟତମ ପୃଷ୍ଠଭୂମି ।



PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ